ବର୍ଷ-୨୫, ସଂଖ୍ୟା-୧୪୮
ଭୁବନେଶ୍ୱର
୩୧, ମଇ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 148
Bhubaneswar
31,May, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କ୍ୱାଲିଫାୟାର-୨ରେ ମୁମ୍ବାଇ



## ଲୁଟ୍ ବିସ୍ଫୋରକ ଜବତ

ରାଉରକେଲା,୩୦।୫(ମହାଭାରତ): ସୁନ୍ଦରଗଡ଼ ଜିଲ୍ଲା କେବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥରଖଣିକୁ ପହଞ୍ଚିବା ପୂର୍ବରୁ ଗତ ୨୭ ତାରିଖ ଦିନ ଲୁଟ୍ ହୋଇଥିବା ବିପୁଳ ପରିମାଣ ବିସ୍ଫୋରକ ସାମଗ୍ରୀ ଆଜି ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରୁ ଉଦ୍ଧାର ହୋଇଛି। ସୁରକ୍ଷା ବାହିନୀର ଯବାନମାନେ ଏହାକୁ ସିଂହଭୂମ ଜିଲ୍ଲା ତିରିଲପୋଷି ଠାରେ ଜବତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ୩ ଟନ୍ ବିସ୍ଫୋରକ ମିଳିଥିବା ସୂଚନା ମିଳିଛି। ଏ ନେଇ ଅଧିକ ସୂଚନା ଦେଇଛନ୍ତି ପଶ୍ଚିମାଂଚଳ ଡିଆଇଜି ବ୍ରିଜେଶ ରାଏ। ସୁରକ୍ଷା ବାହିନୀ ସହିତ ମାଓବାଦୀଙ୍କର ଗୁଳିବିନିମୟ ଜାରି ରହିଛି।



ସୁନ୍ଦରଗଡ଼ ବଡ଼ଗାଁରୁ ଆସୁଥିବା ବିସ୍ଫୋରକ ବୋଝେଇ ଗାଡ଼ି ଆସୁଥିବା ବେଳେ ଗତ ୨୭ ତାରିଖ ଦିନ ଲୁଟ୍ ହୋଇଥିଲା। ଗାଡ଼ି ସହ ଲୁଟ୍ ହୋଇଥିବା ପ୍ରାୟ ୪ ଟନ୍ ବିସ୍ଫୋରକର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଗାଡ଼ିକୁ ଅଜ୍ଞାତ ୩୦ରୁ ୪୦ ଜଣ ଲୁଟିଥିବା କୁହାଯାଉଥିବାବେଳେ ସେମାନେ ମାଓବାଦୀ ହୋଇଥିବା ସନ୍ଦେହ କରାଯାଇଥିଲା। ଖଣି ପହଞ୍ଚିବାକୁ ଆଉ ଅଳ୍ପଦୂର ଥିବାବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ପାଖାପାଖି ୩୦ରୁ ଅଧିକ ଅଜ୍ଞାତବ୍ୟକ୍ତି ଗାଡ଼ିକୁ ଘେରି ଯାଇଥିଲେ।ଏହାପରେ ସେମାନେ ଗାଡ଼ି ସହ ବିସ୍ଫୋରକକୁ ଲୁଟି ନେଇଥିଲେ।ଏହା ପରେ ଖଣି କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ପୁଲିସ ଗୋଟିଏ ଟିମ୍ ଗଠନକରି ଛାନଭିନ୍ ଆରମ୍ଭ କରିଥିଲା। ଏହାପରେ ପୁଲିସ ଓ ସିଆରିପିଏଫ୍ ଟିମ୍ ସରଣ୍ଡା ଜଙ୍ଗଲରେ ନିଜର କୁମ୍ବିଂ ଅଭିଯାନ ଆରମ୍ଭ କରିଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାବେଳକୁ ସରଣ୍ଡା ଜଙ୍ଗଲର ଆଭ୍ୟନ୍ତରରୁ ବିସ୍ଫୋରକବୋଝେଇ ଗାଡ଼ିର ସନ୍ଧାନ ମିଳିଥିଲା। କେବଲାଙ୍ଗ ଥାନା ଅନ୍ତର୍ଗତ ଜଙ୍ଗଲମାନଙ୍କରେ କିଛିଦିନ ଧରି ମାଓବିରୋଧି ଅପରେସନ୍ ଜାରିରହିଛି। ତେଣୁ ମାଓବାଦୀମାନେ ଗାଡ଼ିକୁ ଲୁଟିନେଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି।

# ଭିଜିଲାନ୍ସ ଜାଲରେ କୁବେର ଯନ୍ତ୍ରୀ

ଭୁବନେଶ୍ୱର,୩୦।୫(ମହାଭାରତ): ଦିନକ ପରେ ଚାକିରିରୁ ଅବସର ନେଇଥା'ନ୍ତେ। ହେଲେ ଏହା ପୂର୍ବରୁ ଆୟବହିର୍ଭୂତ ସଂପତି ଠୁଳ ଅଭିଯୋଗରେ ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟ ଯନ୍ତ୍ରୀ ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଅନୁଗୁଳସ୍ଥିତ ବାସଭବନ ସମେତ ୭ ସ୍ଥାନରେ ଅତର୍କିତ ଚଡ଼ାଉ କରି ଆଖିଖୋସିଲା ଭଳି ସମ୍ପତ୍ତି ଜବତ କରିଛି ଭିଜିଲାନ୍ସ। ତେବେ ଚର୍ଚ୍ଚାର ବିଷୟ ଯେ, ଭିଜିଲାନ୍ସ ଅଧିକାରୀମାନଙ୍କୁ ଦେଖି ଝରକା ଦେଇ ପ୍ରାୟ ୩୭ ଲକ୍ଷ ଟଙ୍କା ଫିଙ୍ଗି ଦେଇଥିଲେ।

ଚଡ଼ାଉ ସମ୍ପର୍କରେ ସୂଚନା ଦେଇ ଭିଜିଲାନ୍ସ ମୁଖ୍ୟ ଯଶୋବନ୍ତ ଯେଠୱା କହିଛନ୍ତି ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ଘରୁ ନଗଦ ଅଢ଼େଇ କୋଟି ଜବତ କରିଛୁ। ଏପର୍ଯ୍ୟନ୍ତ ମୁଖ୍ୟଯନ୍ତ୍ରୀଙ୍କ ଘରୁ ନଗଦ ୨.୫ କୋଟି ଟଙ୍କା ମିଳିଲାଣି। ଅନୁଗୁଳ ଘରୁ ୧.୩ କୋଟି ଓ ଭୁବନେଶ୍ୱର ଘରୁ ୧.୨ କୋଟି ଜବତ ହୋଇଛି। କାର୍ଟୁନ ଭିତରେ ଟଙ୍କା ଥିଲା । ଭିଜିଲାନ୍ସକୁ ଦେଖି ଟଙ୍କା ଝରକା ଦେଇ ବାହାରକୁ ଫିଙ୍ଗିଥିଲେ। ଯନ୍ତ୍ରୀଙ୍କର ୨ଟି ବହୁତଳ କୋଠା ସହ ୨ଟି ଫ୍ଲାଟ୍ ଓ ୭ଟି ପ୍ଲଟ୍ ଅଛି। ଦେଢ଼ କୋଟି ଟଙ୍କାର ବ୍ୟାଙ୍କ ଓ ବୀମା ଜମା ଠାବ ହୋଇଛି। ସେୟାର ମାର୍କେଟରେ ୨.୭ କୋଟି ନିବେଶ ରହିଛି। କିଏ ଟଙ୍କା ଦେଇଥିଲା ତାହା ଜଣା ପଡିନି । ତାଙ୍କ ଅଧୀନରେ ହୋଇଥିବା ସବୁ କାମ ଯାଂଚ କରାଯିବ।ଯଦି କିଛି ଦୁର୍ନୀତି ବାହାରିବ ତାହାର ତଦନ୍ତ ହେବ। ଆସନ୍ତାକାଲି ସେ ଅବସର ନେବାର ଥିଲା ।













ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କର ଚାକିରି ଆସନ୍ତାକାଲି ଶେଷ ହେଉଥିବା ବେଳେ ସେ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଆଜି ଭିଜିଲାନ୍ସ ତାଙ୍କର ଭୁବନେଶ୍ୱର ସ୍ଥିତ ଫ୍ଲାଟ୍ ସମେତ ମୋଟ ୭ଟି ସ୍ଥାନରେ ଚଢ଼ାଉ କରିଛି। ଭୁବନେଶ୍ୱରର ଡୁମଡୁମା ସ୍ଥିତ ଫ୍ଲାଟରେ ଭିଜିଲାନ୍ସ ଚଢ଼ାଉ କରିବାକୁ ଯାଇଥିବା ବେଳେ ବୈକୁଣ୍ଠନାଥ ଷଡ଼ଙ୍ଗୀ ଝରକା ଦେଇ ବିଡ଼ା ବିଡ଼ା ନୋଟ୍ ତଳକୁ ଫୋପାଡ଼ି ଦେଇଥିଲେ। ସେଗୁଡ଼ିକ ସବୁ ୫୦୦ ଟଙ୍କିଅର ନୋଟ୍ ବିଡ଼ା ଥିଲା। ଭିଜିଲାନ୍ସ ଅଧିକାରୀମାନେ ସେହି ଟଙ୍କାକୁ ଜବତ କରିଛନ୍ତି। ମୋଟ ୩୭ ଲକ୍ଷ ଟଙ୍କା ସେ ଝରକା ଦେଇ ଫୋପାଡ଼ି ଦେଇଥିଲେ, ଯାହା ପାଖରେ ଥିବା ଏକ ଘରର ଆଜବେଷ୍ଟସ ଛାତରେ ପଡ଼ିଥିଲା। ତାଙ୍କର ଭୁବନେଶ୍ୱର ସ୍ଥିତ ଏହି ଫ୍ଲାଟରୁ ୧.୨୧ କୋଟି

### ଭିଜିଲାନ୍ସ ଜାଲରେ ଭୁବନେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗର ମୁଖ୍ୟଯନ୍ତ୍ରୀ

### ଭୁବନେଶ୍ୱର ଓ ଅନୁଗୁଳରୁ ନଗଦ ୨.୫ କୋଟି ଜବତ

ନଗଦ ଟଙ୍କା ଜବତ କରାଯାଇଛି। ସେହିପରି ତାଙ୍କର ଅନୁଗୋଳର କରଡ଼ାଗାଡ଼ିଆ। ସ୍ଥିତ ଦୁଇ ମହଲା ବିଶିଷ୍ଟ ଘରୁ ଭିଜିଲାନ୍ସ ୧.୩୦ କୋଟି ନଗଦ ଟଙ୍କା ଜବତ କରିଛି। ତାଙ୍କ ପାଖରୁ ମୋଟ ୨.୫୧ କୋଟି ନଗଦ ଟଙ୍କା ଜବତ କରିଛି ଭିଜିଲାନ୍ସ। ଏହା ବାଦ୍ ତାଙ୍କର ଆହୁରି ଅନେକ ସଂପତ୍ତି ଠାବ କରାଯାଇଛି।

ଶେୟାର ମାର୍କେଟରେ ଶ୍ରୀ ଷଡ଼ଙ୍ଗୀ ୨କୋଟି ୭୦ ଲକ୍ଷ ଟଙ୍କା ନିବେଶ କରିଛନ୍ତି। ସେହିପରି ତାଙ୍କର ଦେଢ଼ କୋଟି ଟଙ୍କାର ବ୍ୟାଙ୍କ ଓ ବୀମା ଜମା ଠାବ କରାଯାଇଛି। ଏହା ସହିତ ତାଙ୍କର ଏକାଧିକ ଆବାସିକ ଘର ଓ ପ୍ଲଟ୍ ଠାବ କରାଯାଇଛି। ଭୁବନେଶ୍ୱରର ଡୁମଡୁମା ସ୍ଥିତ ପିଡିଏନ ଏକ୍ୱେଟିକା ନାମକ କୋଠାରେ ତାଙ୍କର ଏକ ୧୫୩୦ ବର୍ଗଫୁଟର ଫ୍ଲାଟ୍ ଅଛି। ପୁରୀ ଜିଲ୍ଲା ପିପିଲି ଥାନା ସିଉଳାରେ ତାଙ୍କର ଆଉ ଏକ ଫ୍ଲାଟ୍ ଅଛି। ଏହି ଫ୍ଲାଟ୍ଟି ୧୧୦୦ ବର୍ଗଫୁଟ୍ରୟ ଅନୁଗୋଳରେ ତାଙ୍କର ଦୁଇଟି ଦୁଇ ମହଲା ବିଶିଷ୍ଟ ଘର ଅଛି। ସେଥିରୁ ଗୋଟିଏ କରଡ଼ାଗାଡ଼ିଆରେ ଓ ଅନ୍ୟ କୋଟି ମାଟିସାହିରେ ଅଛି। ମାଟିସାହିରେ ଥିବା ଘରଟି ତାଙ୍କର ପୈତୃକ ଘର।ଶ୍ରୀ ଷଡ଼ଙ୍ଗୀଙ୍କର ୭ଟି ପ୍ଲଟ ରହିଛି। ଏଥିରୁ ୩ଟି ଅନୁଗୋଳରେ ଥିବା ବେଳେ ୪ଟି ପିପିଲିରେ ଅଛି। ଅନୁଗୋଳରେ ଯେଉଁ ୩ଟି ପ୍ଲଟ୍ ଅଛି, ସେଥିରୁ ୨ଟି କରଡ଼ାଗାଡ଼ିଆରେ ଥିବା ବେଳେ ଗୋଟିଏ ମାଳି ସାହିରେ ଅଛି। ସେହିପରି ପିପିଲିରେ ତାଙ୍କର ଥିବା ୪ଟି ଯାକ ପ୍ଲଟ ସିଉଳାରେ ରହିଛି। ଏହି ସବୁ ଘର ଓ ଜାଗାର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ଆବଶ୍ୟକ ମାପଚୁପ କରାଯାଉଛି।ବୈକୁଣ୍ଠନାଥ ଷଡ଼ଙ୍ଗୀଙ୍କ ପତ୍ନୀଙ୍କ ନାଁରେ ଅନୁଗୋଳ ସ୍ଥିତ ଆକ୍ସିସ୍ ବ୍ୟାଙ୍କରେ ଗୋଟିଏ ଲକର ଅଛି। ଖବର ଲେଖାଯିବା ବେଳକୁ ଏହି ଲକରକୁ ଭିଜିଲାନ୍ସ ଖୋଲି ନଥିଲା। ତାଙ୍କର ଗୋଟିଏ ଚାରି ଚକିଆ (ମାରୁତି ସ୍ୱିଫ୍ଟ ଜେଡ୍ଏକ୍ସଆଇ) ଗାଡ଼ି ଅଛି। ରେଡ୍ ବେଳେ ତାଙ୍କ ଘରୁ ବହୁ ପରିମାଣର ସୁନା ଗହଣା ମିଳିଛି। ଆଲମୀରାରୁ ବହୁ ସଂଖ୍ୟାରେ ଦାମୀ ଶାଢ଼ି, ଦାମୀ ବ୍ୟାଗ୍ ଓ ପର୍ସ ମିଳିଛି। ଭିଜିଲାନ୍ସ ପକ୍ଷରୁ ଶ୍ରୀ ଷଡ଼ଙ୍ଗୀଙ୍କର ଭୁବନେଶ୍ୱର ସ୍ଥିତ ଫ୍ଲାଟ୍ ସହିତ ଅନୁଗୋଳରେ ଥିବା ଦୁଇଟି ଘର, ପିପିଲିରେ ଥିବା ଫ୍ଲାଟ୍, ଅନୁଗୋଳ ଶିକ୍ଷକପଡ଼ାରେ ଥିବା ତାଙ୍କର ଜଣେ ସଂପର୍କୀୟଙ୍କ ଘର,ଅନୁଗୋଳ ତହସିଲର ଲୋକେଇପସିରେ ଥିବା ତାଙ୍କର ପୈତୃକ ଘର ଓ ଭୁବନେଶ୍ୱରରେ ଥିବା ତାଙ୍କ ଅଫିସ ଚାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚାଉ କରାଯାଇଛି।ଏହି ଚାଉରେ ୮ ଜଣ ଡିଏସପି, ୧୨ ଜଣ ଇନ୍ସପେକ୍ଟର, ୬ ଜଣ ଏଏସ୍ଆଇ ଓ ଅନ୍ୟାନ୍ୟ ସହଯୋଗୀ କର୍ମଚାରୀ ସାମିଲ ଅଛନ୍ତି। ଅନୁଗୋଳ ଭିଜିଲାନ୍ସର ସ୍ପେଶାଲ ଜଜଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ କରାଯାଇଛି।

## ସିକ୍କିମରେ ଦୁର୍ଘଟଣା

# ଓଡ଼ିଶା ବିଜେପି ନେତ୍ରୀଙ୍କ ସହ ୯ ନିଖୋଜ

**ଭୁବନେଶ୍ୱର,୩୦।୫(ମହାଭରତ):** ପରିବାର ଲୋକଙ୍କ ସହିତ ସିକ୍କିମ ବୁଲିବାକୁ ଯାଇଥିବା ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସଂପାଦକ ଇତିଶ୍ରୀ ଜେନା ଗତକାଲି ରାତିରେ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ନିଖୋଜ ହୋଇଯାଇଛନ୍ତି। ତାଙ୍କ ସମେତ ମୋଟ ୯ ଜଣ ନିଖୋଜ ଅଛନ୍ତି। ନିଖୋଜଙ୍କ ମଧ୍ୟରେ ଇତିଶ୍ରୀଙ୍କ ସହିତ ତାଙ୍କ ପରିବାରର ଆଉ ତିନି ଜଣ ସଦସ୍ୟ ଅଛନ୍ତି।ସେମାନଙ୍କୁ ଉଦ୍ଧାର କରିବାକୁ ସିକ୍କିମ ପୁଲିସ ସହିତ ଆଇଟିବିପି ଓ ଏନଡିଆରଏଫ୍ ଟିମ୍ ପ୍ରୟାସ ଜାରି ରଖିଛନ୍ତି। ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦୁଃଖ ପ୍ରକାଶ କରିଛନ୍ତି। ଦୁର୍ଘଟଣାର ଶିକାର ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ସହ ସେମାନଙ୍କୁ ଚିକିତ୍ସା ଯୋଗାଇ ଦେବାକୁ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀ ସିକିମ ସରକାରଙ୍କ ସହ ଆଲୋଚନା କରିବା ସହ ଏକ ସ୍ୱତନ୍ତ୍ର ଟିମ୍ ସିକିମ ଯିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଗତ ରବିବାର ରାତି ସାଢ଼େ ୧୨ଟାରେ ଯାଜପୁର ରୋଡ୍ରୁ ଇତିଶ୍ରୀ ଜେନା ଓ ତାଙ୍କ ପରିବାର ଲୋକେ ସିକ୍କିମ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ଇତିଶ୍ରୀଙ୍କ ସହିତ ତାଙ୍କର ଦୁଇ ଭାଇ, ଜଣେ ଭାଉଜ, ଦୁଇ ଭଉଣୀ, ଦୁଇ ପୁଅ, ଜଣେ ପୁତୁରା ଓ ଦୁଇ ଜଣ ଝିଆରୀ ସିକ୍କିମ ଯାଇଥିଲେ। ଗତକାଲି ସେମାନେ କାଲାପଥର ଓ ଅନ୍ୟାନ୍ୟ ସ୍ଥାନ ବୁଲିବାକୁ ଯାଇଥିଲେ। ବୁଲାବୁଲି କରି ରାତି ପ୍ରାୟ ୮ଟା ବେଳେ ୨ଟି ଗାଡ଼ିରେ କିଛି ଅଣ ଓଡ଼ିଆ। ପର୍ଯ୍ୟଟକଙ୍କ ସହ ସେମାନେ ଲାଚେନରୁ ଲାଚୁଙ୍ଗ ଫେରୁଥିଲେ। ପ୍ରତି ଗାଡ଼ିରେ ଥିଲେ ୧୦ ଜଣ ଲେଖାଏଁ ପର୍ଯ୍ୟଟକ ଓ ଜଣେ ଲେଖାଏଁ ଡ୍ରାଇଭର ଅର୍ଥାତ ଦୁଇଟି ଯାକ ଗାଡ଼ିରେ ୧୧ ଜଣ ଲେଖାଏଁ ଥିଲେ। ଆଗ ଗାଡ଼ିରେ ୫ ଜଣ ଓଡ଼ିଆ। ଥିବା ବେଳେ ବାକି ୬ ଜଣ ଓଡ଼ିଆ ଥିଲେ। ପଛ ଗାଡ଼ିରେ ତେବେ କିଛି ବାଟ ଯିବା ପରେ ଆଗ ଗାଡ଼ିର ଲୋକେ ଦେଖିଲେ। ପଛ ଗାଡ଼ିଟି ଆସୁନାହିଁ ଅନ୍ୟ ଗାଡ଼ିଟି କାହିଁକି ଆସୁନି ବୋଲି ଭାବେ ସେମାନେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ପୁଲିସକୁ ଖବର ଦେଇଥିଲେ। ଆଉ ତାପରେ ସାମ୍ନାକୁ ଆସିଥିଲା ଏହି ମର୍ମନ୍ତୁଦ ଦୁର୍ଘଟଣା। ତେବେ ଲାଚେନରୁ ଲାଚୁଙ୍ଗ ଫେରୁଥିବା ବେଳେ ଇତିଶ୍ରୀ ଯେଉଁ ଗାଡ଼ିରେ ବସିଥିଲେ, ତାହା ଦୁର୍ଘଟଣାଗ୍ରସ୍ତ ହୋଇ ୧୦୦୦ ଫୁଟ୍ ତଳକୁ ଖସି ତିସ୍ତା ନଦୀରେ ପଡ଼ିଥିଲା।





ଇତିଶ୍ରୀଙ୍କ ସହିତ ସିକ୍କିମ ଯାଇଥିବା ତାଙ୍କ ଭାଇ ଶିଶିର ନାୟକ କହିଛନ୍ତି, ଆମେ ଶେଆରିଂ ଗାଡ଼ିରେ ବୁଲାବୁଲି କରିବାକୁ ଯାଇଥିଲୁ। ଆମେ ଦୁଇଟି ଗାଡ଼ିରେ ଫେରୁଥିଲୁ। ଗୋଟିଏ ଗାଡ଼ିରେ ଆମ ପରିବାରର ୫ ଜଣ ଓ ଅନ୍ୟଟିରେ ୬ ଜଣ ବସିଥିଲେ। ଆଗ ଗାଡ଼ିରେ ମୁଁ, ମୋର ଦୁଇ ବଡ଼ ଭଉଣୀ ଓ ଦୁଇ ଝିଅ ଥିଲୁ। ତା ସହିତ ଆମ ଗାଡ଼ିରେ ଡ୍ରାଇଭରଙ୍କୁ ଛାଡ଼ି ଅନ୍ୟ ରାଜ୍ୟର ଆଉ ୫ ଜଣ ପର୍ଯ୍ୟଟକ ଥିଲେ। ସେହିପରି ପଛ ଗାଡ଼ିରେ ମୋ ଭଉଣୀ ଇତିଶ୍ରୀ ଜେନା (୪୬), ତାର ଦୁଇ ପୁଅ- ସାହିଲ ଜେନା (୨୧) ଓ ସାଇରାଜ ଜେନା (୧୭), ସାନ ଭାଇ ଅଜିତ ନାୟକ (୪୫), ଅଜିତର ପତ୍ନୀ ସୁନୀତା ନାୟକ (୪୨) ଓ ପୁଅ ସ୍ୱୟମ ସୁପ୍ରତିମ ନାୟକ (୧୬) ଥିଲେ। ସେମାନଙ୍କ ଗାଡ଼ିରେ ମଧ୍ୟ ଅନ୍ୟ ରାଜ୍ୟର ୪ ଜଣ ପର୍ଯ୍ୟଟକ ଓ ଡ୍ରାଇଭର ଥିଲେ। ଆମ ଗାଡ଼ି ଆଗରେ ଥିଲା। ଇତିଶ୍ରୀ ଓ ଅନ୍ୟମାନେ ଯେଉଁ ଗାଡ଼ିରେ ବସିଥିଲେ ତାହା ପଛରେ ଆସୁଥିଲା। ବହୁ ସମୟ ଧରି ଆମେ ପଛ ଗାଡ଼ିର ପତ୍ତା ନପାଇବାରୁ ଥାନାରେ ଅଭିଯୋଗ କଲୁ ପୁଲିସ୍ ଖୋଜାଖୋଜି କରିବା ପରେ ଭୋର ପ୍ରାୟ ୫ଟା ବେଳକୁ ମୋ ଭଣଜା ସାଇରାଜ ଜେନା (ଇତିଶ୍ରୀଙ୍କ ସାନ ପୁଅ) ଓ ପୁତୁରା ସ୍ୱୟମ ସୁପ୍ରତିମ ନାୟକ (ସାନ ଭାଇ ଅଜିତ ନାୟକଙ୍କ ପୁଅ)ଙ୍କୁ ଉଦ୍ଧାର କରିଥିଲା। ସେମାନେ ପାଖାପାଖି ଗୋଟିଏ ସ୍ଥାନରେ ପଡ଼ିଥିଲେ। ସେହି ସ୍ଥାନରେ ପାଣି ନଥିଲା। କିନ୍ତୁ ସେଇ ସ୍ଥାନଟି ଓଦା ଥିଲା। ସେମାନଙ୍କୁ ଉଦ୍ଧାର କରି ଗ୍ୟାଙ୍ଗଟକ ଅଣାଯାଇଛି।ହସ୍ପିଟାଲରେ ସେମାନଙ୍କୁ ଆଇସିୟୁରେ ରଖାଯାଇଛି ସେମାନଙ୍କ ସ୍ୱାସ୍ଥ୍ୟ ଭଲ ଅଛି ଅନ୍ୟମାନଙ୍କୁ ଖୋଜି ବାହାର କରିବା ପାଇଁ ପ୍ରୟାସ ଜାରି ରହିଛି।

## ଜେଲ୍ ଗଲେ ଇଡି ଡେପୁଟି ଡାଇରେକ୍ଟର

**ଭୁବନେଶ୍ୱର,୩୦।୫ (ମହାଭାରତ) :** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହାତରେ ଗତକାଲି ଗିରଫ ହୋଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଭୁବନେଶ୍ୱର ଶାଖାର ଅତିରିକ୍ତ ନିର୍ଦ୍ଦେଶକ ଚିନ୍ତନ ରଘୁବଂଶୀ ଆଜି ଗିରଫ ହୋଇଛନ୍ତି। ତାଙ୍କୁ ୧୪ ଦିନିଆ। ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।



୨୦୧୩ ବ୍ୟାଚର ଭାରତୀୟ ରାଜସ୍ୱ ସେବା (ଆଇଆରଏସ୍) ଅଧିକାରୀ ଚିନ୍ତନ ରଘୁବଂଶୀଙ୍କୁ ପ୍ରାୟ ୧୨ ଘଣ୍ଟାର ପଚରାଉଚୁରା ପରେ ସିବିଆଇ ଗିରଫ କରିଥିବା ଜଣାପଡ଼ିଛି। ଏହା ପରେ ରଘୁବଂଶୀଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ କୋର୍ଟରେ ହାଜର କରାଯାଇଥିଲାୟ ପରବର୍ତ୍ତୀ ସମୟରେ ତାଙ୍କୁ ୧୪ ଦିନିଆ। ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପରବର୍ତ୍ତୀ ଶୁଣାଣି ଜୁନ୍ ୧୪ ତାରିଖରେ ହେବ। ଏହା ପୂର୍ବରୁ ଅଭିଯୁକ୍ତ ଅଧିକାରୀଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚିନ୍ତନ ରଘୁବଂଶୀ ଏକ ବଡ଼ଧରଣର ଖଣି ସଂପର୍କିତ ମାମଲାର ରଫାଦଫା କରିବା ପାଇଁ ଉଦ୍ୟମ ଚଳାଇଥିଲେ। ଏଥି ପାଇଁ ସେ ୫୦ ଲକ୍ଷ ଟଙ୍କା ଦାବି କରିଥିଲେ। ପୂର୍ବ ଯୋଜନା ଅନୁସାରେ ଗୁରୁବାର ସନ୍ଧ୍ୟା ସମୟରେ ୨୦ ଲକ୍ଷ ଟଙ୍କା ଲାଞ୍ଚ ନେବା ସମୟରେ ସେ ସିବିଆଇ ହାତରେ ଧରାପଡ଼ିଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଁ ସିବିଆଇ ପ୍ରାୟ ଏକ ସପ୍ତାହ ପୂର୍ବରୁ ରଘୁବଂଶୀଙ୍କୁ ଲାଞ୍ଚ ନେବା ବେଳେ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲା। ସିବିଆଇ ଜାଣିବାକୁ ପାଇଥିଲା ଖଣି ସଂପର୍କିତ ମାମଲାର ରଫାଦଫା କରିବା ପାଇଁ ରଘୁବଂଶୀ ଜଡ଼ିତ ଅଛନ୍ତି। ଏହି ସୂଚନା ଆଧାରରେ ଅତର୍କିତ ଚଡ଼ ପାଇଁ ସିବିଆଇର ଅଧିକାରୀମାନେ ଜାଲ ବିଛାଇଥିଲେ।

# ଦୁର୍ବଳ ହେଲା ମୌସୁମୀ

**ଭୁବନେଶ୍ୱର,୩୦।୫(ମହାଭାରତ):** ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡ଼ିଶା ମାଟିକୁ ସ୍ପର୍ଶ କରିଥିବା ମୌସୁମୀ ଦୁର୍ବଳ ହୋଇଛି। ରାଜ୍ୟରେ ଏବେ ମୌସୁମୀର ବ୍ରେକ୍ ଟାଇମ ଚାଲିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି।ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ଜୁନ ୧ ତାରିଖ ଠାରୁ କିଛି ଦିନ ପାଇଁ ରାଜ୍ୟରେ ମୌସୁମୀ ବର୍ଷା ଦୁର୍ବଳ ରହିବ। ଫଳରେ ବର୍ଷାରେ ବ୍ରେକ୍ ଲାଗିବ। ଆଗାମୀ ଦୁଇ ସପ୍ତାହ ପ୍ରଯ୍ୟନ୍ତ ରାଜ୍ୟରେ ବଡ଼ଧରଣର ବର୍ଷାର ସମ୍ଭାବନା ନାହିଁ। ଲଘୁଚାପ ଦୁର୍ବଳ ହେଇଗଲା ପରେ ମୌସୁମୀ ରାଜ୍ୟରେ ଏବେ ବିଶେଷ ସକ୍ରିୟ ନାହିଁ।ପାଣିପାଗ ବିଭାଗ କହିଛି, ଚଳିତ ବର୍ଷ ସଅଳ ମୌସୁମୀ ଆସିଥିଲେ ମଧ୍ୟ ରଜ ପର୍ଯ୍ୟନ୍ତ ରାଜ୍ୟରେ ବଡ଼ ବର୍ଷା ଆଉ ନାହିଁ। ବଙ୍ଗୋପସାଗରରେ ବାଦଲର ଘନତ୍ୱ ହ୍ରାସ ପାଉଛି। ରଜ ପରେ ରାଜ୍ୟରେ ପୁନର୍ବାର ମୌସୁମୀ ସକ୍ରିୟ ହେବ। ଆଜିଠାରୁ ବର୍ଷା କମିବ। କିନ୍ତୁ କିଛି କୋରାପୁଟ, ମାଲକାନଗିରି, ରାୟଗଡା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ମୟୂରଭଞ୍ଜ, ବାଲେଶ୍ୱର ଜିଲ୍ଲାରେ ବ୍ରଜପାତ ସହ ହାଲୁକାରୁ ମଧ୍ୟମଧରଣର ବର୍ଷାର ସମ୍ଭାବନା ରହିଛି।ଲଘୁଚାପ ଦୁର୍ବଳ ହେଇ ବାଂଲାଦେଶ ଓ ଉତ୍ତର-ପୂର୍ବ ରାଜ୍ୟ ଆଡ଼କୁ ମୁହାଁଇଛି, ଯାହା ଫଳରେ ରାଜ୍ୟ ମଧ୍ୟକୁ ଶୁଷ୍କ ବାୟୁ ପ୍ରବେଶ କରୁଛି। ଶୁଷ୍କ ବାୟୁ ରାଜ୍ୟ ମଧ୍ୟକୁ ଆସିଲେ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ କମିଯିବ। ଉତ୍ତର ଆଫଗାନିସ୍ତାନରେ ଗୋଟିଏ ପଶ୍ଚିମାଝଡ଼ ସକ୍ରିୟ ଅଛି ଓ ଆଉ ଗୋଟିଏ ପଶ୍ଚିମା ଝଡ଼ ତା ପଛକୁ ଆସୁଛି, ଯାହା ଫଳରେ ଶୁଷ୍କ ବାୟୁ ମୌସୁମୀକୁ ଏବେ ଦୁର୍ବଳ କରୁଛି। ମୌସୁମୀ ଦୃବଳ ହେବା ଫଳରେ ଏବେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବ।

## ଝାରସୁଗୁଡ଼ାରେ କ୍ରାଇମବ୍ରାଞ୍ଚର ତନାଘନା

ଝାରସୁଗୁଡ଼ା,୩୦।୫(**ମହାଭାରତ**): ବହୁ ଚର୍ଚ୍ଚିତ ନବ ଦାସ୍ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ପୁନଃ ତଦନ୍ତ ଆରମ୍ଭ ହୋଇଛି। ଆଜି ଦ୍ୱିତୀୟ ପର୍ଯ୍ୟାୟରେ ଝାରସୁଗୁଡ଼ାରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସପି ବିଜୟ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ପଚରାଉଚରା ଆରମ୍ଭ କରିଛି। ରାଜପୁର ପଞ୍ଚାୟତ ସରପଞ୍ଚ ସରସ୍ୱତୀ ନାୟକଙ୍କ ସ୍ୱାମୀ ଗଣେଶ ବାଗ ଓ ଗୋପାଳଙ୍କ ମୋବାଇଲରୁ ଶେଷ କଲ୍ ଯାଇଥିବା ରାଜପୁରର ପ୍ରବୀଣ ଦେଓଙ୍କ ବୟାନ ରେକର୍ଡ କରିଛି କ୍ରାଇମବ୍ରାଞ୍ଚ। କାହିଁକି ଓ କେଉଁ ପରିସ୍ଥିତିରେ ନବ ଦାସ ହତ୍ୟାକାଣ୍ଡର କିଛି ସମୟ ପୂର୍ବରୁ ଅଭିଯୁକ୍ତ ଗୋପାଳ ଦାସ ଶ୍ରୀ ଦେଓଙ୍କୁ ଫୋନ୍ କରିଥିଲା ସେନେଇ ଜାଣିବାକୁ ଚେଷ୍ଟା କରିଛି କ୍ରାଇମବ୍ରାଞ୍ଚ। ଏହି ତଦନ୍ତ ପର୍ଯ୍ୟାୟରେ କ୍ରାଇମବ୍ରାଞ୍ଚ ଆଉ କାହାକୁ ଜେରା କରିବ ସେନେଇ ଏବେ ସୁଦ୍ଧା ସ୍ପଷ୍ଟ ହୋଇପାରିନି।

## ବଜ୍ରପାତରେ ଶିଶୁ ଓ ମହିଳାଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି/ବରଗଡ, ୩୦।୫(ମହାଭାରତ): ଆଜି ରାଜ୍ୟରେ ବିଭିନ୍ନ ସ୍ଥଶନରେ ବଜ୍ରପାତ ଘଟି ଜଣେ ଶିଶୁ ଓ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗଜପତି ଜିଲା ଗୁମ୍ମା ବ୍ଲକର ସେରଙ୍ଗ ପଞ୍ଚାୟତର କୁମୁଡିଆ ଗ୍ରାମରେ ବଜ୍ରପାତରେ ଚାଲିଗଲା ୭ବର୍ଷର ଶିଶୁର ଜୀବନ। ମୃତ ଶିଶୁ ଜଣଙ୍କ ହେଲେ ବଙ୍ଗୁରୁ ଗମାଙ୍ଗଙ୍କ ପୁଅ ଅମିତ ଗମାଙ୍ଗ(୭)। ଅମିତ ଘର ବାରିପଟେ ଶୌଚ ହେଉଥିବା ବେଳେ ହଠାତ ବଜ୍ରାଘାତର ଶିକାର ହୋଇଥିଲେ।ଏଥିରେ ତାଙ୍କର ଜୀବନ ଚାଲି ଯାଇଥିଲା।ତେବେ ଶୁକ୍ରବାର ସା ସମୟରେ ଜିଲାର ବହୁ ସ୍ଥାନରେ ପ୍ରବଳ ଘଡଘଡି ସହ ବର୍ଷା ହୋଇଥିଲା। ସେହିପରି ବରଗଡ଼ ଜିଲା ବାଲିପୁରୀ ପଞ୍ଚାୟତ ବାନ୍ଦେନବାହାଲ ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଉକ୍ତ ଗ୍ରାମର ରାଜେନ୍ଦ୍ର ସାଙ୍କ ସ୍ତ୍ରୀ ପଦ୍ମାଳୟା (୫୦) କ୍ଷେତରେ ସେ ଧାନ ଅମଳ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଅପରାହ୍ନ ପ୍ରାୟ ୪ଟାରେ ବଜ୍ରପାତ ହୋଇଥିଲା ସେଠାରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବରଗଡ଼ ଡାକ୍ତରଖାନାକୁ ଅଣାଯାଇଥିଲା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବରଗଡ଼ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ମୃତଦେହକୁ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି।

## ରଥଯାତ୍ରା ପାଇଁ ପୁରୀକୁ ଗଡ଼ିବ ହଜାରେ ବସ୍

**ଭୁବନେଶ୍ୱର, ୩୦।୫(ମହାଭାରତ):** ରଥଯାତ୍ରାରେ ପୁରୀକୁ ଗଡ଼ିବ ହଜାରେ ବସ୍। ଏନେଇ ସୂଚନା ଦେଇଛନ୍ତି ପରିବହନ କମିଶନର ଅମିତାଭ ଠାକୁର। ପୁରୀ ତାଳବଣିଆ। ଏବଂ ମାଳତୀପାଟପୁରରେ ବସ୍ ପାର୍କିଂର ବ୍ୟବସ୍ଥା କରାଯାଇଛି। ବସ୍ ରହଣିସ୍ଥଳରୁ ବଡ଼ଦାଣ୍ଡକୁ ଚଳାଚଳ କରିବ ଶହେଟି ବ୍ୟାଟେରୀ ଚାଳିତ ଗାଡି। ଧାର୍ଯ୍ୟ ଭଡ଼ା ଠାରୁ ଗାଡି ମାଲିକ ଅଧିକ ଭଡ଼ା ନ ନେବାକୁ ନିର୍ଦ୍ଦେଶ ରହିଛି। ପୁରୀ ରଥଯାତ୍ରା ପୂର୍ବରୁ ଘରୋଇ ବସ୍ ମାଲିକ ସଂଘର ବୈଠକ ପରେ ଏ ସୂଚନା ଦେଇଛନ୍ତି ପରିବହନ କମିଶନର ଅମିତାଭ ଠାକୁର। ପରିବହନ କମିଶନରଙ୍କ ସୂଚନା ଅନୁଯାୟୀ, ପୁରୀର ତାଳବଣିଆ। ଏବଂ ମାଳତିପାଟପୁରରେ ବସ୍ ପାର୍କିଂ ପାଇଁ ସ୍ଥାନ ନିର୍ଦ୍ଧାରଣ କରାଯାଇଛି। ଏହି ପାର୍କିଂ ସ୍ଥଳରୁ ଶ୍ରଦ୍ଧାଳୁମାନଙ୍କୁ ରଥଯାତ୍ରା ଦେଖିବା ପାଇଁ ବ୍ୟାଟେରୀ ଚାଳିତ ଗାଡ଼ି ଯୋଗାଇ ଦିଆଯିବ। ଏହା ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧାଜନକ ଓ ପରିବେଶ ଅନୁକୂଳ ଯାତାୟାତ ସୁନିଶ୍ଚିତ କରିବ। ଏହା ସହିତ, ଘରୋଇ ବସ୍ ମାଲିକମାନଙ୍କୁ ଧାର୍ଯ୍ୟ ଭଡ଼ାଠାରୁ ଅଧିକ ନେବାକୁ କଡ଼ା ଭାବେ ବାରଣ କରାଯାଇଛି। ପରିବହନ ବିଭାଗ ଏହି ନିୟମର କଡ଼ା ପାଳନ ପାଇଁ ତଦାରଖ କରିବ ବୋଲି ଜଣାପଡ଼ିଛି।

# ୧୫୦ କୋଟିର 'ସୁପର ସ୍ପେଶାଲିଟି ହସ୍ପିଟାଲ' ଉଦ୍‌ଘାଟିତ

ବୁର୍ଲା,୩୦।୫ (ମହାଭାରତ): ଓଡ଼ିଶାରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଚାକିରି ପାଇଁ ବାହାରକୁ ନଯାଇ ଓଡ଼ିଶାରେ ଡାକ୍ତରୀ ସେବା କରିବା ଆବଶ୍ୟକ ୟ ଡାକ୍ତରୀ ପିଲାମାନେ ଏହିଭଳି ମନ ବଳାଇଲେ ହିଁ ଆମ ରାଜ୍ୟ ଏକ ନମ୍ବର ହୋଇପାରିବ ବୋଲି ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ( ଭିମସାର୍), ବୁର୍ଲା ପରିସରରେ ସୁପର ସ୍ପେସାଲିଟି ହସ୍ପିଟାଲକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ପ୍ରାୟ ୧୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ହସ୍ପିଟାଲରେ ୫୮ ଟି ଆଇସିୟୁ ଶଯ୍ୟା ସହିତ ମୋଟ୍ ୨୭୨ଟି ଶଯ୍ୟା ଅଛି। ଏହି ସୁପର୍ ସ୍ପେସାଲିଟି ହସ୍ପିଟାଲରେ ୟୁରୋଲଜି, ନେଫ୍ରୋଲଜି, ନ୍ୟୁରୋଲଜି, ନ୍ୟୁରୋସର୍ଜରୀ, ପେଡିଆଟ୍ରିକ୍ସ ସର୍ଜରୀ, ପ୍ଲାଷ୍ଟିକ ସର୍ଜରୀ, ଗ୍ୟାଷ୍ଟ୍ରୋଏଣ୍ଟେରୋଲଜି, ଏଣ୍ଡୋକ୍ରାଇନୋଲଜି ଏବଂ କ୍ଲିନିକାଲ୍ ହେମାଟୋଲଜି ସମେତ ନଅଟି ସୁପର୍ ସ୍ପେସାଲିଟି ବିଭାଗ ରହିବ। ଲୋକାର୍ପିତ





ସୁପର ସ୍ପେସାଲିଟି ହସ୍ପିଟାଲ ଦ୍ୱାରା ସମ୍ବଲପୁର ସମେତ ୧୩ଟି ଜିଲ୍ଲାର ଜନସାଧାରଣ ଏବଂ ଛତିଶଗଡ଼, ଝାଡ଼ଖଣ୍ଡ ରାଜ୍ୟର ସଂଲଗ୍ନ ଅଞ୍ଚଳ ଗୁଡ଼ିକରେ ରହୁଥିବା ଲୋକମାନେ ଏହି ପ୍ରକଳ୍ପ ଦ୍ୱାରା ଅତ୍ୟନ୍ତ ଲାଭବାନ ହେବେ। ସିକିଲ୍ ସେଲର ରୋଗୀମାନଙ୍କ ପାଇଁ ଏହି ହସ୍ପିଟାଲ ନୂତନ ସୁଯୋଗ ସୃଷ୍ଟି କରିବ। ରୋଗୀମାନଙ୍କୁ ଅତ୍ୟାଧୁନିକ ସମସାମୟିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଏହି ସୁପର ସ୍ପେସାଲିଟି ହସ୍ପିଟାଲ ଅଗ୍ରଣୀ ଭୂମିକା ନିର୍ବାହ କରିବ। ସମାଜର ଅନ୍ତିମ ଶ୍ରେଣୀର ଲୋକମାନଙ୍କୁ ସୁପର୍ ସ୍ପେସାଲିଟି ଚିକିତ୍ସା ସୁବିଧା ଯୋଗେଇବା ଦିଗରେ ପଦକ୍ଷେପ ନେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି, ସମ୍ବଲପୁର ଜିଲ୍ଲାରେ ଭିମସାର୍ ସମେତ ଆଇଆଇଏମ, ସମ୍ବଲପୁର, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଓଡ଼ିଶା ଓପନ ୟୁନିଭର୍ସିଟି, ଓୟୁଏଟି ଚିପିଲିମା କୃଷି ମହାବିଦ୍ୟାଳୟ ପରି ଅନୁଷ୍ଠାନ ଅଛି, ଯାହା ସମ୍ବଲପୁରର ବିଶେଷତ୍ୱ । ଭିମସାର ମେଡିକାଲରୁ ପାଠ ପଢି ଅନେକ ଛାତ୍ରଛାତ୍ରୀ ମେଡିକାଲ ବିଜ୍ଞାନ ନୁହେଁ ବରଂ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିଛନ୍ତି। ଭିସୁଟ୍ ଓ ଭିମସାର ମିଶି ଏକ ମଲ୍ଟି ଡିସିପ୍ଲିନାରୀ କୋର୍ସ କରିବା ପାଇଁ ପରାମର୍ଶ ଦେଇଛନ୍ତି ଶ୍ରୀ ପ୍ରଧାନ।

ସ୍ୱାସ୍ଥ୍ୟ ହେଉଛି ମାନବ ଜୀବନର ସମ୍ପଦ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଲୋକଙ୍କ ସ୍ୱାସ୍ଥ୍ୟକୁ ଠିକ୍ ରଖିବାର ମୂଳ ପ୍ରୟୋଗଶାଳା ହେଉଛି ଭିମସାର୍ । ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ ହେଲେ ରାଜ୍ୟରେ ଭିମସାର ଭଳି ଅନୁଷ୍ଠାନରୁ ପାଠ ପଢୁଥିବା ଡାକ୍ତର ଛାତ୍ରଛାତ୍ରୀମାନେ ବାହାର ରାଜ୍ୟରେ ଚାକିରି ନକରି ଆମ ରାଜ୍ୟରେ ଚାକିରି କରିବା ଦରକାର। ତେବେ ଯାଇ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ। ଭିମସାର ପରିସରରେ ଏକ ୟୁନିଟାରୀ ଡେଣ୍ଟାଲ୍ କଲେଜ୍ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ବଜେଟରେ ଘୋଷଣା କରିଛନ୍ତି। ଭିମସରର ପୁନଃବିକାଶ ପାଇଁ ମାଷ୍ଟର ପ୍ଲାନ୍ କରିବା ପାଇଁ ସରକାରଙ୍କ ଯୋଜନାରେ ରହିଛି ।ଏହାର ଭିତ୍ତିଭୂମିର ବିକାଶ ପାଇଁ ସମସ୍ତଙ୍କ ପରାମର୍ଶ ନେବା ସହ ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କର୍ମଶାଳାର ଆୟୋଜନ କରିବା ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



# ଜୀବନଚର୍ଯ୍ୟା





# ଆଳୁ ହାଲୁଆ

ଆବଶ୍ୟକୀୟ ସାମଗ୍ରୀ: ମାଛ, ଧଳା ସୋରିଷ, ନଡିଆ ପୋଆବଶ୍ୟକ ସାମଗ୍ରୀ: ଘିଅ - ୧୦୦ ଗ୍ରାମ, ଆଳୁ - ୫୫୦ ଗ୍ରାମ, କ୍ଷୀର - ୨୨୦ମି.ଲି, ଚିନି - ୧୪୦ ଗ୍ରାମ, ଅଳେଇଚ ପାଉଡର - ୧/୨ ଟେବୁଲ ଚାମଚ, ବାଦାମ - ୧୫ ଗ୍ରାମ, କାଜୁ

ପ୍ରସ୍ତୁତି ପ୍ରଣାଳୀ :

ପ୍ରଥମେ କଡାରେ ୧୦୦ ଗ୍ରାମ ଘିଅ ଗରମ କରନ୍ତୁ ୫୫୦ ଗ୍ରାମ ସିଝା ଏବଂ ଚକଟି ହୋଇଥିବା ଆଳୁ ପକାନ୍ତୁ ଏବଂ ଫ୍ରାଏ କରନ୍ତୁ ଯେତେ ପର୍ଯ୍ୟନ୍ତ ଏହା ଭଲ ଭାବରେ ଭାଜି ନ ହୋଇଛି । ଏହାକୁ ପ୍ରାୟ ୭-୮ ମିନିଟ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ । ଏହାପରେ ଏଥିରେ ୨୨୦ ମିଲି କ୍ଷୀର, ୧୪୦ ଗ୍ରାମ ଚିନି, ୧/୨ ଟେବୁଲ ଚାମଚ ଅଳେଇଚ ପାଉଡର ପକାଇ ଭଲ ଭାବେ ମିକ୍ସ କରନ୍ତୁ । ହାଲୁଆକୁ ଲଗାତର ୫ରୁ୭ ମିନିଟ୍ ପର୍ଯ୍ୟନ୍ତ ଚଲାନ୍ତୁ। ଏଥିରେ ଚିନି ପକାଇ ଭଲ ଭାବେ ମିକ୍ସ କରନ୍ତୁ । ଏବେ ଏଥିରେ ୧୫ ଗ୍ରାମ ବାଦାମ, ୧୫ ଗ୍ରାମ କାଜୁ ମିକ୍ସ କରନ୍ତୁ ଏବଂ ଏହାକୁ ଆଉ ଥରେ ୩ରୁ୫ ମିନିଟ ପର୍ଯ୍ୟନ୍ତ ଭାଜନ୍ତୁ । ଏବେ ଆପଣଙ୍କର ହାଲୁଆ ପ୍ରସ୍ତୁତ ହୋଇଯାଇଛି । ଏଥିରେ ଆପଣ ବାଦାମ ଏବଂ କାଜୁ ପକାଇ ଗାର୍ନିସ କରି ସର୍ଭ କରନ୍ତ



**····· ପରଦା ଖବର ······**

# ମୁକ୍ତିଲାଭ କଲା ଓଡ଼ିଆ ସିନେମା 'ଭାବାନ୍ତର'




ରିଲିଜ ହୋଇଛି ନୂଆ ଓଡ଼ିଆ ସିନେମା ଭାବାନ୍ତର। ପ୍ରେମ, ବିବାହ ଓ ପରିବାର ମଧ୍ୟରେ ଥିବା ଭାବର ଅନ୍ତରକୁ ନେଇ ନିର୍ମିତ ସିନେମା , ଭାବାନ୍ତରର ପ୍ରିମିୟର ଶୋ ଅନୁଷ୍ଠିତ ହୋଇଯାଇଛି। ଏହା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଆଧାରିତ ଶ୍ରୀତମ ,ଶ୍ରାବଣୀ ଓ ମିଳନ ତିନୋଟି ଚରିତ୍ରକୁ ନେଇ ଗତିଶୀଳ ହୋଇଛି ସିନେମା। ଶ୍ରୀତମ ,ଶ୍ରାବଣୀ ପରିସ୍ଥିତିରେ ପଡି ବାହାହୋଇ ଥିଲେ ମଧ ମିଳନକୁ ଭଲ ପାଇବା ଯୋଗୁ ଶ୍ରାବଣୀ ଓ ଏମାନଙ୍କ ସମ୍ପର୍କରେ ତିକ୍ତତା ଆସିଛି। ବାକି କାହାଣୀ ଦର୍ଶକ ସିନେମା ଦେଖିବା ପରେ ଜାଣିପାରିବେ ଯତ୍ୟାଗ ,ଭଲ ପାଇବା ,ପ୍ରେମ ଓ ବିରହର ବେଦନାକୁ ଦେଖିବାକୁ ପାଇଛନ୍ତି ଦର୍ଶକ।ଭାବାନ୍ତର ଏକ ଭିଉ ସ୍ୱାଦର କାହାଣୀ ବୋଲି କହିଛନ୍ତି ନାୟିକା ସୂର୍ଯ୍ୟମୟୀ । ସିନେମାରେ ଅଭିଷେକ ,ସୂର୍ଯ୍ୟମୟୀ ,ସରୋଜ ନନ୍ଦ ,ରବି ତ୍ରିପାଠୀ ,ବିନାୟକ ମିଶ୍ର ,ମମତା ସାହୁ ଓ ପ୍ରିୟା ବିଶୋଇ ପ୍ରମୁଖ ଅଭିନୟ କରିଛନ୍ତି। ସିନେମାରେ ପ୍ରଯୋଜକ ,ନିର୍ଦ୍ଦେଶକ ,ସଂଳାପ ଅନନ୍ତ ମହାପାତ୍ର ହୋଇଥିବାବେଳେ ଧ୍ରୁବାନନ୍ଦ ପଣ୍ଡା ସିନେମାଟୋଗ୍ରାଫର ଅଛନ୍ତି ।

# ଚନ୍ଦନ ତେଲ, ପାଉଡର୍‌ର ରହିଛି ୫ଟି ଲାଭ

ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଚନ୍ଦନ ବହୁତ ଭଲ । ଚନ୍ଦନ ପାଉଡର ଓ ତେଲରେ ୧୨୫ ପ୍ରକାର ତତ୍ତ୍ୱ ରହିଛି,ଯାହା ତ୍ୱଚାକୁ ସୁନ୍ଦର କରିବା ପାଇଁ ସାହାଯ୍ୟ କରିଥାଏ । ତେଣୁ ସମସ୍ତ ପ୍ରକାର ବିୟୁଟି ପ୍ରଡକ୍ଟରେ ଚନ୍ଦନକୁ ଉପଯୋଗ କରାଯାଇଥାଏ । ତେବେ ଆସନ୍ତୁ ଜାଣିବା ଚନ୍ଦନ ତେଲ ଓ ପାଉଡର ବ୍ୟବହାର କଲେ, କେଉଁସବୁ ଲାଭ ମିଳିଥାଏ ।

■ ଚନ୍ଦନ ପ୍ରାକୃତିକ ଭାବରେ ଥଣ୍ଡା ପ୍ରଦାନ କରିଥାଏ । ତେଣୁ ଏହାର ଲେପ ମୁହଁରେ ଲଗାଇଲେ, ତ୍ୱଚାରେ ହେଉଥିବା ଜଳାପୋଡା ଭଲ ହୋଇଥାଏ । ଏହାର ବାସ୍ନାରେ ମାନସିକ ଶାନ୍ତି ମିଳିଥାଏ ।

■ ଯେଉଁମାନେ କଥା କଥାରେ ରାଗି ଯାଇଥାନ୍ତି, ସେମାନଙ୍କୁ ଚନ୍ଦନ ଟିକା ଲଗାଇବା ପାଇଁ ପରାମର୍ଶ ଦିଆଯାଇଥାଏ । କାରଣ ଆମ ଶରୀରରେ ଥିବା ୭ଟି ଚକ୍ର ମଧ୍ୟରୁ ଗୋଟିଏ ଶକ୍ତିଶାଳୀ ଚକ୍ର ଦୁଇ ଆଇବ୍ରୋ ମଝିରେ ରହିଛି । ତେଣୁ ସେହି ସ୍ଥାନରେ ଚନ୍ଦନ ଲଗାଇଲେ ମନ ଓ ମସ୍ତିଷ୍କ ଶାନ୍ତ ରହିଥାଏ ।

■ ଆଖିର ଆଖପାଖ ତ୍ୱଚାକୁ ସୁନ୍ଦର କରିବା ପାଇଁ ଏହାର ଚାରିପଟେ ଚନ୍ଦନ ଓ ମହୁର ଲେପ ଲଗାନ୍ତୁ ।

■ ଡ୍ରାଏନେସ୍ ଯୋଗୁ ତ୍ୱଚାରେ କୁଞ୍ଚନ ପଡିବା ସହ ତ୍ୱଚା ଢିଲା ହୋଇଯାଏ । ଚନ୍ଦନ ଡ୍ୟାମେଜ ସେଲକୁ ରିପାୟାର କରିବାର କାର୍ଯ୍ୟ କରିଥାଏ । ଏହାର ବାସ୍ନା ବ୍ରେନ୍ ସେଲକୁ ରିଲାକ୍ସ କରିଥାଏ ।

■ ଚନ୍ଦନ ପାଉଡରରେ ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ରହିଛି । ତେଣୁ ଏହାକୁ ଲଗାଇବା ଦ୍ୱାରା ସ୍କିନରେ ବ୍ୟାକ୍ଟେରିଆ ସକ୍ରିୟ ହୁଅନ୍ତି ନାହିଁ । ଏହି ପାଉଡର ମୁହଁର ତ୍ୱଚାକୁ ଅଏଲ ଫ୍ରି ମଧ୍ୟ ରଖୁଥିବାରୁ ବ୍ରଣ ସମସ୍ୟା ଦେଖା ଦିଏ ନାହିଁ ।

# ତମାଖୁ ସେବନର କୁପରିମାଣ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ)ର ଏକ ଆକଳନ ଅନୁସାରେ ବର୍ତ୍ତମାନ ଭାରତରେ ପ୍ରାୟ ବାର କୋଟି ଜନସାଧାରଣ ତମ୍ବାଖୁ ଧୂମପାନ କରିଥାନ୍ତି। ଜର୍ଦ୍ଦା, ଗୁଣ୍ଡି, ଖଇନି, ଗୁଟଖା ଇତ୍ୟାଦି ଅଣଧୂମପାନ - ତମାଖୁ ସେବନକୁ ହିସାବକୁ ନେଲେ ଏହା ଆହୁରି ଅଧିକା ହେବ। ସେହିପରି ଉକ୍ତ ଆକଳନ ଅନୁସାରେ ଭାରତରେ ପ୍ରାୟ ଏକ ତୃତୀୟାଂଶ ପୁରୁଷ ଧୂମପାନରେ ଅଭ୍ୟସ୍ତ। ତେବେ କ୍ରମାଗତ ତମାଖୁ ସେବନ ତଥା ଧୂମପାନ ଦ୍ୱାରା ସାଂଘାତିକ ସ୍ୱାସ୍ଥ୍ୟହାନି, ଏପରିକି ମୃତ୍ୟୁ ମଧ ହୋଇପାରେ। କ୍ରମାଗତ ତମାଖୁ ଓ ଧୂମପାନ ଦ୍ୱାରା ଶରୀରର ମୁଖ୍ୟ ଅଙ୍ଗ ଯଥା - ହୃଦୟ, ଯକୃତ, ଫୁସଫୁସ୍, ଅଗ୍ନାଶୟ, ବୃକକ୍ , ଶିରା- ଧମନୀ ଇତ୍ୟାଦି ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥାଏ। ତନ୍ମଧ୍ୟରୁ ହୃଦଘାତ (ହାର୍ଟଆଟାକ୍) ଜନିତ ମୃତ୍ୟୁ, ଉଚ୍ଚ ରକ୍ତଚାପ, ଶିରା - ଧମନୀରେ ରକ୍ତ ସଂଚଳନରେ ବାଧାସୃଷ୍ଟି, କ୍ରମାଗତ କାଶ, କଫ ଓ ନିଃଶ୍ୱାସ ନେବାରେ ଅସୁବିଧା ଇତ୍ୟାଦି ଅଧିକ ମାତ୍ରାରେ ହୋଇଥାଏ। ଧୂମପାନ ଦ୍ୱାରା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଙ୍ଗରେ କର୍କଟ ରୋଗ (ଯଥା - ଫୁସଫୁସ୍, ମୁଖ ଗହ୍ୱର, ସ୍ୱର ଯନ୍ତ, ଖାଦ୍ୟନଳୀ, ପାକସ୍ଥଳୀ, ଅଗ୍ନାଶୟ, ବୃକକ୍) ହୋଇଥାଏ। ଗର୍ଭବତୀ ମାଆମାନଙ୍କର ଧୂମପାନ ଫଳରେ ସମୟପୂର୍ବରୁ ପ୍ରସବ ଏବଂ ସ୍ୱଳ୍ପ ଓଜନ ବିଶିଷ୍ଟ ଶିଶୁ ଜନ୍ମ ହେବାର ସମ୍ଭାବନା ଥାଏ। ବର୍ତ୍ତମାନ ତମାଖୁ ସେବନ ତଥା ଧୂମପାନ ସମଗ୍ର ପୃଥିବୀରେ ମୃତ୍ୟୁର ଏକ ପ୍ରମୁଖ କାରଣ ହୋଇଛି ଯାହାକୁ କି ସମ୍ପୂର୍ଣ୍ଣ ଭାବରେ ପ୍ରତିରୋଧ ତଥା ପ୍ରତିହତ କରାଯାଇପାରିବ। ପ୍ରାୟ ଅର୍ଦ୍ଧାଧିକ ତମାଖୁ ସେବନକାରୀ ଅକାଳ ମୃତ୍ୟୁବରଣ କରିଥାନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଏକ ଗବେଷଣାରୁ ଜଣାଯାଏ ଯେ ବର୍ଷକୁ ବିଶ୍ୱରେ ପ୍ରାୟ ୫୦-୬୦ ଲକ୍ଷ ଲୋକ ଏବଂ ଭାରତରେ ପ୍ରାୟ ୯ - ୧୦ ଲକ୍ଷ ଲୋକ ତମାଖୁ ସେବନ ଦ୍ୱାରା ମୃତ୍ୟୁବରଣ କରିଥାନ୍ତି। କ୍ରମାଗତ ଧୂମପାନ ଦ୍ୱାରା ହାରାହାରି ଆୟୁ ପ୍ରାୟ ୧୦-୧୫ ବର୍ଷ ହ୍ରାସ ପାଇଥାଏ। ଜଣେ ଯେତେ ଅଧିକା ମାତ୍ରାରେ ଓ ଅଧିକା ବର୍ଷ ତମାଖୁ ସେବନ ଓ ଧୂମପାନ କରେ, ସେତେ ଅଧିକା କର୍କଟ ରୋଗର ସମ୍ଭାବନା ବୃଦ୍ଧିପାଏ। ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି ପରୋକ୍ଷ ଧୂମପାନ। ଏହା କହିଲେ ସାଧାରଣତଃ ଧୂମପାନ କରୁଥିବା ବ୍ୟକ୍ତିର ଆଖପାଖରେ ରହୁଥିବା ବ୍ୟକ୍ତିର ଅଜଣାତରେ ଶ୍ୱାସ ପ୍ରଶ୍ୱାସରେ ତମାଖୁ ଧୂଆଁ ଶରୀର ଭିତରକୁ ଯିବା ବୁଝାଇଥାଏ। ମୁଖ୍ୟତଃ ଧୂମପାନକାରୀର କାର୍ଯ୍ୟାଳୟ - ସହକର୍ମୀ, ବସ୍ ରେଳଯାତ୍ରୀ, ପରିବାର ସଦସ୍ୟ ଇତ୍ୟାଦିମାନଙ୍କର ପରୋକ୍ଷ ଧୂମପାନର ଆଶଙ୍କା ଥାଏ।



ପ୍ରଫେସର (ଡାକ୍ତର)
ଚିତ୍ତରଂଜନ ଖାଡଙ୍ଗା
ସିନିୟର କନ୍ସଲଟାଣ୍ଟ, ରଡିଏସନ୍ ଅଙ୍କୋଲୋଜି ସମ୍ ଅଲ୍ଟିମେଟ୍ ମେଡିକେୟାର, ଭୁବନେଶ୍ୱର।

ଏକ ଗବେଷଣାରୁ ଜଣାଯାଏ ଯେ କେବଳ ପରୋକ୍ଷ ଧୂମପାନ ଦ୍ୱାରା ସମଗ୍ର ପୃଥିବୀରେ ବର୍ଷକୁ ପ୍ରାୟ ଛଅ ଲକ୍ଷ ଲୋକଙ୍କର ଜୀବନ ଯାଇଥାଏ। ତେବେ ଖୁସିର କଥା ଯେ, ଯଦି ଜଣେ ତମାଖୁ ବର୍ଜନ କରେ ତେବେ ସମୟ କ୍ରମେ କର୍କଟ ରୋଗ ତଥା ଅନ୍ୟାନ୍ୟ ରୋଗର ସମ୍ଭାବନା ଧିରେ ଧିରେ ହ୍ରାସ ପାଇଥାଏ ଯାହାକି ଧୂମପାନ ଦ୍ୱାରା ଶରୀରରେ ନଷ୍ଟ ହୋଇଯାଇଥାଏ କୋଷିକାର ପୁନଃମରାମତି ଯୋଗୁ ସମ୍ଭବ ହୋଇଥାଏ, ତେବେ ଏହା ସମୟସାପେକ୍ଷ। ତେଣୁ ତମାଖୁ ବର୍ଜନ ସର୍ବଦା ଗ୍ରହଣୀୟ ଏବଂ ଏହାକୁ ଉତ୍ସାହିତ କରାଯିବା ଆବଶ୍ୟକ। ଖୁସିର କଥାଯେ ସରକାରୀ ସ୍ତରରେ ତମାଖୁ ବର୍ଜନ ନିମନ୍ତେ ପ୍ରୋତ୍ସାହିତ କରାଯାଉଛି। ଶିକ୍ଷାନୁଷ୍ଠାନ ନିକଟରେ ଏସବୁର ବିକ୍ରି ନିଷିଦ୍ଧ କରାଗଲା। ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ ତମାଖୁ ବିଜ୍ଞାପନକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଗଲା। ନିକଟରେ କେନ୍ଦ୍ର ସରକାର ସିନେମା ହଲରେ ଚଳଚ୍ଚିତ୍ର ଆରମ୍ଭ ପୂର୍ବରୁ ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ହାନି ଓ କର୍କଟରୋଗର ସଚେତନତା ବିଜ୍ଞାପନ ପ୍ରଦର୍ଶନ କରାଉଛନ୍ତି। ତେଣୁ ତମାଖୁ ସେବନର ଭୟାବହତାକୁ ହୃଦୟଙ୍ଗମ କରି ତମାଖୁ ବର୍ଜନ କରିବା ସହିତ ଏକ ନୂତନ ନିରୋଗ ତଥା ସୁଖଦ ଜୀବନଯାପନ କରିବା ଉଚିତ

# ଶିବଙ୍କ ୫ ମୁଖ୍ୟ ରହସ୍ୟ, ପ୍ରତ୍ୟେକ ଶିବଭକ୍ତ ଜାଣିବା ଉଚିତ



■ ଶିବଙ୍କ ବେକରେ ସାପ : ଶିବଙ୍କ ମଧରେ ପରସ୍ପର ବିରୋଧୀ ଭାବର ସାମଞ୍ଜସ୍ୟ ଦେଖିବାକୁ ମିଳେ। ଶିବଙ୍କ ମସ୍ତକରେ ଗୋଟିଏ ପଟେ ଚନ୍ଦ୍ର ଥିବାବେଳେ ଅନ୍ୟପଟେ ମହା ବିଷଧର ସାପ ବିଷଧର ସାପ ଶିବଙ୍କ ବେକରେ ହାର ଭଳି ଗୁଡେଇ ହୋଇ ରହିଥାଏ। ଭଗବାନ ଶିବଙ୍କ ବେକରେ ଗୁଡେଇ ହୋଇଥିବା ସାପ ହେଲେ ନାଗରାଜା ବାସୁକୀ । ବାସୁକୀ ନାଗ କଶ୍ୟପ ଋଷିଙ୍କ ପୁତ୍ର ଥିଲେ । ସେ ଶିବଙ୍କ ପରମ ଭକ୍ତ ବୋଲି କୁହାଯାଏ।

■ ଶିବଙ୍କ ମସ୍ତକରେ ଚନ୍ଦ୍ରମା :

ଶିବଙ୍କ ମସ୍ତକରେ ଚନ୍ଦ୍ରମା ଶୋଭା ପାଏ । ଏହାକୁ ନେଇ ମଧ ଏକ ବିଶ୍ୱାସ ରହିଛି। ମହାରାଜା ଦକ୍ଷ ଚନ୍ଦ୍ରମାଙ୍କୁ କ୍ଷୟ ରୋଗର ଅଭିଶାପ ଦେଇଥିଲେ। ଏହି ରୋଗରୁ ବଞ୍ଚିବା ପାଇଁ ଚନ୍ଦ୍ରମା ଭଗବାନ ଶିବଙ୍କୁ ଆରାଧନା କରିଥିଲେ । ଚନ୍ଦ୍ରମାଙ୍କ ଭକ୍ତିରୁ ପ୍ରସନ୍ନ ହୋଇ ଏବଂ ତାଙ୍କ ସୁରକ୍ଷା ପାଇଁ ଶିବ ଚନ୍ଦ୍ରମାଙ୍କୁ ନିଜ ମସ୍ତକରେ ଧାରଣ କରିଥିଲେ ।

■ ଶିବଙ୍କ ଆଭୂଷଣ ଭସ୍ମ : ଭଗବାନ ଶିବ ଅନ୍ୟ ଭଗବାନଙ୍କ ଭଳି ଆଭୂଷଣ ଧାରଣ କରନ୍ତିନି। ଆଭୂଷଣ ବଦଳରେ ସେ ନିଜ ଶରୀରରେ ଭସ୍ମ ବୋଲି ହୋଇଥାନ୍ତି । ଶିବଙ୍କ ଅଭିଷେକ ମଧ ଭସ୍ମରେ ହୋଇଥାଏ। ଶିବ ସଂସାରର ଆକର୍ଷଣ ଠାରୁ ବହୁ ଦୂରରେ ମୋହ ମାୟା ତାଙ୍କ ପାଇଁ ଭସ୍ମ ଠାରୁ ଅଧିକ ନୁହେଁ ।

■ ଶିବଙ୍କ ତ୍ରିନେତ୍ର: ମହାଦେବଙ୍କର ତିନିଟି ନେତ୍ର। ସେଥିପାଇଁ ତାଙ୍କୁ ତ୍ରିନେତ୍ର ମଧ କୁହାଯାଏ। ସେ ଯେତେ ବେଳେ ନିଜର ତୃତୀୟ ନୟନ ଖୋଲନ୍ତି ସେତେବେଳେ ସାରା ସଂସାରର ବିନାଶ ହୋଇଯାଏ। ସୃଷ୍ଟିର ବିନାଶ ପାଇଁ ସେ ନିଜର ତୃତୀୟ ନୟନ ପ୍ରୟୋଗ କରିଥାନ୍ତି। ଶିବଙ୍କୁ ତୃତୀୟ ନୟନ କିଭଳି ମିଳିଥିଲା ସେହି ରହସ୍ୟ ବହୁତ ଲୋକ ଜାଣିନଥାନ୍ତି। ପୌରାଣିକ କଥା ଅନୁସାରେ, ଥରେ ହିମାଳୟରେ ଭଗବାନ ଶିବ ଏକ ସଭା କରୁଥିଲେ । ଏହି ସଭାରେ ସମସ୍ତ ଦେବତା, ଋଷି, ଜ୍ଞାନିଜନ ସାମିଲ ଥିଲେ। ସେତେବେଳେ ମାତା ପାର୍ବତୀ ଆସିଥିଲେ ଏବଂ ନିଜ ମନୋରଞ୍ଜନ ପାଇଁ ନିଜ ପାପୁଲିରେ ଶିବଙ୍କ ଆଖିକୁ ଢାଙ୍କି ଦେଇଥିଲେ। ମାତା ପାର୍ବତୀ ଯେମିତି ଶିବଙ୍କ ଆଖିକୁ ଢାଙ୍କିଦେଲେ। ସାରା ସଂସାରରେ ଅନ୍ଧାର ଛାଇ ଗଲା। ଏହାପରେ ସଂସାରର ଜୀବଜନ୍ତୁଙ୍କ ମଧରେ ହଇଚଇ ସୃଷ୍ଟି ହୋଇଥିଲା। ସଂସାରର ଏହିଭଳି ଦଶା ସେ ଦେଖିପାରିଲେ ନାହିଁ ଏବଂ ନିଜ ମସ୍ତକରେ ଏକ ଜ୍ୟୋତିଃପୁଞ୍ଜ ପ୍ରକଟ କରିଥିଲେ। ଯାହା ଶିବଙ୍କ ତୃତୀୟ ନୟନ ହୋଇଥିଲା।

■ ତାଣ୍ଡବ ନୃତ୍ୟ :

ଭଗବାନ ଶିବଙ୍କ ତାଣ୍ଡବ ନୃତ୍ୟକୁ ନେଇ ଅଧିକାଂଶ ଲୋକ ପୁରା ରହସ୍ୟ ଜାଣିନଥାନ୍ତି । ଅଧିକାଂଶ ଲୋକ ଭାବନ୍ତି ତାଣ୍ଡବ ନୃତ୍ୟ ଭଗବାନ ଶିବଙ୍କ କ୍ରୋଧ ସହ ଜଡିତ ରୌଦ୍ର ତାଣ୍ଡବ କରୁଥିବା ଶିବଙ୍କ ଆଉ ଏକ ନାମ ରୁଦ୍ର କିନ୍ତୁ ଶିବଙ୍କ ଆଉ ଏକ ତାଣ୍ଡବ ନୃତ୍ୟ ଆନନ୍ଦ ପ୍ରଦାନ ମଧ କରିଥାଏ । ଏହାକୁ ଆନନ୍ଦ ତାଣ୍ଡବ କୁହାଯାଏ। ଆନନ୍ଦ ତାଣ୍ଡବ କରୁଥିବା ଶିବଙ୍କୁ ନଟରାଜ କୁହାଯାଏ।



# କିଡନୀ ଷ୍ଟୋନ ସମସ୍ୟା ଦୂର କରେ ମେହେନ୍ଦୀ ପତ୍ର

ସାଧାରଣତଃ ଝିଅମାନେ ନିଜ କେଶକୁ ସୁନ୍ଦର, ମଜଭୁତ ଓ ଚମକଦାର କରିବା ପାଇଁ ଏଥିରେ ମେହେନ୍ଦୀ ଲଗାଇଥାଆନ୍ତି । ହେଲେ ଆପଣ ଜାଣନ୍ତି କି, ମେହେନ୍ଦୀ ପତ୍ର ଅନେକ ଔଷଧୀୟ ଗୁଣର ସମାହାର । ଏହି ପତ୍ରରେ ଟ୍ୟାନିନ୍, ବାସୋନ୍ ମ୍ୟାଲିକ ଏସିଡ, ଗ୍ଲୁକୋଜ, ମ୍ୟାଲିଟୋଲ ପରି ତତ୍ତ୍ୱ ରହିଛି । ତେବେ ଆସନ୍ତୁ ଜାଣିବା ମେହେନ୍ଦୀ ପତ୍ରରୁ ଆମକୁ କ'ଣ ଫାଇଦା ମିଳିଥାଏ ।



■ ଆଜିକାଲି ମୁଣ୍ଡରେ ରୂପି ହେବା ଏକ ସାଧାରଣ କଥା ହୋଇଗଲାଣି। ପ୍ରାୟ ଲୋକଙ୍କ ପାଖରେ ଏହି ସମସ୍ୟା ଦେଖାଯାଏ। ଏହାର ନିରାକରଣ ପାଇଁ ବଜାରରେ ଭିନ୍ନ ଭିନ୍ନ ପ୍ରକାରର ପ୍ରଡକ୍ଟ ମଧ୍ୟ ମିଳୁଛି । ତେବେ ଦାମୀ ଦାମୀ ପ୍ରଡକ୍ଟ ପଛରେ ଟଙ୍କା ନଷ୍ଟ ନକରି ଆପଣ ମେହେନ୍ଦୀ ପତ୍ର ବ୍ୟବହାର କରି ଏହି ସମସ୍ୟାର ସମାଧାନ କରିପାରିବେ। ମେହେନ୍ଦୀ ପତ୍ରକୁ ବାଟି କିମ୍ବା ଗୁଣ୍ଡ କରି ଏଥିରେ ଲେମ୍ବୁ ଓ ଦହି ମିଶାଇ ଚୁଟିରେ ଲଗାନ୍ତୁ । ଏହି ଦୁଇଟି ଯାକ ଜିନିଷରେ ଏସିଡ ରହିଥାଏ, ଯାହା ରୂପି ସହ ମୁଣ୍ଡ କୁଣ୍ଡେଇ ହେବା ସମସ୍ୟା ମଧ୍ୟ ଦୂର କରିଥାଏ। ସପ୍ତାହରେ ଥରେ ମେହେନ୍ଦୀ ଲଗାନ୍ତୁ, ଦେଖିବେ ଭଲ ଫଳ ମିଳିବ ।

■ ଆଜିକାଲି ବ୍ୟସ୍ତ ବହୁଳ ଜୀବନରେ ପ୍ରାୟ ଲୋକ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଇ ପାରୁ ନାହାନ୍ତି। ତେଣୁ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଉଛି । ସେଥିମଧ୍ୟରୁ କିଡନୀ ଷ୍ଟୋନ ଅନ୍ୟତମ । ତେବେ ମେହେନ୍ଦୀ ଦ୍ୱାରା ଏହାକୁ ଭଲ କରିହେବ । ଏଥିପାଇଁ ଆପଣଙ୍କୁ ଅଧାଲିଟର ପାଣିରେ ୫୦ ଗ୍ରାମ ମେହେନ୍ଦୀ ପତ୍ରକୁ ପେଶି ଏହାକୁ ଭଲ ଭାବେ ଫୁଟାଇ ପିଅନ୍ତୁ ।

■ ମେହେନ୍ଦୀ ସାଧାରଣତଃ ଥଣ୍ଡା ହୋଇଥାଏ । ତେଣୁ ଏହାକୁ ରାତିରେ କିମ୍ବା ଶରୀରରେ ଯଦି ଇଶନଫୁଲିଆ କିମ୍ବା ଥାଇରଏଡ ଥାଏ, ତେବେ ଏହାକୁ ବ୍ୟବହାର କରିବାକୁ ମନା କରିଯାଏ । ଯଦି ଆପଣଙ୍କୁ କେଉଁଠି ମାଡ ହୋଇ ବଥା ବା ଯନ୍ତ୍ରଣା ହେଉଛି,ବରଫ ବଦଳରେ ସେହି ସ୍ଥାନରେ ମେହେନ୍ଦୀ ପତ୍ରକୁ ବାଟି ଲଗାନ୍ତୁ ।

# ପୁରୀରେ ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର, ୩୦।୫(ମହାଭାରତ): ଓଡିଶା ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ବିଭାଗ, ଭାରତ ସରକାରଙ୍କ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ସହଯୋଗରେ, ଶୁକ୍ରବାର ପୁରୀରେ ଦି ଦିନିଆ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ମିଳନୀ ୨୦୨୫ର ଉଦଘାଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ସଂସ୍କାରକୁ ଆଗକୁ ବଢାଇବା ଏବଂ ପରିବାର-ଭିତିକ ଯତ୍ନର ଏକ ମୂଳ ସ୍ତମ୍ଭ ଭାବରେ ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନୀତି ନିର୍ଦ୍ଧାରକ, ଆଇନ ବିଶେଷଜ୍ଞ, ଜିଲ୍ଲା ଅଧିକାରୀ ଏବଂ ବିକାଶ ଅଂଶୀଦାରମାନେ ଏକାଠି ହୋଇଥିଲେ ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଶିଶୁର ଅଭିବୃଦ୍ଧି ପାଇଁ ଏକ ପ୍ରେମପୂର୍ଣ୍ଣ, ସୁରକ୍ଷିତ ଏବଂ ପୋଷଣକାରୀ ପାରିବାରିକ ପରିବେଶର ଆବଶ୍ୟକତା ରହିଛି ବୋଲି କହିଥିଲେ। ପ୍ରତିଟି ଶିଶୁର ଏକ ସୁନ୍ଦର ଭବିଷ୍ୟତ ପାଇଁ ପିତାମାତାଙ୍କ ସ୍ନେହ ଅତ୍ୟନ୍ତ ଜରୁରୀ। ପୋଷ୍ୟ ସନ୍ତାନ ଗ୍ରହଣ ଦ୍ୱାରା ପିଲାଟିକୁ ଏକ ପରିବାର ମିଳିବା ସହ ଗ୍ରହଣକାରୀଙ୍କୁ ମଧ୍ୟ ପିତାମାତା ର ସୌଭାଗ୍ୟ ପ୍ରାପ୍ତି ର ସୁଯୋଗ ମିଳିଥାଏ। ପ୍ରତ୍ୟେକ ଶିଶୁ ମଧ୍ୟରେ ପ୍ରତିଭା ରହିଛି ଓ ଏହାର ଉନ୍ମେଷ ସମାଜକୁ ସମୃଦ୍ଧ ଓ ଶୃଙ୍ଖଳିତ କରିପାରିବ ବୋଲି ଶ୍ରୀମତୀ ପରିଡା ମତବ୍ୟକ୍ତ କରିଥିଲେ । ଚିନ୍ତା, ଚେତନା, ଶିକ୍ଷା ଏବଂ ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରିବା ପାଇଁ ଏଭଳି ଏକ ମଞ୍ଚ ଆୟୋଜନ କରିଥିବାରୁ ବିଭାଗକୁ ସେ ଅଭିନନ୍ଦନ ଜଣାଇଥିଲେ। ଗତ କିଛି ବର୍ଷ ମଧ୍ୟରେ ଓଡିଶା ପୋଷ୍ୟ ସନ୍ତାନ ଗ୍ରହଣ ବ୍ୟବସ୍ଥାକୁ ସୁଗମ କରିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି ବୋଲି ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ଶ୍ରୀମତୀ ଶୁଭା ଶର୍ମା ପ୍ରମୁଖ ଶାସନ ସଚିବ, ମହିଳା ଏବଂ ଶିଶୁ ବିକାଶ ବିଭାଗ, ଶ୍ରୀମତୀ ଭାବନା ସକ୍ସେନା, ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦ୍ର ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା ; ଏବଂ ଶ୍ରୀମତୀ ମୋନିଷା ବାନାର୍ଜୀ ନିର୍ଦ୍ଦେଶକ, ଆଇ.ସି.ଡି.ଏସ. ଏବଂ ସମାଜ କଲ୍ୟାଣ ବିଭାଗ ଉପସ୍ଥିତ ରହି ପୋଷ୍ୟ ସନ୍ତାନ ଗ୍ରହଣ ସମ୍ମିଳନୀ ର ଆବଶ୍ୟକତା, ବ୍ୟବହାରଗତ ପରିବର୍ତ୍ତନ ଓ ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ସମ୍ମିଳନୀ କେନ୍ଦ୍ର ପୋଷ୍ୟ ସନ୍ତାନ ସମ୍ବଳ ସଂସ୍ଥା, ୟୁନିସେଫ ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ନେତୃତ୍ୱରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନଗୁଡ଼ିକରେ କିଶୋର ନ୍ୟାୟ ଆଇନ ଅଧୀନରେ ନୀତିଗତ ସୁରକ୍ଷା, ଆନ୍ତର୍ଜାତୀୟ ଯତ୍ନ ସଂସ୍କାର ପ୍ରୟାସ ଏବଂ ପୋଷ୍ୟ ପରିବାର ପାଇଁ ମାନସିକ ସାମାଜିକ ସହାୟତା ବ୍ୟବସ୍ଥା ଉପରେ ଅନୁସନ୍ଧାନ କରାଯାଇଥିଲା । ତାମିଲନାଡୁ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରର ରାଜ୍ୟସ୍ତରୀୟ ନବସୃଜନଗୁଡ଼ିକୁ ମଧ୍ୟ ସ୍କେଲେବଲ୍ ଅଭ୍ୟାସର ମଡେଲ୍ ଭାବରେ ଅଂଶୀଦାର କରାଯାଇଥିଲା। ସଫଳ ପୋଷ୍ୟ ସନ୍ତାନ ଗ୍ରହଣକାରୀଙ୍କ କାହାଣୀକୁ ନେଇ ଷ୍ଟୋରିଜ ଅଫ ହୋପ ଆଣ୍ଡ ହିଲିଙ୍ଗ ନାମରେ ଏକ କଫି ଟେବଲ ବୁକ ମଧ୍ୟ ଉନ୍ମୋଚନ କରାଯାଇଥିଲା। ସମଗ୍ର ଓଡ଼ିଶାରୁ ଜିଲ୍ଲାପାଳ ଏବଂ ଉପ- ଜିଲ୍ଲାପାଳ ମାନେ ପୋଷ୍ୟ ଗ୍ରହଣକୁ ପ୍ରୋତ୍ସାହିତ କରୁଥିବା ଏବଂ ସଂସ୍ଥାଗତ ଯତ୍ନକୁ ହ୍ରାସ କରୁଥିବା ତୃଣମୂଳ ସ୍ତରରେ ପ୍ରୟାସ ଉପସ୍ଥାପନ କରିବା ପାଇଁ ଏକ ଶୈକ୍ଷିକ ବିନିମୟରେ ଅଂଶଗ୍ରହଣ କରିଥିଲେ। ଶିଶୁ କଲ୍ୟାଣ କମିଟିର ଅଧକ୍ଷ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀମାନେ ମଧ୍ୟ ରାଜ୍ୟ ସାରା ପୋଷ୍ୟ ଗ୍ରହଣ ପ୍ରକ୍ରିୟାକୁ ସୁଦୃଢ଼ ଏବଂ ତ୍ୱରାନ୍ୱିତ କରିବା ପାଇଁ ଅଂଶଗ୍ରହଣ କରିଥିଲେ ।

ପୋଷ୍ୟ ଗ୍ରହଣ ସମ୍ମିଳନୀ ୨୦୨୫ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟକୁ ତ୍ୱରାନ୍ୱିତ କରିବା, ଜିଲ୍ଲାସ୍ତରୀୟ ପୋଷ୍ୟ ଗ୍ରହଣ ବ୍ୟବସ୍ଥାକୁ ମଜବୁତ କରିବ ଏବଂ ପ୍ରତ୍ୟେକ ଶିଶୁର ପରିବାର ପ୍ରତି ଅଧିକାର ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଇଥିଲା । ଶିଶୁ-କୈନ୍ଦ୍ରିକ ଶାସନରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବା ସହିତ, ଏହି ସମ୍ମିଳନୀ କୌଣସି ଶିଶୁ ଯେପରି ପ୍ରେମ, ପରିଚୟ, ପରିବାର ଏବଂ ନିଜତ୍ୱ ବିନା ବଢ଼ିବ ନାହିଁ ତାହା ନିଶ୍ଚିତ କରିବାର ସାମୂହିକ ସଂକଳ୍ପକୁ ପୁନଃସ୍ଥାପିତ କରିବ ।

# ଓଡ଼ିଶାରେ ଲକ୍ଷପତି ଦିଦି ସମ୍ମିଳନୀ ଉଦଯାପିତ

ଭୁବନେଶ୍ୱର,୩୦।୫(ମହାଭାରତ): ଭୁବନେଶ୍ୱରର ଲୋକ ସେବା ଭବନ କନଭେନସନ୍ ସେଂଟର ଠାରେ ଆୟୋଜିତ ଲକ୍ଷପତି ଦିଦି ସମ୍ମିଳନୀ ଉଦଯାପିତ ହୋଇଛି। ଏହି ଐତିହାସିକ ଅବସରରେ ଓଡ଼ିଶାର ୧୬ ଲକ୍ଷରୁ ଅଧିକ ଗ୍ରାମୀଣ ମହିଳା ବାର୍ଷିକ ୧ ଲକ୍ଷ ଟଙ୍କା କିମ୍ବା ତା'ଠାରୁ ଅଧିକ ଆୟ ହାସଲ କରିବାର ଅଭୂତପୂର୍ବ ସଫଳତା ପ୍ରଦର୍ଶିତ ହୋଇଛି। ଏହି ଅସାଧାରଣ ସଫଳତା ଓଡ଼ିଶାକୁ କେନ୍ଦ୍ର ସରକାରଙ୍କ ଏହି ପ୍ରମୁଖ ଯୋଜନାରେ ଦେଶର ଶୀର୍ଷସ୍ଥାନୀୟ ରାଜ୍ୟ ଭାବରେ ପ୍ରତିଷ୍ଠିତ କରିଛି, ଯାହା ମହିଳା ସଶକ୍ତିକରଣ ଓ ଗ୍ରାମୀଣ ଉଦ୍ୟୋଗୀତାରେ ଓଡ଼ିଶାର ଅଗ୍ରଗାମୀ ଭୂମିକାକୁ ପ୍ରତିଫଳିତ କରୁଛି ।



ସମ୍ମିଳନୀର ପ୍ରଥମ ଦିନରେ ହିମାଚଳ ପ୍ରଦେଶ , ତେଲଙ୍ଗାନା ଏବଂ ଓଡ଼ିଶାର ରାଜ୍ୟ ଗ୍ରାମୀଣ ଜୀବିକା ମିଶନର ପ୍ରତିନିଧିମାନେ ମହିଳା ସଶକ୍ତିକରଣ ଦିଗରେ ଶ୍ରେଷ୍ଠ ଅଭ୍ୟାସ ସମ୍ବନ୍ଧରେ ଉପସ୍ଥାପନା ରଖିଥିଲେ ।ଏହି ଅବସରରେ ଡିଜିଟାଲ ବଜାର ପ୍ରବେଶ ଓ ସ୍ଥାୟୀ ଜୀବିକା ସମ୍ପ୍ରସାରଣ ଲକ୍ଷ୍ୟରେ ଓପନ ନେଟୱାର୍କ ଫର ଡିଜିଟାଲ କମର୍ସ ଏବଂ ଇଣ୍ଡସ୍ଟ୍ରି ଫାଉଣ୍ଡେସନ ସହିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା। ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡଃ ମୋନିକା ପ୍ରିୟଦର୍ଶନୀଙ୍କ ଦ୍ୱାରା ବିଭିନ୍ନ ଅଂଶଗ୍ରହଣକାରୀ ରାଜ୍ୟର ପ୍ରତିନିଧିମାନଙ୍କୁ ବିଶେଷ ସ୍ମାରକ ପ୍ରଦାନ ସହିତ ଏହି ଐତିହାସିକ ସମ୍ମିଳନର ଅଧିବେଶନ ସମାପ୍ତ ହୋଇଥିଲା । ଏହା ପରେ ଅଂଶଗ୍ରହଣକାରୀ ପ୍ରତିନିଧି ମାନେ ମିଶନ ଶକ୍ତି ବଜାର ପରିଦର୍ଶନ କରି ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ଅନନ୍ୟ ହସ୍ତଶିଳ୍ପର ପ୍ରଦର୍ଶନ ଦେଖିଥିଲେ। ସମ୍ମିଳନୀର ଦ୍ୱିତୀୟ ଦିବସରେ ସମଗ୍ର ଦେଶରୁ ଆସିଥିବା ଲକ୍ଷପତି ଦିଦି ଓ ବରିଷ୍ଠ ଅଧିକାରୀମାନେ ପୁରୀ ଜିଲ୍ଲା ପ୍ରଶାସନର ବିଶେଷ ବ୍ୟବସ୍ଥାରେ ଜଗନ୍ନାଥ ଧାମକୁ ଯାତ୍ରା କରିଥିଲେ। ଏହି ସାଂସ୍କୃତିକ ଓ ଶିକ୍ଷଣୀୟ ଯାତ୍ରାରେ ବିଶ୍ୱପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଦର୍ଶନ, ରଘୁରାଜପୁର ଠାରେ ପାରମ୍ପରିକ ଶିଳ୍ପକଳାର ପରିଦର୍ଶନ ଏବଂ ୟୁନେସ୍କୋ ବିଶ୍ୱ ଐତିହ୍ୟରେ ସ୍ଥାନ ପାଇଥିବା କୋଣାର୍କର ସୂର୍ଯ୍ୟ ମନ୍ଦିର ଓ ସଂଗ୍ରହାଳୟ ପରିଦର୍ଶନ ସାମିଲ ରହିଥିଲା।

# ମେଟ୍ରୋନ୍ ମହାସଂଘ ପକ୍ଷରୁ ଷଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୩୦।୫(ମହାଭାରତ): ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ମହିଳା ମେଟ୍ରୋନ୍ ମହାସଂଘ ପକ୍ଷରୁ ଷଷ୍ଠ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ସ୍ଥାନୀୟ ଜୟଦେବ ଭବନ ଠାରେ ମହାସମାରୋହରେ ପାଳନ କରାଯାଇଛି। ଉକ୍ତ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରମେଶ ମହାନ୍ତି, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନ୍ ଜୀବୀ ଶ୍ରୀମତୀ ପ୍ରତିଭା ବର୍ମା ମହୋଦୟା, ମୁଖ୍ୟବକ୍ତା ଭାବେ ରାଜ୍ୟ ଆବାହକ ଦିଗମ୍ବର ଜେନା ପ୍ରମୁଖ ଯୋଗଦେଇ ମାଟ୍ରନ୍‌ମାନଙ୍କର ୭ଦଫା ଦାବି ସମ୍ବନ୍ଧେ ଆଲୋଚନା କରି ସରକାର ଯଥାଶୀଘ୍ର ଦାବି ଗୁଡ଼ିକ ପୂରଣ କରିବା ନିମନ୍ତେ ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନା କରିଥିଲେ। ବଡ଼ ଦୁଃଖର ବିଷୟ, ୨୦୨୪ ମସିହାରେ ସରକାର ମାତ୍ର ୫୦୦୦ ଟଙ୍କା ବୃଦ୍ଧିକରି ମାସିକ ୧୫ ହଜାର ଟଙ୍କା ଦରମା ଦେଉଛନ୍ତି, ତାହା ସମୁଦ୍ରକୁ ଶଙ୍ଖେ । ଯଥାଶୀଘ୍ର ସର୍ବନିମ୍ନ ମଜୁରୀ ହିସାବରେ ଦରମା ବୃଦ୍ଧି, ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ପରି ମେଟ୍ରୋନ୍ ମାନଙ୍କୁ ଯଥାଶୀଘ୍ର ସ୍ଥାୟୀ ନିଯୁକ୍ତି ଦିଆଯାଉ । ଆପଏଣ୍ଟମେଣ୍ଟରେ ଥିବା ଅର୍ଡର ମୁତାବକ ଛାତ୍ରୀନିବାସର ସମସ୍ତ କାଗଜପତ୍ର ମେଟ୍ରୋନ୍‌ମାନଙ୍କୁ ହସ୍ତାନ୍ତର କରାଯାଇ ଇ.ପି.ଏଫ୍. କଟାଯାଉ । ସରକାରଙ୍କ ଦ୍ୱାରା ବର୍ଦ୍ଧିତ ସପ୍ତମ ବେତନ କମିଶନର ଅର୍ଥ ଲାଗୁ କରାଯାଉ । କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ, ମୃତ୍ୟୁକାଳୀନ ସହାୟତା ରାଶି ବୃଦ୍ଧି କରାଯାଉ । ମେଟ୍ରୋନ୍ ମାନଙ୍କର ହଷ୍ଟେଲ୍ ପରିସରରେ କ୍ୱାର୍ଟର ର ବ୍ୟବସ୍ଥା କରାଯାଉ । ହଠାତ୍ କୌଣସି ଆକସ୍ମିକ ଘଟଣା ପିଲାମାନଙ୍କର ଘଟିଲେ ତାଙ୍କୁ ଚାକିରୀରୁ ବହିଷ୍କାର କରାଯିବା ବ୍ୟବସ୍ଥାକୁ ଉଚ୍ଛେଦ କରାଯାଉ। ବିଳମ୍ବରେ ଚାକିରୀ ଦିଆଯାଇଥିବାରୁ ଚାକିରୀର ବୟସ ସୀମା ବୃଦ୍ଧି କରାଯାଉ। ମାଟ୍ରନ ମାନଙ୍କ ଯୋଗ୍ୟତା ଅନୁସାରେ ୧୦% ପଦୋନ୍ନତିର ବ୍ୟବସ୍ଥା କରାଯାଉ । ମେଟ୍ରୋନ୍ ସଂଘ ପକ୍ଷରୁ ରଞ୍ଜିତା ଚେଟି, ଅନୀତା ଖେସଲା, ସୋନାଲି ଶ୍ରୀଚନ୍ଦନ, ବୀଣାପାଣି ବିଶ୍ୱାଳ, ରଞ୍ଜୁଲତା ବେହେରା, ପ୍ରମୁଖ ମାନପତ୍ର, ଉତ୍ତରୀୟ ପ୍ରଦାନ କରାଯାଇଥିଲା ।

# ଅପରେସନ ସିନ୍ଦୂରର ସଫଳତା ଉଦ୍ଦେଶ୍ୟରେ ରକ୍ତଦାନ ଶିବିର

ଭୁବନେଶ୍ୱର,୩୦।୫(ମହାଭାରତ): ଅପରେସନ ସିନ୍ଦୂର'ର ସଫଳତା ଏବଂ ବୀର ଯବାନଙ୍କ ସାହସ ଓ ପରାକ୍ରମ ଉଦ୍ଦେଶ୍ୟରେ ତଥା ରକ୍ତଭାବ ପୂରଣ କରିବା ପାଇଁ ଏକାମ୍ର ନିର୍ବାଚନ ମଣ୍ଡଳୀର ଡୁମୁଡୁମା ଅଂଚଳରେ ଏକାମ୍ର ନିର୍ବାଚନ ମଣ୍ଡଳୀର ମହିଳା ମାନଙ୍କ ଦ୍ୱାରା ଆୟୋଜିତ ରକ୍ତ ଦାନ ଶିବିରକୁ ଏକାମ୍ର ବିଧାୟକ ବାବୁ ସିଂ ଉଦଘାଟନ କରିଥିଲେ। ରକ୍ତଦାନ ଶିବିରରେ ଏକାମ୍ର ନିର୍ବାଚନ ମଣ୍ଡଳୀର ବହୁ ମହିଳା ମାନେ ଆସି ରକ୍ତଦାନ କରିଥିଲେ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ,'ଅପରେସନ ସିନ୍ଦୂର'ରେ ଭାରତୀୟ ସେନାର ପରାକ୍ରମ ସମ୍ମାନାର୍ଥେ ଏକାମ୍ର ନିର୍ବାଚନ ମଣ୍ଡଳୀର ମାତୃ ଶକ୍ତିଙ୍କ ଦ୍ୱାରା ଆୟୋଜିତ ଏହି ରକ୍ତ ଦାନ ଶିବିରରେ ଯୋଗଦେଇ ନିଜକୁ ଗର୍ବିତ ଅନୁଭବ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱରେ ଅପରେସନ ସିନ୍ଦୂରରେ ସଫଳତା ପାଇଁ ଭାରତୀୟ ସେନାର ଧୈର୍ଯ୍ୟ,ଶକ୍ତି,ସାମର୍ଥ୍ୟ ଆଗରେ ଆମେ ମୁଣ୍ଡ ନୁଆଇଁ ପ୍ରଣାମ କରୁଛୁ । ଅପରେସନ ସିନ୍ଦୂରରେ କର୍ଣ୍ଣେଲ ସୋଫିଆ କ୍ୟୁରେସି ଏବଂ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂଙ୍କ ନେତୃତ୍ୱ ଭାରତର ନାରୀ ଶକ୍ତି ଏବଂ ବଦଳୁଥିବା ଭାରତର ନିଦର୍ଶନ। ଏହି ରକ୍ତ ଦାନ ଶିବିରରେ ମା ଓ ଭଉଣୀମାନେ ବିପୁଳ ସଂଖ୍ୟାରେ ଯୋଗ ଦେଇଥିବାରୁ ଅନେକ ଅନେକ ଧନ୍ୟବାଦ ଜଣାଉଛି ବୋଲି ଶ୍ରୀ ସିଂ କହିଛନ୍ତି। ଆଜିର ଏହି ରକ୍ତ ଦାନ ଶିବିରରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବିଜେପି ନେତା ଜିତୁ ପଟ୍ଟନାୟକ, ସୁମିତ୍ରା ଆଚାର୍ଯ୍ୟ,ସୁକାନ୍ତ ପାତ୍ର, ଅପର୍ତି ସୁନ୍ଦରାୟ, ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତଟ ରେଳପଥର ମୌସୁମୀ ପ୍ରସ୍ତୁତ

ଭୁବନେଶ୍ୱର,୩୦।୫(ମହାଭାରତ): ମୌସୁମୀ ପ୍ରସ୍ତୁତି ଅଭ୍ୟାସର ଏକ ଅଂଶ ଭାବରେ ପୂର୍ବତଟ ରେଳପଥ ଏହାର ସାଙ୍କେତିକ ପ୍ରଣାଳୀର ନିରବଚ୍ଛିନ୍ନ କାର୍ଯ୍ୟ ଏବଂ ବନ୍ୟାପ୍ରବଣ ଅଞ୍ଚଳଗୁଡ଼ିକରେ ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବା ପାଇଁ ସକ୍ରିୟ ଏବଂ ଆଗୁଆ। ନିରାପତ୍ତା ପଦକ୍ଷେପଗୁଡ଼ିକର ଏକ ଶୃଙ୍ଖଳା କାର୍ଯ୍ୟକାରୀ କରିଛି ଜଳ ନିଷ୍କାସନ ପରିଚାଳନା, ପାଟ୍ରୋଲିଂ, ସିଗନାଲିଂ ଯାଞ୍ଚ ଓ ପାଣିପାଗ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ବାସ୍ତବ-ସମୟ ସମନ୍ୱୟ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।ମୌସୁମୀ ପରିସ୍ଥିତିର ମୁକାବିଲା କରିବା ପାଇଁ ମଧ୍ୟ ବ୍ୟାପକ ପଦକ୍ଷେପ ନିଆଯାଇଛି ମୌସୁମୀ ସମୟରେ କାର୍ଯ୍ୟକାରୀ ହୋଇଥିବା ପ୍ରମୁଖ ନିରାପତ୍ତା ବ୍ୟବସ୍ଥା ଏବଂ ମୌସୁମୀ ଋତୁରେ ଟ୍ରେନଗୁଡ଼ିକର ସୁରକ୍ଷିତ ଚଳାଚଳ ସୁନିଶ୍ଚିତ କରିବା ପାଇଁ ପୂର୍ବତଟ ରେଳପଥ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିଛି: ଉନ୍ନତ ଡ୍ରେନେଜ୍ ପରିଚାଳନା: ସୁଗମ ଜଳ ପ୍ରବାହ ସୁନିଶ୍ଚିତ କରିବା ପାଇଁ ୟାର୍ଡ ଡ୍ରେନ୍ ସଫା କରିବା ଏବଂ କ୍ୟାଚ୍ ୱାଟର ଡ୍ରେନ୍ ଏବଂ ପାର୍ଶ୍ୱ ଡ୍ରେନ୍ ରୁ ବାଧା ଦୂର କରିବା।

ଟ୍ରାକ୍ ଏବଂ ସଙ୍କେତ



ନିର୍ଭରଯୋଗ୍ୟତା: ସମ୍ଭାବ୍ୟ ଟ୍ରାକ୍ ସର୍କିଟ୍ ବିଫଳତା ପାଇଁ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକୁ ପୂର୍ବରୁ ସମାଧାନ କରାଯାଇଛି ।ଟ୍ରାକ୍ ଏବଂ ସିଗନାଲିଂ ଅଧିକାରୀଙ୍କ ଦ୍ୱାରା ମିଳିତ ଯାଞ୍ଚ ସମୟୋଚିତ ପ୍ରତିକାରମୂଳକ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିଛି । ଆକ୍ସଲ୍ କାଉଣ୍ଟର ସଂସ୍ଥାପନ: ଅନବରତ ସାଙ୍କେତିକ ପ୍ରଣାଳୀ ବଜାୟ ରଖିବା ପାଇଁ ଜଳବନ୍ଦୀ-ପ୍ରବଣ ଅଞ୍ଚଳରେ କର୍ମଚାରୀ ନିୟୋଜିତ ଓ ସତର୍କତା ଓ ନିରାପତ୍ତା ଜନିତ ସାମଗ୍ରୀ ଗଚ୍ଛିତ ରଖିବା ।ସ୍ୱତନ୍ତ୍ର ମୌସୁମୀ ପାଟ୍ରୋଲିଂ: ସମ୍ବେଦନଶୀଳ ଅଞ୍ଚଳରେ ପାଟ୍ରୋଲିଂ ଏବଂ ଜଗୁଆଳୀ ନିୟୋଜିତ କରିବା ସମ୍ଭାବ୍ୟ ବିପଦ ଚିହ୍ନଟ କରିବା ଏବଂ ଟ୍ରେନଗୁଡ଼ିକୁ ସୁରକ୍ଷା ଦେବା ପାଇଁ ପ୍ରବଳ ବର୍ଷା ସମୟରେ ସେକ୍ସନାଲ ଗ୍ୟାଙ୍ଗମ୍ୟାନ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଅଛି।

ପୂର୍ବ ତଟ ରେଳପଥ ଏହାର କାର୍ଯ୍ୟକ୍ଷେତ୍ରରେ ନିମ୍ନଲିଖିତ ନିର୍ଦ୍ଦିଷ୍ଟ ପ୍ରୋଟୋକଲ କାର୍ଯ୍ୟକାରୀ କରି ଏହାର କର୍ମଚାରୀମାନଙ୍କୁ ସଜାଗ ରଖିଛି ଏବଂ ଆପଦକାଳୀନ ପ୍ରସ୍ତୁତିକୁ ବୃଦ୍ଧି କରିଛି ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ହେଉଛି। ଭିତ୍ତିଭୂମି ଉପରେ ନିରନ୍ତର ନଜର: ରେଳ ବ୍ରିଜ୍, ଟ୍ରାକ୍, ୟାର୍ଡ ଏବଂ ସିଗନାଲିଂ ସିଷ୍ଟମର ନିକଟତମ ତଦାରଖ । ଜରୁରୀକାଳୀନ ସାମଗ୍ରୀର ପ୍ରସ୍ତୁତି: ପ୍ରମୁଖ ସ୍ଥାନଗୁଡ଼ିକରେ ପଥର, ବାଲାଷ୍ଟ, ବାଲି ଏବଂ ଅନ୍ୟାନ୍ୟ ମୌସୁମୀ ସଂରକ୍ଷଣ ସାମଗ୍ରୀର ପର୍ଯ୍ୟାପ୍ତ ଷ୍ଟକ୍ ରଖାଯାଇଛି ଇଞ୍ଜିନିୟରିଂ ରିଲିଫ୍ ଭ୍ୟାନ୍ ପ୍ରସ୍ତୁତ ରଖାଯାଇଛି। ବନ୍ୟା ଏବଂ ଜଳ ପରିଚାଳନା: ସେତୁର ଜଳପଥରୁ ଉଦ୍ଭିଦ ଏବଂ କାଦୁଅ ସଫା କରିବା; ରାଜ୍ୟ ଜଳସେଚନ ବିଭାଗ ସହିତ ସମନ୍ୱୟ ରକ୍ଷାକରି କେନାଲ ଏବଂ ଟ୍ୟାଙ୍କ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଇଅଛି।

# ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୩୦/୦୫(ମହାଭାରତ): ବିଶିଷ୍ଟ ରାଜନେତା, ବିଜେପିର ପ୍ରଥମ ତଥା ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା। ତାଙ୍କ ପରଲୋକରେ ରାଜ୍ୟ ବିଜେପି ତରଫରୁ ଗଭୀର ଶୋକବ୍ୟକ୍ତ କରାଯାଇଛି।



ସ୍ୱର୍ଗତଃ ପଟ୍ଟନାୟକ ତିନି ଥର କାମାକ୍ଷାନଗରରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଓଡ଼ିଶାର ପ୍ରଥମ ବିଧାୟକ ଭାବେ ଦଳ ପକ୍ଷରୁ ବିଜୟୀ ହୋଇ ଇତିହାସ ରଚିଥିଲେ। ରାଜ୍ୟରେ ଦଳକୁ ତୃଣମୂଳସ୍ତରରେ ମଜଭୁତ କରିବାରେ ସ୍ୱର୍ଗତଃ ପଟ୍ଟନାୟକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସଙ୍ଗଠନକୁ ସୁଦୃଢ଼ କରିବାରେ ତାଙ୍କ ଅବଦାନ ଚିରସ୍ମରଣୀୟ ହୋଇରହିବ। ତାଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ। ସ୍ୱର୍ଗତଃ ପଟ୍ଟନାୟକ ଓଡ଼ିଶା ବିଜେପିର ସଂଘର୍ଷମୟ ଯାତ୍ରାର ଅଗ୍ରଗଣ୍ୟ ନେତା ଓ କର୍ମୀ ଥିଲେ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଥିଲେ ଯେ, ବିଜେପିର ପ୍ରଥମ ନିର୍ବାଚନରେ ସ୍ୱର୍ଗତ ପଟ୍ଟନାୟକ କାମାକ୍ଷାନଗରରୁ ବିଜୟୀ ହୋଇ ଦଳ ପାଇଁ ମୂଳଦୁଆ ପକାଇଥିଲେ। ସେ ବିଧାୟକ ଭାବେ ନିର୍ବାଚିତ ହେବା ପରେ କାମାକ୍ଷାନଗରର ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ହୋଇଥିଲା। କାମାକ୍ଷାନଗରରେ ୧୫ରୁ ଊର୍ଦ୍ଧ୍ୱ ଶିକ୍ଷାନୁଷ୍ଠାନ ନିର୍ମିତ ହୋଇଥିଲା। ତାଙ୍କ ବିୟୋଗରେ ରାଜ୍ୟ ତଥା ବିଜେପି ପରିବାର ପାଇଁ ଅପୂରଣୀୟ କ୍ଷତି ହୋଇଛି ।ରାଜ୍ୟ କାର୍ଯ୍ୟାଳୟରେ ସ୍ୱର୍ଗତଃ ପଟ୍ଟନାୟକଙ୍କ ପାର୍ଥୀବ ଶରୀର ପହଂଚିବା ପରେ ରାଜ୍ୟ ସଭାପତି ଶ୍ରୀ ସାମଲ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସମେତ ରାଜ୍ୟ ପଦାଧିକାରୀ ଓ ବହୁ ସମର୍ଥକ ପହଂଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି ଅବସରରେ ସ୍ୱର୍ଗତଃ ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହ ଏଭଳି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗ ଏବଂ ବନ୍ଧୁଜନଙ୍କୁ ଅସୀମ ଧୈର୍ଯ୍ୟ ପ୍ରଦାନ କରିବା ପାଇଁ ସମସ୍ତ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ହିନ୍ଦୀ ସାମ୍ବାଦିକତା ଦିବସରେ ଶୁଭେଚ୍ଛା ଜଣାଇଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

ଭୁବନେଶ୍ୱର, ୩୦।୫(ମହାଭାରତ): ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହିନ୍ଦୀ ସାମ୍ବାଦିକତା ଦିବସରେ ସମସ୍ତ ସାମ୍ବାଦିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି – 'ହିନ୍ଦୀ ସାମ୍ବାଦିକତା ଦିବସ ଅବସରରେ ସମସ୍ତ ସାମ୍ବାଦିକ ବନ୍ଧୁଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା। ହିନ୍ଦୀ ସାମ୍ବାଦିକତାର ଇତିହାସ ଅତ୍ୟନ୍ତ ଗୌରବମୟ ଓ ପ୍ରେରଣାଦାୟକ ରହିଛି। ଏହି ହେଉଛି ସେହି ମାଧ୍ୟମ ଯାହା ସମାଜରେ ସଚେତନତା ପ୍ରଚାର, ସଂଘର୍ଷଗୁଡ଼ିକୁ ଉଜାଗର କରିବା ଓ ଲୋକଙ୍କର ସ୍ୱରକୁ ଉଚ୍ଚ କରିବା କାମ କରିଛି ।ହିନ୍ଦୀ ସାମ୍ବାଦିକତା ପ୍ରତ୍ୟେକ ଯୁଗରେ ସମାଜର ସବୁଠାରୁ ସମ୍ବେଦନଶୀଳ ବିଷୟ ଉପରେ ଧ୍ୟାନ ଦେଇ ଏହାକୁ ଜାତୀୟ ଚର୍ଚ୍ଚାର ଅଂଶ ବନାଇଛି। ଆଜି ହିନ୍ଦୀ ସାମ୍ବାଦିକତା ଦିବସର ଅବସରରେ ସେହି ସମସ୍ତ ସାମ୍ବାଦିକଙ୍କୁ ଅଭିନନ୍ଦନ ଯେଉଁମାନେ ନିଜ ଲେଖନୀ ଦ୍ୱାରା ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣୁଛନ୍ତି।'

# ପୂର୍ବତନ ଆଇପିଏସ ଅଧିକାରୀ କୁଳମଣି ଦେଓଙ୍କ ବିୟୋଗରେ ଆଇ.ପି.ଏସ ସଂଘର ଶୋକ

ଭୁବନେଶ୍ୱର,୩୦।୫(ମହାଭାରତ): ପୂର୍ବତନ ଆଇପିଏସ ଅଧିକାରୀ କୁଳମଣି ଦେଓଙ୍କ ବିୟୋଗରେ ରାଜ୍ୟ ଆଇ.ପି.ଏସ ସଂଘର ସଦସ୍ୟଗଣ ଦୁଃଖ ପ୍ରକାଶ କରିଛନ୍ତି । ଶୁକ୍ରବାର ଅପରାହ୍ନରେ କମିଶନରେଟ ପୋଲିସ ସମ୍ମିଳନୀ କକ୍ଷଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସ୍ୱର୍ଗତ ଦେଓଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ ଅର୍ପଣ କରାଯିବା ସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଘ ତରଫରୁ ସ୍ୱର୍ଗତ ଦେଓଙ୍କ ପରିବାର ବର୍ଗଙ୍କ ପ୍ରତି ମଧ୍ୟ ସମବେଦନା ଜ୍ଞାପନ କରାଯାଇଥିଲା । ସ୍ୱର୍ଗତ ଦେଓ ଜଣେ ଦକ୍ଷ ଆଇ.ପି.ଏସ ଅଧିକାରୀ ଭାବେ ସାରା ରାଜ୍ୟରେ ସୁନାମ ଅର୍ଜନ କରିଥିଲେ। ନିଜର ଚାକିରି କାର୍ଯ୍ୟକାଳ ସମୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଦକ୍ଷତାର ସହ କାର୍ଯ୍ୟ ନିର୍ବାହ କରି ଓଡିଶା ପୋଲିସର ସୁନାମ ବଢ଼ାଇଥିଲେ । ତାଙ୍କ ବିୟୋଗ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଡ଼ିଜିପି ନିଜ ପ୍ରତିକ୍ରିୟାରେ କହିଥିଲେ। ସ୍ୱର୍ଗତ ଦେଓଙ୍କ ସହ ଜଡିତ ଥିବା ବିଭିନ୍ନ ଅଭୁଲା ସ୍ମୃତି ସମ୍ପର୍କରେ ଡିଜିପି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଆଇପିଏସ ସଂଘର ସମ୍ପାଦକ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ ସ୍ୱର୍ଗତ ଦେଓଙ୍କ ଚାକିରୀ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ।



ଏହି କାର୍ଯ୍ୟକ୍ରମରେ ଡିଜିପି ( କାରାଗାର ଏବଂ ସଂସ୍କାର ସେବା) ସୁଶାନ୍ତ କୁମାର ନାଥ, ଡିଜିପି (କ୍ରାଇମବ୍ରାଂଚ) ବିନୟତୋଷ ମିଶ୍ର, ନିର୍ଦ୍ଦେଶକ (ଏସସିଆରବି) ଡ଼. ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର,ପୋଲିସ କମିଶନର (ଭୁବନେଶ୍ୱର- କଟକ) ଡ଼. ଏସ. ଦେବଦତ୍ତ ସିଂ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀଗଣ ଉପସ୍ଥିତ ଥିଲେ।

# ପୁରୀ-ବାଙ୍ଗିରିପୋଷି ଏକ୍ସପ୍ରେସରେ ଏକ ମାସ ପାଇଁ ଗୋଟିଏ ଚେୟାର କାର୍ କୋଚ୍ ବୃଦ୍ଧି

ଭୁବନେଶ୍ୱର,୩୦।୫(ମହାଭାରତ): ବର୍ଦ୍ଧିତ ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଆରାମଦାୟକ ଉପଲବ୍ଧି ବୃଦ୍ଧି କରାଇବା ପାଇଁ ଭାରତୀୟ ରେଳ ୧୨୮୯୨/ ୧୨୮୯୧ ପୁରୀ-ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସରେ ଗୋଟିଏ ଦ୍ୱିତୀୟ ଶ୍ରେଣୀ ଚେୟାର କାର୍ କୋଚ୍ ଅସ୍ଥାୟୀ ଭାବରେ ବୃଦ୍ଧି ଘୋଷଣା କରିଛି।



ଜୁନ୍ ୧, ୨୦୨୫ ଠାରୁ ଏହି ଟ୍ରେନ୍ ୧୫ କୋଚ୍ ସହିତ ପୁରୀରୁ ଚଳାଚଳ କରିବ ଯାହା ପୂର୍ବରୁ ୧୪ କୋଚ୍ ସହିତ ଚଳାଚଳ କରୁଥିଲା – ଏହାକୁ ୩୦ ଜୁନ୍ ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି। ଫେରିବା ମାର୍ଗରେ ଅତିରିକ୍ତ କୋଚ୍ ୨ ଜୁନ୍ ରେ ବାଙ୍ଗିରିପୋଷିରୁ ସଂଲଗ୍ନ ହେବ ଯାହା ୧ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଚଳାଚଳ କରିବ।

ଏହି ପଦକ୍ଷେପ ଯାତ୍ରୀ ଯାତାୟାତର ଏକ ବିସ୍ତୃତ ମୂଲ୍ୟାଙ୍କନ ପରେ ନିଆଯାଇଛି ଏବଂ ବର୍ଦ୍ଧିତ ଯାତ୍ରୀ ଚାହିଦା ପୂରଣ କରିବା ପାଇଁ ଏହା ଉଦ୍ଦିଷ୍ଟ ବିଶେଷକରି ଏହି ରୁଟ୍ ଦ୍ୱାରା ସେବା ପ୍ରଦାନ କରାଯାଉଥିବା ଆକାଂକ୍ଷୀ ଜିଲ୍ଲାଗୁଡ଼ିକୁ ଟ୍ରେନ ସେବା ଉପଲବ୍ଧି କରାଯାଉଅଛି ଯୋଡା ଯାଇଥିବା ଚେୟାର କାର୍ କୋଚ୍ ଦୈନିକ ଯାତ୍ରୀ, ପର୍ଯ୍ୟଟକ ଏବଂ ଦୂର-ଦୂରାନ୍ତର ଯାତ୍ରୀଙ୍କ ପାଇଁ ଅଧିକ ଆସନ କ୍ଷମତା ଏବଂ ଉନ୍ନତ ସୁବିଧା ପ୍ରଦାନ କରିବ। ଏହି ନିଷ୍ପତ୍ତିକୁ ଯାତ୍ରୀ ଏବଂ ଜନପ୍ରତିନିଧିମାନେ ବ୍ୟାପକ ପ୍ରଶଂସା କରିଛନ୍ତି ସେମାନଙ୍କ ମଧ୍ୟରୁ ଅନେକ ସକ୍ରିୟ ଭାବରେ ଏହି କୋଚ ବୃଦ୍ଧି ପାଇଁ ସମର୍ଥନ ଜଣାଇଛନ୍ତି ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ସରକାରୀ ମତାମତ ଚ୍ୟାନେଲ ମାଧ୍ୟମରେ ସକାରାତ୍ମକ ମତାମତ ସେୟାର କରାଯାଇଛି ଯାହା ଭାରତୀୟ ରେଳବାଇର ପ୍ରତିକ୍ରିୟାଶୀଳ ଏବଂ ଦକ୍ଷ ସେବା ପ୍ରଦାନ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ଜନସାଧାରଣଙ୍କ ଅନୁମୋଦନକୁ ପ୍ରତିଫଳିତ କରିଛି। ଭାରତୀୟ ରେଳବାଇ ଯାତ୍ରୀ ସୁବିଧା ବୃଦ୍ଧି କରିବା ପାଇଁ ସମର୍ପିତ ଏବଂ ଏପରି ସମୟୋଚିତ ହସ୍ତକ୍ଷେପ ମାଧ୍ୟମରେ ଆହୁରି ଆରାମଦାୟକ ଏବଂ ଦକ୍ଷ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବାକୁ ବଦ୍ଧପରିକର ।

# ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ଆଣିବା ପାଇଁ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବେ ଓଡିଶାର ରାଜ୍ୟପାଳ

ଭୁବନେଶ୍ୱର, ୩୦।୫(ମହାଭାରତ): ଆଗାମୀ ଜୁନ ୨ ତାରିଖରେ ଭାରତରୁ ଭିଏତନାମକୁ ନିଆଯାଇଥିବା ଭଗବାନ ବୁଦ୍ଧଙ୍କର ପବିତ୍ର ଅବଶେଷ ଆଣିବା ପାଇଁ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେବେ ଓଡିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି। ଏହି ଉଦ୍ଦେଶ୍ୟରେ ରାଜ୍ୟପାଳ ଶୁକ୍ରବାର ନୂଆଦିଲ୍ଲୀରୁ ଭିଏତନାମ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି।

ବିଶ୍ୱବ୍ୟାପୀ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ଗଭୀର ଆଧ୍ୟାତ୍ମିକ ଗୁରୁତ୍ୱ ବହନ କରୁଥିବା ପବିତ୍ର ଅବଶେଷଗୁଡ଼ିକୁ ଭାରତରୁ ଭିଏତନାମକୁ ଜାତିସଂଘ ଭେଶକ ଦିବସ ଉତ୍ସବ ଅବସରରେ ପ୍ରଦର୍ଶନ ପାଇଁ ନିଆଯାଇଥିଲା, ଯାହା ପ୍ରତିବର୍ଷ ମେ' ମାସ ପୂର୍ଣ୍ଣିମାରେ ଭଗବାନ ବୁଦ୍ଧଙ୍କ ଜନ୍ମ, ଜ୍ଞାନ ଏବଂ ଇହଲୀଳା ସମ୍ବରଣକୁ ସ୍ମରଣ କରିବା ପାଇଁ ପାଳନ କରାଯାଏ। ଏହି ଅବଶେଷଗୁଡ଼ିକ ୨୦୨୫ ମଇ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ଭେଶକ ଉତ୍ସବ ଅବସରରେ ଭିଏତନାମରେ ପ୍ରଦର୍ଶିତ ହୋଇଥିଲା। ବର୍ତ୍ତମାନ ଏହା ସେହି ଦେଶରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହେଉଛି। ଇଂଟରନ୍ୟାସନାଲ ବୁଦ୍ଧିଷ୍ଟ କନ୍‌ଫିଡେରେସନ ସହଯୋଗରେ ମହାବୋଧି ସୋସାଇଟି ଅଫ ଇଣ୍ଡିଆ ଏବଂ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧିନସ୍ଥ ନ୍ୟାସନାଲ୍ ମ୍ୟୁଜିୟମ୍ ଦ୍ୱାରା ଏହି ଅବଶେଷଗୁଡ଼ିକ ଯୋଗାଇ ଦିଆଯାଇଛି। ଭଗବାନ ବୁଦ୍ଧ ତାଙ୍କର ଧର୍ମ ପ୍ରଚାର କରିଥିବା ପ୍ରଥମ ସ୍ଥାନ ସାରନାଥରୁ ଅବଶେଷକୁ ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ବିମାନରେ ଭିଏତନାମକୁ ନିଆଯାଇଥିଲା। କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜଜୁ, ଆନ୍ଧ୍ର ପ୍ରଦେଶର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ କାଣ୍ଡୁଲା ଦୁର୍ଗେଶ, ପୂଜ୍ୟ ଭିକ୍ଷୁ ଏବଂ ବରିଷ୍ଠ ଭାରତୀୟ ଅଧିକାରୀମାନେ ପବିତ୍ର ଅବଶେଷ ସହ ଯାଇଥିଲେ। ଏତଦ୍‌ବ୍ୟତୀତ ଏକ ଭାରତୀୟ ସାଂସ୍କୃତିକ ଦଳ ଶାକ୍ୟ ମୁନି ବୁଦ୍ଧଙ୍କ ଜୀବନ ଏବଂ ଶିକ୍ଷାକୁ ଚିତ୍ରଣ କରି ନୃତ୍ୟ ନାଟକ "ଗୌତମ ବୁଦ୍ଧଙ୍କ ଜୀବନ ଯାତ୍ରା" ପରିବେଷଣ ପାଇଁ ଭିଏତନାମ ଯାତ୍ରା କରିଥିଲେ। ଚଳିତ ମଇ ୫ ରୁ ୧୩ ତାରିଖ ପର୍ଯ୍ୟନ୍ତ ହୋ ଚି ମିନ୍ ସିଟି, ତାଏ ନିନ୍, ହାନୋଇ ଏବଂ ଅନ୍ୟାନ୍ୟ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜୁନ୍ ୨ ତାରିଖ ଦିନ ପ୍ରଦର୍ଶନୀ ଶେଷ ହେବା ପରେ ଡା ନାଙ୍ଗ ସିଟିରୁ ପବିତ୍ର ଅବଶେଷକୁ ସ୍ୱତନ୍ତ୍ର ବିମାନ ଯୋଗେ ଭାରତକୁ ଅଣାଯିବ। ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ଫେରାଇ ଆଣିବା ପାଇଁ ପ୍ରତିନିଧିମଣ୍ଡଳୀର ଭିଏତନାମ ଯାତ୍ରା ପୂର୍ବରୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି ଯେ, "ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ସହିତ ଭାରତକୁ ଫେରିବା ଏକ ମହାନ ସମ୍ମାନର ବିଷୟ। ଏହି ଆଧ୍ୟାତ୍ମିକ ଯାତ୍ରା ଭିଏତନାମ ସହିତ ଆମର ସହଭାଗୀ ସଭ୍ୟତା ଐତିହ୍ୟକୁ ପ୍ରତିଫଳିତ କରେ । ଭାରତ ଭିଏତନାମ ସହିତ ଥିବା ଏହାର ସମୃଦ୍ଧ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ସଂପର୍କକୁ ଗଭୀର ଭାବେ ଗୁରୁତ୍ୱ ଦେଇଥାଏ ବୋଲି ରାଜ୍ୟପାଳ କହିବା ସହିତ ତାଙ୍କର ଗସ୍ତ ସମୟରେ ଆୟୋଜିତ କାର୍ଯ୍ୟକ୍ରମ ସହିତ ଭଗବାନ ବୁଦ୍ଧଙ୍କର ପବିତ୍ର ଅବଶେଷ ଭାରତ ଫେରିବା ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ସ୍ଥାୟୀ ବନ୍ଧୁତାକୁ ସୁଦୃଢ଼ କରିବ।

# ରାଷ୍ଟ୍ରପତିଙ୍କ ପ୍ରଶ୍ନ

ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ତିନି ସ୍ତମ୍ଭ କାର୍ଯ୍ୟପାଳିକା, ବିଧାନମଣ୍ଡଳୀ ଏବଂ ନ୍ୟାୟାପାଳିକାର କ୍ଷମତା ଓ ସୀମା ନେଇ ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ଥିବା ସତ୍ତ୍ୱେ ଏବେ ସେମାନଙ୍କ ମଧ୍ୟରେ ଉଦ୍ୟମ ସମନ୍ୱୟ ନଥିବା କେତେକ ଘଟଣା ସଂକେତ ପ୍ରଦାନ କରେ। ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ କାର୍ଯ୍ୟ କରିବାକୁ ସମ୍ବିଧାନ ସମସ୍ତ ସ୍ତମ୍ଭ ପାଇଁ ଲକ୍ଷ୍ମଣରେଖା ଟାଣିଦେଇଛି। ତେବେ ଯେଉଁଠି ସାମ୍ବିଧାନିକ ବିଧିବ୍ୟବସ୍ଥା ଉଲ୍ଲଂଘନ ହେଉଛି, ସେଠାରେ ନ୍ୟାୟାପଳିକା ହସ୍ତକ୍ଷେପ କରିଥିବା ବହୁ ନଜୀର ରହିଛି। ରାଷ୍ଟ୍ରପତି ନିଜେ ଏ ନେଇ ସର୍ବୋଚ୍ଚ ଅଦାଲତଙ୍କ ମତାମତ ଲୋଡିବା ପାଇଁ ସାମ୍ବିଧାନିକ କ୍ଷମତା ରହିଛି। ଦେଶ ସ୍ୱାଧୀନ ହେବା ପରଠାରୁ ରାଷ୍ଟ୍ରପତି ମାତ୍ର ୧୪ଥର ସର୍ବୋଚ୍ଚ ଅଦାଲତଙ୍କ ମତାମତ ଲୋଡିଥିବା ଜଣାଯାଏ। ନିକଟରେ ରାଜ୍ୟ ବିଧାନସଭାରେ ଅନୁମୋଦିତ ବିଲଗୁଡିକୁ ମଂଜୁରି ପ୍ରଦାନ ନେଇ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ପାଇଁ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କାର୍ଯ୍ୟ କରିଥିବା ସମୟସୀମା ନେଇ ବିବାଦ ମୁଣ୍ଡ ଟେକିଥିବାବେଳେ ରାଷ୍ଟ୍ରପତି ୧୪ଟି ପ୍ରଶ୍ନ ଜରିଆରେ ସାମ୍ବିଧାନିକ ବ୍ୟବସ୍ଥା ଓ କ୍ଷମତାର ପୃଥିକକରଣ ନେଇ ସର୍ବୋଚ୍ଚ ଅଦାଲତଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡିଛନ୍ତି। ଏହି ପ୍ରଶ୍ନଗୁଡିକ ମଧ୍ୟରେ ମୁଖ୍ୟତଃ ରାଜ୍ୟପାଳଙ୍କ କ୍ଷମତା, ତାଙ୍କର ଇଚ୍ଛାଧୀନ କ୍ଷମତା, ରାଷ୍ଟ୍ରପତିଙ୍କ କ୍ଷମତା ନ୍ୟାୟିକ ତର୍ଜମାର ପରିସରଭୁକ୍ତ ହୋଇପାରିବ କି ନାହିଁ ଏବଂ ସମ୍ବିଧାନର କୌଣସି ସ୍ପଷ୍ଟ ନିର୍ଦ୍ଦେଶ ନଥିବାବେଳେ ରାଜଭବନ ଓ ରାଷ୍ଟ୍ରପତି ଭବନ ଉପରେ ସମୟସୀମା ଲାଗୁ କରାଯାଇପାରିବ କି ଆଦି ଅର୍ନ୍ତଭୁକ୍ତ ରହିଛି। ଉଲ୍ଲେଖଯୋଗ୍ୟ ଯେ, ତାମିଲନାଡୁ ବିଧାନସଭାରେ ଗୃହିତ ୧୦ଟି ବିଲକୁ ମଂଜୁରି ନଦେଇ ରାଜ୍ୟପାଳ ଆର.ଏନ.ରବି ଦୀର୍ଘ ମାସ ମାସ ଧରି ପକାଇ ରଖିବାକୁ ମାମଲା ଉପରେ ଚ୍ୟାଲେଞ୍ଜ କରି ଦାୟର ଏକ ମାମଲାର ଶୁଣାଣୀ କରି ବିଚାରପତି ଜେ.ବି.ପର୍ଦ୍ଦିବାଲା ଏବଂ ବିଚାରପତି ଆର.ମହାଦେବେନଙ୍କୁ ନେଇ ଗଠିତ ଖଣ୍ଡପୀଠ ବେଆଇନ ଓ ଭ୍ରମାତ୍ମକ ବୋଲି ଦର୍ଶାଇବା ସହ ସମ୍ବିଧାନରେ ବିଲ୍ ମଂଜୁରି ନେଇ କୌଣସି, ନିର୍ଦ୍ଦିଷ୍ଟ ସମୟ ସୀମା ନଥିବା ବେଳେ ଖଣ୍ଡପୀଠ ସମୟ ସୀମା ଧାର୍ଯ୍ୟ କରିଛନ୍ତି। କେବଳ ଏତିକି ନୁହେଁ, ରାଜ୍ୟପାଳଙ୍କ ବିନା ମଂଜୁରିରେ ୧୦ଟି ବିଲକୁ ଅଦାଲତ ବିଧିବଦ୍ଧ ଆଇନରେ ପରିଣତ କରିଛନ୍ତି। କହିବା ବାହୁଲ୍ୟ ଯେ, ସର୍ବୋଚ୍ଚ ଅଦାଲତଙ୍କ ରାୟ ଦୀର୍ଘକାଳ ଧରି ରହିଥିବା ଏବଂ ବହୁ ଆକାକ୍ଷିଂ କେତେକ ପ୍ରଶ୍ନର ଉପରେ ସ୍ପଷ୍ଟତା ଆଣିଛନ୍ତି। ସମ୍ବିଧାନର ୧୪୩ ଧାରା ଅନୁସାରେ ରାଷ୍ଟ୍ରପତି ଏହି ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟଙ୍କ ଠାରୁ ମତାମତ ଲୋଡିଛନ୍ତି ଯାହାକି ପୁଣି ଥରେ ଅଦାଲତଙ୍କ ନିକଟକୁ ଫେରିଛି। ଏହା ନିସନ୍ଦେହ ଯେ, ରାଜ୍ୟପାଳଙ୍କ କ୍ଷମତା ଦେଶରେ ଏବେ ଚରମ ନିନ୍ଦନୀୟ ପ୍ରସଙ୍ଗ ହୋଇଯାଇଛି। ରାଜ୍ୟପାଳ ଓ ନିର୍ବାଚିତ ସରକାରଙ୍କ ମଧ୍ୟରେ ବିବାଦ ଆମ ଦେଶରେ ଗତ କିଛି ଦଶନ୍ଧି ଧରି ମୁଣ୍ଡ ଟେକିଛି। ଏଭଳି ବିସାଦ କେବଳ ତାମିଲନାଡୁରେ ସୀମିତ ନୁହେଁ, ବିଶେଷ କରି ବିରୋଧି ଦଳ ଶାସିତ ରାଜ୍ୟରେ ରାଜ୍ୟପାଳ-ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ଉଗ୍ର ଆକାର ଧାରଣ କରିଛି। ନିର୍ବାଚିତ ବିରୋଧିଦଳର ସରକାରଙ୍କୁ ରାଜ୍ୟପାଳ ନିଜ କ୍ଷମତାର ଉଲଂଘନ କରି ଅଣଦେଖା କରିବା ଏଭଳି ବିବାଦର ମୁଖ୍ୟ କାରଣ ହୋଇଛି ବୋଲି କୁହାଯାଇପାରେ। ଖଣ୍ଡପୀଠ ପୂର୍ବର ବହୁ ରାୟ ଭାରତୀୟ ସଂଘୀୟ ବ୍ୟବସ୍ଥାର ପରୀକ୍ଷାନିରୀକ୍ଷା କରିଥିବା ବହୁ କମିଟିର ରିପୋର୍ଟ, କନ୍ଷ୍ଟିଚ୍ୟୁଏଂଟ ଆସେମ୍ବ୍ଲିର ବିତର୍କକୁ ଆଧାର କରି ନିର୍ବାଚିତ ସରକାରଙ୍କ ଦ୍ୱାରା ବିଧାନସଭାରେ ଗୃହିତ କୌଣସ ବିଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁପକାଇ ରଖିବା ଲାଗି ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କର କୌଣସି ଇଚ୍ଛାଧୀନ କ୍ଷମତା ନଥିବା ନେଇ ସିଦ୍ଧାନ୍ତରେ ପହଁଚି ଥିବା ରାୟ ସ୍ପଷ୍ଟ ସୂଚନା ପ୍ରଦାନ କରେ। ଏଥିରେ ଦ୍ୱିମତ ନାହିଁ ଯେ, ଗତ କିଛି ଦଶନ୍ଧି ଧରି ରାଜ୍ୟପାଳ ନିଯୁକ୍ତି କେନ୍ଦ୍ରରେ କ୍ଷମତାସୀନ ଦଳର ଥଇଥାନ କେନ୍ଦ୍ରରେ ପରିଣତ ସମ୍ବିଧାନ ରାଜ୍ୟପାଳମାନଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରିନଥିବାବେଳେ ନିର୍ବାଚିତ ବିଧାନସଭାକୁ ଅଣଦେଖା କରିଆସିଛନ୍ତି। ଏପରିକି ମଧ୍ୟ ରାଜ୍ୟପାଳ ପଦବୀ ଉଚ୍ଛେଦ ଲାଗି ବହୁ ବାର ପାର୍ଲିଆମେଂଟରେ ଦାବି ମଧ୍ୟ ଉଠିଛି। କେନ୍ଦ୍ର ସରକାର ଏହାକୁ ଗ୍ରହଣ ଅଣ ନିର୍ବାଚିତ ରାଜ୍ୟପାଳମାନଙ୍କ ସ୍ୱେଚ୍ଛାଚାରୀ ଏବଂ ଅଗଣତାନ୍ତ୍ରୀକ କ୍ଷମତା ଉଚ୍ଛେ କରିବାର ସୁଯୋଗ ହାତଛଡା କରିଛନ୍ତି ବୋଲି କୁହାଯାଇପାରେ। ଆହୁରି ମଧ୍ୟ ଅଦାଲତଙ୍କ ରାୟ ଆଧାରରେ କେନ୍ଦ୍ର ସରକାର ସମ୍ବିଧାନର ସଂଶୋଧନ କରିବା କ୍ଷମତା ରହିଛି। ମାତ୍ର ରାଷ୍ଟ୍ରପତିଙ୍କ ଜରିଆରେ କେନ୍ଦ୍ର ସରକାର ଅଦାଲତଙ୍କ ସ୍ପଷ୍ଟୀକରଣ ଲୋଡି ପ୍ରସଙ୍ଗକୁ ପୁଣି ଉଜ୍ଜିବତ କରିଛନ୍ତି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ତେବେ ଏକ ରାଜନୈତିକ ଅସ୍ତ୍ର ଭାବେ ଇଚ୍ଛାଧୀନ କ୍ଷମତାକୁ ଅଦାଲତ କିମ୍ବା ରାଷ୍ଟ୍ରପତି ଅନୁମତି ଦେବା ଉଚିତ ନୁହେଁ। ଯାହାକି ଦେଶର ସଂଘୀୟ ବ୍ୟବସ୍ଥା ନ୍ୟାୟାପାଳିକାର ରାଜନୀତି କ୍ଷେତ୍ରରେ କୌଣସି ବଳିଷ୍ଠ ନୀତି ଗ୍ରହଣ ଏବଂ କାର୍ଯ୍ୟପାଳିକାର ଉତରଦାୟୀତ୍ୱକୁ ପ୍ରଭାବିତ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

# ଆମ୍ବ ଆମ୍ବଡ଼ା ସତ୍ୟାଆମ୍ବ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଏପରି ତିନି ପ୍ରକାର ଆମ୍ବର ନାମ ସମ୍ବନ୍ଧ ଶବ୍ଦ ଅଛି। ପୁଣି ତିନି ପ୍ରକାର ଫଳ ଅଛି। ଆମ୍ବ ପରି ଫଳରେ ମଧ୍ୟ ବହୁ କିସମ ଅଛି। ଏସବୁ ନିର୍ଦ୍ଦିଷ୍ଟ ସମୟରେ ଫୁଲ ଫୁଟିବା ସହିତ ଫଳ କଷି ଧରି ଆସ୍ତେ ଆସ୍ତେ ବଢ଼ି ପୋକତାନ ହୁଏ ପାଚେ ଓ ଲୋକେ ତାକୁ ଭୋଜନରେ ଲଗାଇବା ଆଗରୁ ଦେବ ନୈବେଦ୍ୟ ବିଶେଷକରି ଆମ୍ବଟିକୁ କରାଇ ପରେ ନିଜ ଭୋଜନରେ ଲଗାନ୍ତି। ଆମ୍ବରୁ ଆମ୍ବୁଲ ଆଚାର ପ୍ରଭୃତି ପ୍ରସ୍ତୁତ ହୁଏ। ଏ ଫଳ ହେଲେ ବି ରୋଷେଇଶାଳରେ ଖଟା ପାଇଁ ଗୁଡ଼ ସହିତ ମିଶି ପାକ ହୁଏ। ଏବେ ଆଧୁନିକ କାଳରେ ବାର ମାସରେ ଆମ୍ବ ଚାଷ ହୋଇପାରିଲାଣି ଓ ବାର ମାସରେ ସବୁଦିନେ ବିଭିନ୍ନ ପ୍ରକାର ଆମ୍ବରୁ କେତେ ପ୍ରକାର ଆମ୍ବ ଉପଲବ୍ଧ ହେଉଛି।

ଏ ସମୟର ଆମ୍ବ ଟାକୁଆରେ ଗଛ ସୃଷ୍ଟି ଠାରୁ ଅଙ୍ଗଜ ପ୍ରଣାଳୀରେ ଆଶ୍ରୟରେ କଲମୀ ପଦ୍ଧତିରେ ଆମ୍ବଗଛ କରି ଶୀଘ୍ର ଫଳନଶୀଳ କରାଯାଉଛି। ଆମ୍ବଡ଼ା ଓ ସତ୍ୟାଆମ୍ବ ଏ ଦୁଇଟା ଖଟା ଫଳ ହେଲେ ବି ଲୋକେ ତାକୁ ଅନେକ ପସନ୍ଦ କରୁଛନ୍ତି ବୋଲି ସବୁ ତିଷ୍ଠି ରହିଛି। ଏ ସବୁ ଗଛ କିନ୍ତୁ ସମୟ ନ ଆସିଲେ ଫଳନ ଶୀଳ ହୁଏନାହିଁ। ବାର ମାସ ଛଅ ଋତୁ ଯାହା ଧାର୍ଯ୍ୟ ଏ ସମୟରେ କେଉଁ ଫଳ କେଉଁ ଫସଲ କେଉଁ ଚାଷ କେବେ ହେବ ଏପରି ଧାର୍ଯ୍ୟ ରହିଛି। ଏହି ସମୟରେ ଏହା ବଜାରରେ ଉପଲବ୍ଧ ହୁଏ। ଏହାବାଦ ଗଛକୁ ଡରାଇ ତୋପ ମାରି କେବେ ଫଳାଇ ହେବା ସମ୍ଭବ ନୁହେଁ। ଏଇ ଛଅ ଋତୁ ଓ ବାର ସୌରମାସ ବାର ଚନ୍ଦ୍ର ମାସ ମଧ୍ୟରେ ଦେବାଦେବୀଙ୍କର ପର୍ବ ଆସୁଛି। ଏହାକୁ ସାବଲୀଳ ସୁନ୍ଦର ପାଇଁ କେତେକ ଫଳ ଫୁଲ ପିଠା ମଠା ଭୋଗ ପାଇଁ ଧାର୍ଯ୍ୟ ରଖାଯାଇଛି। ଯେଉଁ ଫଳ ସର୍ବଦା ମିଳେ ତାହା ଠାକୁରଙ୍କୁ ସବୁବେଳେ ଅର୍ପଣ କରାଗଲାବେଳେ ଋତୁଫଳ ସ୍ୱତନ୍ତ୍ର ଅର୍ପଣରେ ଲଗାଯାଏ। ଶିବଙ୍କୁ ଜଳ ଅଭିଷେକ କରାଯାଏ। ଶ୍ରାବଣ ବା କର୍କଟ ମାସରେ କାଉଡିଆମାନେ ଜଳ ନଦୀରୁ ସଂଗ୍ରହ କରି କୌଣସି ଶିବ ମନ୍ଦିର ମାନସିକ କରି ସ୍ୱଗୃହରୁ ଖାଲି ପାଦରେ ଚାଲି ଚାଲି ଜଳ ନଦୀରୁ ଉଠାଇ ଏଇ ଶ୍ରାବଣରେ ହିଁ ଢ଼ାଳୁଛନ୍ତି। କାର୍ତ୍ତିକମାସରେ ଶିବଙ୍କର ବଡ଼ଓଷା ପଡୁଛି ଉଥାନ ଚତୁର୍ଦ୍ଦଶୀରେ ବଡ଼ଓଷା ଓଡ଼ିଶାରେ ଡଙ୍ଗା ଦିଆ ଦିଓ୍ୱାଲିରେ ଦୀପ ପ୍ରଜ୍ୱଳନ କିଛି ବାଟ ଫୁଟା ଯାଉଛି। ଶିବରାତ୍ରୀ ଫାଲଗୁନ ମାସରେ ଜାଗର ମେଳା ବା ଯାତ୍ରା। ଏହିପରି ନଅ ରାତ୍ରରେ ଶାରଦୀୟ ଓ ବସନ୍ତଋତୁ ଦୁର୍ଗାପୂଜାର ପର୍ବ। ଏମିତି ଶ୍ରୀପଞ୍ଚମୀ, ଅକ୍ଷୟ ତୃତୀୟା ଶ୍ରୀଜଗନ୍ନାଥଙ୍କର ରଥ ଯାତ୍ରାର ଏକ ଏକ କାର୍ଯ୍ୟ ଆଗେଇ ନେବାର ତିଥି ରଥ ପାଇଁ କାଷ୍ଠ ସଂଗ୍ରହ ତାର ତିରୋଟ ରଥ ଆରମ୍ଭ ଓ ରଥଯାତ୍ରା ଆଷାଢ଼ ଶୁକ୍ଳପ୍ରତିପାଦରୁ ନଅ ଦିନ ଧରି ପାଳନ କରାଯାଉଛି।

ମହାପ୍ରସାଦ କେବଳ ଶ୍ରୀ ମନ୍ଦିର ପ୍ରସାଦ। ଅନ୍ୟତ୍ର ପ୍ରସାଦ, ଶ୍ରୀମନ୍ଦିରର ପର୍ବପାଳନ ପାଇଁ ଅନେକ ଶାସ୍ତ୍ରୀୟ ବିଧାନର ଆଶ୍ରୟ ନିଆଯାଏ। ହେଲେ କେତେକ ମନୋଜ୍ଞ ସଂସ୍ଥ ରଥାଯାତ୍ରାର ନିୟମ ବହିର୍ଭୁତ ରଥଯାତ୍ରା କରିବା ମାନସରେ ଅଛନ୍ତି। ବିବାହ ବ୍ରତ ଗୃହ ନିର୍ମାଣ ପ୍ରବେଶ ଆଦି ପାଇଁ ସମ୍ପୂର୍ଣ୍ଣ ତିଥି ମାସ ବିଧାନ ଅଛି। ଯେଉଁଦିନ ସେ ଦିନ ଏ କାର୍ଯ୍ୟ କରିବାକୁ ମନା ଅଛି। କେତେ କଥାର ଭୟାବହତା ଏତେ ଭଲଟା ଯେ ତାକୁ ଗୁରୁଠାରୁ ଦୀକ୍ଷା ନନେବା ଲୋକଙ୍କୁ କୁହାଯାଏ। ଆପଣ ସ୍ୱାର୍ଥ ବିଦ୍ୟାଧର ଗୁରୁଙ୍କୁ ଧର୍ମଶାସ୍ତ୍ର ସ୍ମୃତିଶାସ୍ତ୍ରର ବିବରଣୀ ପଢ଼ି ନାହାଁନ୍ତି। ରଥଯାତ୍ରାର ପ୍ରତିରଥ ନିର୍ମାଣ ଏବଂ ଶାସ୍ତ୍ରୀୟ ନିୟମରେ ଠିକ ମାପରେ ଅନୁସୃତ ହେଉନାହିଁ। ଯାହା ଅଦିନରେ ରଥ ମନୋଜ୍ଞ ଯାହା ଧର୍ମ ବିରୋଧ ଓ ଶାସ୍ତ୍ର ବିରୋଧ ଏ ପ୍ରକୃତିର ଅମଙ୍ଗଳ କରାଇବ। (କ୍ରମଶଃ)

# ଶ୍ରୀଜଗନ୍ନାଥଙ୍କ ଭୋଗ ସାମଗ୍ରୀ

**|||||||| ପ୍ରଫେସର ଡାକ୍ତର ସମ୍ରାଟ କର ||||||||**

ଆମ ମାନଙ୍କର ନିତିଦିନିଆ ଜୀବନ ନିର୍ବାହ ହୋଇଥାଏ ଖାଦ୍ୟ ବା ଅନ୍ନକୁ ନେଇ। ବିନା ଖାଦ୍ୟରେ ଜଣଙ୍କ ଜୀବନ ଅତିବାହିତ ହେବା ଅତ୍ୟନ୍ତ ମୁସ୍କିଲ ହୋଇପଡ଼ିଥାଏ। ଖାଦ୍ୟକୁ ଖାଦ୍ୟ ପ୍ରାଣ କୁହାଯାଏ। ଠିକ ସେହିପରି ମହାପ୍ରଭୁଙ୍କ ନିତିଦିନିଆ ଦିନ ଚର୍ଯ୍ୟାରେ ଖାଦ୍ୟ ବା ଭୋଗର ବିଶେଷ ଗୁରୁତ୍ୱ ରହିଛି ଏବଂ ସବୁଠାରୁ ବଡ଼ କଥା ହେଲା ମହାପ୍ରଭୁଙ୍କ ପ୍ରତ୍ୟୁଷ ଅର୍ଥାତ୍ ଶଯ୍ୟା ତ୍ୟାଗ ସମୟରୁ ରାତିରେ ବିଶ୍ରାମ ଯିବା ପର୍ଯ୍ୟନ୍ତ ସେ ଷାଠିଏ ପଉଟି ବ୍ୟଞ୍ଜନ ବା ପ୍ରସାଦ ଗ୍ରହଣ କରିଥାନ୍ତି।

ବିଷ୍ଣୁ ଉପାସକ ମାଳବାଧିପତି ଇନ୍ଦ୍ରଦ୍ୟୁମ୍ନ ଯେତେବେଳେ ଶ୍ରୀମନ୍ଦିର ନିର୍ମାଣ କରି ସେଥିରେ ମହାପ୍ରଭୁଙ୍କ ବିଗ୍ରହ ପ୍ରତିଷ୍ଠା କଲେ, ସେତେବେଳେ ଇନ୍ଦ୍ରଦ୍ୟୁମ୍ନଙ୍କ ଉପରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ବର ମାଗିବା ନିମନ୍ତେ କହିଥିଲେ। ରାଜା ଇନ୍ଦ୍ରଦ୍ୟୁମ୍ନ ନିଜର ବା ନିଜ ପରିବାରର ଯଶ, ଖ୍ୟାତି, ଧନସମ୍ପତ୍ତି ବା ପ୍ରତିପତ୍ତି ପାଇଁ ମହାପ୍ରଭୁଙ୍କୁ ବର ନମାଗି ବିନମ୍ରତାର ସହ କହିଥିଲେ - 'ସବୁ ହୋଇ ତିନିଘଡ଼ି ଶୟନ କରିବ। ଭୁଞ୍ଜୁ ଭୁଞ୍ଜୁ ଜଗନ୍ନାଥ ହାତ ନ ଶୁଖିବ। ଦିନକ ଯାକର ଭୋଗ ଭୁଞ୍ଜୁଥି ରହି। ଏହି ବର ମୋତେ ଦେବ ତ୍ରିଲୋକ୍ୟ ଗୋସାଇଁ।'

ହେ ମହାପ୍ରଭୁ ତ୍ରୈଲୋକ୍ୟ ଗୋସାଇଁ! ତୁମେ ଦିନ ଭିତରେ ମାତ୍ର ତିନି ଘଡ଼ି ଶୟନ କରିବ। ତୁମେ ଖାଉ ଖାଉ ହାତ ଆଦୌ ଶୁଖିବ ନାହିଁ। ଅର୍ଥାତ୍ ତୁମର ସଦାସର୍ବଦା ଗୋଟିକ ପରେ ଗୋଟିଏ ଭୋଗ ଲାଗି ରହିଥି। ଏହି ବର ମୋତେ ଦେବ। ଯାହାର ସ୍ମାରକୀ ରୂପେ ଏବେ ମଧ୍ୟ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଗୋପାଳବଲ୍ଲଭ ଭୋଗ, ତିନିଧୂପ, ଭଅଣ୍ଡ, ବଡ଼ସିଂହାର ଭୋଗ ପ୍ରଭୃତି ଲାଗି ରହୁଛି। ପରିମାଣ ଦୃଷ୍ଟିରୁ ମହାପ୍ରଭୁଙ୍କ ଭୋଗକୁ ଷାଠିଏ ପଉଟି ଭୋଗ ବା କେତେକ ଛପନ ପ୍ରକାର ଭୋଗ ବୋଲି କହିଥାନ୍ତି। ସେହି ଅନୁସାରେ ମହାପ୍ରଭୁଙ୍କୁ ଷାଠିଏ ପଉଟି ବା ଛପନ ପଉଟି ଭୋଗଖିଆ ଭାବରେ କେତେକ ସମ୍ବୋଧନ ମଧ୍ୟ କରିଥିବାର ଜଣାଯାଏ।

ଶ୍ରୀମନ୍ଦିରର ପ୍ରଚଳିତ ଭୋଗସାମଗ୍ରୀ ମଧ୍ୟରୁ ଅରୁଆ, କୁଡୁଭା, ଗୁଡ଼, ଘି ବା ଘିଉ, ଚାଉଳ, ନୁଣ ବା ଲୋଣ, ବିରି ବା ବ୍ରୀହୀ ପ୍ରଭୃତି ଶବ୍ଦର ବ୍ୟବହାର ବିଭିନ୍ନ ଅଭିଲେଖରେ ପରିଦୃଷ୍ଟ ହୋଇଥାଏ। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମସ୍ଥ ଶ୍ରୀକୂର୍ମେଶ୍ୱର ମନ୍ଦିରର ତିରୁଚୁତ୍ତୁ ମଣ୍ଡପର ଗୋଟିଏ ସ୍ତମ୍ଭରେ ଖୋଦିତ ଶିଳାଲେଖରେ ୧୪ଶ ଧାଡ଼ିରେ ଘି (ଘିଅ) ଓ ସଂହାଚଳସ୍ଥ ଲକ୍ଷ୍ମୀନୃସିଂହମନ୍ଦିରର ଗୋଟିଏ ସ୍ତମ୍ଭରେ ଗଜପତି ପୁରୁଷୋତ୍ତମ ଦେବଙ୍କ ୨ୟ ଅଙ୍କ ମାନ ମାସ ଶୁକ୍ଳ ୧୫ ଦିନ ରବିବାରରେ ଖୋଦିତ ହୋଇଥିବା ଶିଳାଲେଖରେ ୪ର୍ଥ ଧାଡ଼ିରେ 'ଗୁଡ଼', ଘିଉ ଓ ୪ର୍ଥ ଓ ୫ମ ଧାଡ଼ିରେ 'ଚାଉଳ' ଏବଂ ସମସ୍ତ ୩ ଶ୍ରାହୀ ମିଥୁନ ଶୁକ୍ଳ ୧୩ ଶୁକ୍ରବାରରେ ଘିଅ ଶବ୍ଦ ଦେଖିବାକୁ ମିଳିଥାଏ। ପ୍ରଥମ ଘିଉ ଶବ୍ଦି ଭୋଗ ନିମିତ୍ତ ପ୍ରୟୋଗ ହେବା ବେଳେ ଦ୍ୱିତୀୟଟି ପ୍ରଦୀପ ପ୍ରଜ୍ୱଳନ ପାଇଁ ବ୍ୟବହୃତ ହୋଇଛି। ପୁରୀ ଶ୍ରୀମନ୍ଦିରରେ 'ଘି' ଶବ୍ଦଟି ଘିଅ ଅର୍ଥରେ ପ୍ରଯୁକ୍ତ। ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ଭୋଗ ଦ୍ରବ୍ୟ ମଧ୍ୟରେ ଥିବା ଏକ ପ୍ରକାର ପିଠା 'ଘି ନାଡ଼ି'ରେ ମଧ୍ୟ ଘିଅ ଅର୍ଥରେ 'ଘି' ଶବ୍ଦ ବ୍ୟବହାର ହୋଇଥିବା ପରିଲକ୍ଷିତ ହୋଇଥାଏ। ଏହା ବ୍ୟତୀତ ଶ୍ରୀଜଗନ୍ନାଥ ମନ୍ଦିରସ୍ଥ ଜୟବିଜୟ ଦ୍ୱାରର ବାମପାର୍ଶ୍ୱରେ ଗଜପତି କପିଳେନ୍ଦ୍ର ଦେବଙ୍କ ୪ର୍ଥ ଅଙ୍କ ଶ୍ରାହୀ ଧନୁମାସ ଅମାବାସ୍ୟା ଶନିବାରରେ ଖୋଦିତ ହୋଇଥିବା ଶିଳାଖେରେ 'ଲୋଣ', ପୁରୁଷୋତ୍ତମ ଦେବଙ୍କ ୨ୟ ଅଙ୍କରେ ଖୋଦିତ ହୋଇଥିବା ଶିଳାଲେଖର ୪ର୍ଥ ଧାଡ଼ିରେ 'ନୂଣ (ଲୁଣ)' ଶବ୍ଦ ଦେଖିବାକୁ ମିଳିଥାଏ। କପିଳେନ୍ଦ୍ର ଦେବଙ୍କ ଶିଳାଲେଖରେ ଲୁଣ ଉପରୁ କର ଛାଡ଼ ହେବାବେଳେ ପୁରୁଷୋତ୍ତମ ଦେବଙ୍କ ଶିଳାଲେଖରେ ଏହାକୁ ଭୋଗସାମଗ୍ରୀ ମଧ୍ୟରେ ଗ୍ରହଣ କରାଯାଇଛି। ସେହିପରି ଗଜପତି କପିଳେଶ୍ୱରଦେବଙ୍କ ୨୫ ଅଙ୍କରେ ସିଂହାଚଳର ଲକ୍ଷ୍ମୀନୃସିଂହ ମନ୍ଦିର ଉତ୍କୀର୍ଣ୍ଣ ହୋଇଥିବା ଶିଳାଲେଖର ୭ମ ଧାଡ଼ିରେ ପଣା ଶବ୍ଦଟି ପୁରୁଷୋତ୍ତମ ଦେବଙ୍କ ୯ମ ଅଙ୍କରେ ସିଂହାଚଳର ଲକ୍ଷ୍ମୀନୃସିଂହ ମନ୍ଦିରରେ ଖୋଦିତ ଶିଳାଲେଖର ୭ମ ଓ ୧୩ଶ ଧାନିରେ, ଗୋବିନ୍ଦ ଦେବଙ୍କ ୫ମ ଅଙ୍କରେ ଖୋଦିତ ଶିଳାଲେଖର ୮ମ ଧାଡ଼ିରେ ଦହି ଶବ୍ଦଟି ଓ ସେହି ୮ମ ଧାଡ଼ିରେ ନିତ୍ୟାନି ଶବ୍ଦଟି ପରିଦୃଷ୍ଟ ହୋଇଥାଏ। ମହାପ୍ରଭୁଙ୍କ ଶ୍ରୀମନ୍ଦିରରେ ପ୍ରଚଳିତ ଭୋଗ ଭିତରୁ ଅନେକ ବର୍ତ୍ତମାନ ନିତିଦିନିଆ ମଣୋହୀରେ ଆଉ ପୂର୍ବପରି ସାମିଲ ହୋଇନାହିଁ। ତେବେ ମହାପ୍ରଭୁଙ୍କ ଭୋଗ ଟିକିଏ ପାଇବା ପାଇଁ ଭକ୍ତଜନ ଅତ୍ୟନ୍ତ ବ୍ୟାକୁଳିତ ହୋଇଥାନ୍ତି। ଏହାକୁ ନିର୍ମାଲ୍ୟ ବା ମହାପ୍ରଭୁଙ୍କ କୃପା ଆଶୀର୍ବାଦ ଭାବେ ସମସ୍ତେ ଗ୍ରହଣ କରିଥାନ୍ତି।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ସିନେମାରେ ଜଗନ୍ନାଥ

**|||||||| ଇନ୍ଦୁ ଭୂଷଣ ଭୂୟାଁ (ବାଦଲ) ||||||||**

ଶ୍ରୀଜଗନ୍ନାଥଙ୍କର ଜନପ୍ରିୟତା କେବଳ ଓଡ଼ିଶା ମଧ୍ୟରେ ସୀମିତ ନ ରହି ଦେଶ ଭିତରେ ଓ ବାହାରେ ବିଭିନ୍ନ ଅଞ୍ଚଳରେ ପରିବ୍ୟାପ୍ତ। ସାହିତ୍ୟ, ସଙ୍ଗୀତ ଓ ସ୍ଥାପତ୍ୟ ଶିଳ୍ପ ମଧ୍ୟରେ ଜଗନ୍ନାଥ ଧର୍ମ ଓ ସାହିତ୍ୟର ପରିବେଷଣ ବହୁଦିନ କ୍ଷୀପ୍ରତର ହେବାରେ ଲାଗିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅନେକ ଓଡ଼ିଆ ସିନେମା ତିଆରି ହୋଇଛି ଏବଂ ଏହା କୋଟି କୋଟି ଓଡ଼ିଆଙ୍କ ହୃଦୟ ଭିତର ମହାପ୍ରଭୁଙ୍କ କୃପା ବାରିଧାରା ତଥା ଅଲୌକିକ ମହିମାର ଚେତନାକୁ ଜାଗ୍ରତ କରିଛି। ଫିଲ୍ମ ଆମ ସଂସ୍କୃତିର ଅଂଶ ବିଶେଷ। ସାହିତ୍ୟ ଭଳି ଫିଲ୍ମ ଜରିଆରେ ମଧ୍ୟ କେବଳ କଳାତ୍ମକ ଦକ୍ଷତାର ପରିପ୍ରକାଶ ଘଟେନି, ତା ମାଧ୍ୟମରେ ଗୋଟେ ଦେଶ, ରାଜ୍ୟ, ସମାଜ, ଭାଷା ବା ଜାତିର ସାମୂହିକ ଭାବ ପ୍ରବଣତା ବି ପ୍ରକାଶ ପାଏ। ଓଡ଼ିଆଙ୍କ ଜନଜୀବନ ଓ ଭାବ ପ୍ରବଣତାରେ ଜଗନ୍ନାଥଙ୍କ ଗଭୀର ପ୍ରଭାବ ରହିଛି। ତେଣୁ ଆମ ସାହିତ୍ୟ ଓ ଜୀବନ ଶୈଳୀ ଭଳି ଓଡ଼ିଆ ସିନେମାରେ ବି ଜଗନ୍ନାଥଙ୍କୁ ଆମେ ବାରମ୍ବାର ଭେଟିଛୁ। ଫିଲ୍ମ ନିର୍ମାତାମାନେ ଓଡ଼ିଆ ଜୀବନର ଚିତ୍ର ଆଙ୍କିବାକୁ ଯାଇ କେବେ ଜଗନ୍ନାଥଙ୍କୁ କାହାଣି ଭିତରକୁ ଆଣିଛନ୍ତି ତ ପୁଣି କେବେ ଜଗନ୍ନାଥଙ୍କ ପ୍ରତି ଓଡ଼ିଆଙ୍କ ଭିତରେ ଥିବା ଅନୁରକ୍ତିକୁ ଦେଖି ଭଲ ବ୍ୟବସାୟ ଆଶଶରେ ତାଙ୍କୁ ନେଇ ଫିଲ୍ମ ତିଆରି କରିଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ତିଆରି ହୋଇଥିବା ସିନେମା ସମ୍ପର୍କରେ ଆଲୋଚନା କଲାବେଳେ ସର୍ବପ୍ରଥମେ ତିଆରି ହୋଇଥିଲା 'ସୀତା ବିବାହା' ପରେ ୧୯୪୯ ମସିହାରେ 'ଲଳିତା' ଠାରୁ ୨୦୧୪ ମସିହା ଭିତରେ ରିଲିଜ ହୋଇଥିବା 'ବାଇଶି ପାହାଚେ ଖେଳିବ ମୀନ' ଭିତରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଫିଲ୍ମର କାହାଣୀରେ ଜଗନ୍ନାଥ ବା ତାଙ୍କୁ ନେଇ ସୃଷ୍ଟି ହୋଇଥିବା ଲୋକକଥାର ସିଧା ବର୍ଣ୍ଣନା ରହିଛି। ତା ବାହାରେ ଆହୁରି ଅନେକ ଫିଲ୍ମରେ ଜଗନ୍ନାଥଙ୍କ ମହିମା ଓ ତାଙ୍କର ଭଜନ ଆଦି ସ୍ଥାନ ପାଇଛି। ଓଡ଼ିଶାର ପ୍ରଥମ ଫିଲ୍ମ 'ସୀତାବିବାହ' ରିଲିଜ ହୋଇଥିଲା ୧୯୩୬ ମସିହାରେ। ତାପରେ ଦ୍ୱିତୀୟ ଓଡ଼ିଆ ଫିଲ୍ମ 'ଲଳିତା' ରିଲିଜ ହୋଇଥିଲା ୧୯୪୯ରେ। ଶ୍ରୀମନ୍ଦିର ନିର୍ମାଣ କାହାଣୀର ଆଧାରରେ ଏ ଫିଲ୍ମଟି ତିଆରି ହୋଇଥିଲା। ୧୯୫୦ ମସିହାରେ ରିଲିଜ ହୋଇଥିଲା ତୃତୀୟ ଓଡ଼ିଆ ଫିଲ୍ମ 'ଶ୍ରୀଜଗନ୍ନାଥ'। ରୂପ ଭାରତୀ ପବ୍ଲିକ ଲିମିଟେଡ ବ୍ୟାନରେ ନିର୍ମିତ 'ଶ୍ରୀଜଗନ୍ନାଥ' ପଛରେ ଗୋପାଳ ଘୋଷଙ୍କ ପ୍ରଚ୍ଛନ୍ନ ଭୂମିକା ଥିଲା। ଏହାର ନିର୍ଦ୍ଦେଶକ ଥିଲେ ଗୋପାଳ ଘୋଷଙ୍କ ମାଉସୀ ପୁଅ ଭାଇ ଚିତ୍ତରଂଜନ ମିତ୍ର। ସଙ୍ଗୀତ ନିର୍ଦ୍ଦେଶକ ଥିଲେ ରଣଜିତ ରାୟ ଓ ତାଙ୍କର ସହକାରୀ ଥିଲେ ବାଳକୃଷ୍ଣ ଦାଶ। ଏଥିରେ ଅଭିନୟ କରିଥିଲେ ସାମୁଏଲ ସାହୁ, ଭୋଳାନାଥ ଦାସ, ବିମ୍ବାଧର ମହାପାତ୍ର, ଖଗେନ୍ଦ୍ର ନାଥ ମିତ୍ର, ଗୋପାଳ ଘୋଷ, ରାମଚନ୍ଦ୍ର ମାଣିଆ, କାର୍ତ୍ତିକ ଘୋଷ, ଗୌର ଘୋଷ, ସୀତା ଦେବୀ, ଗ୍ଲୋରିଆ ରାଉତ, ବିଦ୍ୟୁତଲତା ଦେବୀ ଓ ଶିଶୁ କଳାକାହାର ଭାବେ ପାର୍ବତୀ ଘୋଷ। ଫିଲ୍ମଟି ମୁକ୍ତିଲାଭ କରି ପ୍ରଚୁର ସଫଳତା ହାସଲ କରିଥିଲା। ଏଥିରେ ବଙ୍ଗଳା ଓ ତେଲଗୁ ଡବିଂ ମଧ୍ୟ ହୋଇଥିଲା। ଶ୍ରୀଜଗନ୍ନାଥର ତେଲଗୁ ରୂପାନ୍ତ ସମଗ୍ର ଦକ୍ଷିଣ ଭାରତରେ ଚହଳ ସୃଷ୍ଟି କରିଥିଲା। ବଙ୍ଗଳା 'ଶ୍ରୀଜଗନ୍ନାଥ' ବିଷୟରେ ଇଂରାଜୀ ସୃଷ୍ଟି କରିଥିଲା। ବଙ୍ଗଳା 'ଶ୍ରୀଜଗନ୍ନାଥ' ବିଷୟରେ ଇଂରାଜୀ ଖବର କାଗଜ 'ଦି ଷ୍ଟେଟସମ୍ୟାନ'ରେ ଯେଉଁ ଖବରଟି ପ୍ରକାଶିତ ହୋଇଥିଲା ତାର ଶୀର୍ଷକ ଥିଲା 'ଶ୍ରୀଜଗନ୍ନାଥ ବ୍ରିଙ୍ଗସ ଷ୍ଟ୍ରମସ୍ ଇନ କ୍ୟାଲକାଟା'।

୧୯୫୦ରୁ ୧୯୫୧ ପର୍ଯ୍ୟନ୍ତ ଏହି ଧାରା ନିରବ ରହିଲା। କାରଣ 'ଶ୍ରୀଜଗନ୍ନାଥ'ର ପ୍ରଚୁର ସଫଳତା ପରେ ଅନ୍ୟ କେହି ଜଗନ୍ନାଥଙ୍କୁ ନେଇ ଫିଲ୍ମ କରିବାକୁ ଉଚ୍ଛିତ ମନେ କଲେ ନାହିଁ। ଜଗନ୍ନାଥଙ୍କର ଭିନ୍ନ ଅନ୍ୟ କାହାଣୀ ନେଇ ଫିଲ୍ମ କରିବାରେ ବିଫଳତା ତଥା ଶ୍ରୀଜଗନ୍ନାଥକୁ ଟପି ନପାରିବାର ଭୟ ଏହାର କାରଣ ହୋଇପାରେ। ତେବେ ୧୯୫୯ ମସିହାରେ ଆସ୍କାର କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା ପ୍ରସ୍ତୁତ କଲେ 'ମହାଲକ୍ଷ୍ମୀ ପୂଜା'। ୧୯୬୨ରେ ପୁରୀର ସୁକୁମାର ଗାଙ୍ଗୁଲି ପ୍ରସ୍ତୁତ କରିଥିଲେ 'ଶ୍ରୀ ଶ୍ରୀ ପତିତପାବନ'। ଗାଙ୍ଗୁଲି ସେନାବାହିନୀରେ ଫଟୋଗ୍ରାଫର ଚାକିରି କରୁଥିଲେ। ନିଜକୁ ଭଲ ଲାଗୁଥିବା ପୁରୀର କିଛି ଦୃଶ୍ୟର ସୁଟିଂ କରି କଲିକତାରେ ତାର ଏଡିଟିଂ କରି ସେ 'ଶ୍ରୀ ଶ୍ରୀ ପତିତପାବନ' ଫିଲ୍ମ ତିଆରି କରିଥିଲେ। ତାକୁ ବଜାରକୁ ବି ଛାଡ଼ିଥିଲେ। ତେବେ ଏହା ସେପରି ସଫଳତା ପାଇନଥିଲା।

ପରେ ପରେ ଜଗନ୍ନାଥଙ୍କୁ ନେଇ ୧୯୬୩ରେ 'ଜୟଦେବ' ପ୍ରଯୋଜକ କଲ୍ୟାଣ ଗୁପ୍ତ, ନିର୍ଦ୍ଦେଶକ ଶିବ ଭଟ୍ଟାଚାର୍ଯ୍ୟ, କାହାଣୀ ଓ ସଂଳାପ କବିଚନ୍ଦ୍ର କାଳୀଚରଣ ପାଣିଗ୍ରାହୀ, ସଙ୍ଗୀତ ବାଳକୃଷ୍ଣ ଦାଶ, ୧୯୭୭ରେ 'ବନ୍ଧୁ ମହାନ୍ତି' ପ୍ରଯୋଜକ ଧୀରେନ ମହାନ୍ତି, ନିର୍ଦ୍ଦେଶକ ଚିତ୍ରନାଟ୍ୟ ଓ ସଂଳାପ ନିତାଇ ପାଳିତ, ସଙ୍ଗୀତ ପ୍ରଫୁଲ୍ଲ କର, ୧୯୭୯ରେ 'ଶ୍ରୀଜଗନ୍ନାଥ' (ଦ୍ୱିତୀୟ, ପ୍ରଯୋଜକ କ୍ରାନ୍ତି କୁମାର, ନିର୍ଦ୍ଦେଶକ ବିଜୟ ଭାସ୍କର, ସଙ୍ଗୀତ ଅକ୍ଷୟ ମହାନ୍ତି) ଓ 'ନୀଳମାଧବ' ପ୍ରଯୋଜକ, ନିର୍ଦ୍ଦେଶକ ଓ ଚିତ୍ରନାଟ୍ୟ ଜଗନ୍ନାଥ ପ୍ରସାଦ ଭଗତ, ସଙ୍ଗୀତ ନିର୍ମଳ କୁମାର ନିର୍ମାଣ କରାଯାଇଛନ୍ତି। ସେହିପରି ୧୯୮୩ରେ ନିର୍ମାଣ କରା ଯାଇଥିଲା 'ଭକ୍ତ ସାଲବେଗ' ୧୯୮୫ରେ 'ଜଗାବଳିଆ', ୧୯୮୬ରେ 'ମାଣିକ' ତଥା ୧୯୮୭ରେ 'ଜୟଦେବ' (ଦ୍ୱିତୀୟ)। ଅମୀୟ ପଟ୍ଟନାୟକ ୧୯୮୮ ମସିହାରେ 'ପୁଅ ମୋର କଳାଠାକୁର', '୧୯୮୯ରେ ଚକା ଆଖି ସବୁ ଦେଖୁଛି' ଓ 'ଆସୁଛି ମୋ କାଳିଆ ସୁନା' ତଥା୧୯୯୦ରେ 'ଚକାଡୋଳା କରୁଛି ଲୀଳା' ଭଳି ଜଗନ୍ନାଥଙ୍କୁ ନେଇ ଚାରିଟି ଫିଲ୍ମ ନିମାଣ କରିଥିଲେ। ଏ ଫିଲ୍ମ ଗୁଡ଼ କରେ ସାମାଜିକ କଥାବସ୍ତୁ ଓ ଆଧୁନିକତାର ଛାପ ଥିଲେ ମଧ୍ୟ ଜଗନ୍ନାଥଙ୍କ ମହିମା ସଂପର୍କରେ ବର୍ଣ୍ଣନା ଥିଲା। ସେଗୁଡ଼କ ବହୁ ବ୍ୟବସାୟିକ ସଫଳତା ହାସଲ କରିଥିଲା। ୧୯୯୦ ମସିହାରେ 'ଠାକୁର ଅଛନ୍ତି ଚଉବାହାକୁ', ୧୯୯୧ରେ 'କାଳିଆ ଭରସା' ଓ 'କୋଟିଏ ମଣିଷ ଗୋଟଏ ଜଗା', ୧୯୯୨ରେ 'ଏଇ ଆଖି ଆମ ସାକ୍ଷୀ' ଓ 'ହିସାବ କରିବ କାଳିଆ', ୧୯୯୩ରେ 'ପଥର ଖୁସିଛି ବଡ଼ଦେଉଳୁ', ୧୯୯୫ରେ 'ମୋ ଭାଇ ଜଗା' ଓ 'ସୁଭଦ୍ରା', ୧୯୯୬ରେ 'ରଘୁ ଅରକ୍ଷିତ', ୨୦୦୩ରେ 'ବାହୁଡ଼େ ମୋ ଜଗାବଳିଆ', ୨୦୦୪ରେ 'ସାକ୍ଷୀ ରହିଲା ଏ ସିଂହ ଦୁଆର' ଜଗନ୍ନାଥଙ୍କର ମହିମାକୁ ଆଧାାର କରି ନିର୍ମିତ ହୋଇଥିଲା। ଏଭିତରକୁ କେତୋଟି ହିଟ ହୋଇଥିବାବେଳେ କିଛି ବ୍ୟବସାୟରେ ସଂପୂର୍ଣ୍ଣ ବିଫଳ ମଧ୍ୟ ହୋଇଥିଲେ।

୨୦୦୭ ମସିହାରେ ରିଲିଜ ହୋଇଥିଲା ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କ ଡ୍ରିମ ପ୍ରୋଜେକ୍ଟ 'ଜୟ ଜଗନ୍ନାଥ'। ଏହି ଫିଲ୍ମ ଉଭୟ ଓଡ଼ିଆ ଓ ହିନ୍ଦୀରେ ନିର୍ମିତ ହୋଇଥିଲା, ପରେ ଇଂରାଜୀ ସମେତ ୧୩ଟି ଆଞ୍ଚଳିକ ଭାରତୀୟ ଭାଷାରେ ଡବିଂ ହୋଇଥିଲା ଏବଂ ସମଗ୍ର ଭାରତ ଓ ଦେଶ ବାହାରେ ମଧ୍ୟ ମୁକ୍ତିଲାଭ କରିଥିଲା। ଜଗନ୍ନାଥଙ୍କୁ ଆଧାାର କରି ଏହା ଥିଲା ସବୁଠାରୁ ବଡ଼ ବଜେଟର ଫିଲ୍ମ। ଭରତ ଶାହା ଏହାର ପ୍ରଯୋଜକ ଥିଲାବେଳେ ଶରତ ପୂଜାରୀ, ସାଧୁ ମେହେର, ଶ୍ରୀତମ ଦାସ, ପିଣ୍ଟୁ ନନ୍ଦ, ଦେବାଷିଷ, ଜ୍ୟୋତି ମିଶ୍ର ଓ ମୋହିନୀ ପ୍ରଭୃତି ଏଥିରେ ଅଭିନୟ କରିଥିଲେ। ଏ ତ ଗଲା ଜଗନ୍ନାଥ, ତାଙ୍କ ମହିମା ବା ତାଙ୍କୁ ନେଇ ସୃଷ୍ଟି ହୋଇଥିବା ଲୋକକଥାର ଆଧାରରେ ନିର୍ମାଣ କରାଯାଇଥିବା ଓଡ଼ିଆ ଫିଲ୍ମର ତାଲିକା। ଲକ୍ଷ୍ୟକଲେ ଜାଣିହେବ, ଏ ଫିଲ୍ମଗୁଡ଼ିକର ଶୀର୍ଷକରେ ଜଗନ୍ନାଥ ବା ତାଙ୍କ ସହିତ ସଂପୃକ୍ତ ଚରିତ୍ରଙ୍କ ସୂଚନା ରହିଛି। କିନ୍ତୁ ଯା ବାହାରେ ଆହୁରି ଅନେକ ଓଡ଼ିଆ ଫିଲମ ଅଛି, ଯେଉଁଠି ପୁରା କାହାଣୀରେ ନଥିଲେ ବି କୋଉଠି କେମିତି ଥରେ ଅଧେ ଶ୍ରୀଜଗନ୍ନାଥ ପରଦା ଉପରେ ଦେଖା ଦେଇଛନ୍ତି। ଗୋଟିଏ ସମୟ ତ ଥିଲା ଯେତେବେଳେ ପ୍ରାୟ ସବୁ ଓଡ଼ିଆ ଫିଲ୍ମରେ ଜଗନ୍ନାଥଙ୍କୁ ନେଇ ଗୋଟିଏ ଗୀତ ବା ତାଙ୍କ ଭଜନ/ ପ୍ରାର୍ଥନା ନିଶ୍ଚିତ ଭାବେ ସ୍ଥାନ ପାଉଥିଲା। ଏବେ ବି କିଛି ଫିଲ୍ମରେ ସେ ଧାରା ବଜାୟ ରହିଥିବାର ଦେଖାଯାଉଛି। ୫-୭ ବର୍ଷ ହେଲା ଓଡ଼ିଆ ଫିଲ୍ମ କାହାଣୀରେ ବହୁତ ପରିବର୍ତ୍ତନ ଆସିଛି। କାହାଣୀ ଗାଁରୁ ଆସି ସହରରେ ପହଞ୍ଚି ଯାଇଛି। ସେଥିରେ ପ୍ରେମ, ହିଂସା ଆଉ କମେଡ଼ି ପ୍ରମୁଖ ସ୍ଥାନ ଅଧିକାର କରି ନେଇଛି। ଧର୍ମ ବା ଧର୍ମ ଭାବପ୍ରବଣତା କ୍ରମେ ଓଡ଼ିଆ ଫିଲ୍ମ କାହାଣୀରୁ ହଜି ଯାଉଛି। ସେଥିପାଇଁ ଜଗନ୍ନାଥଙ୍କୁ ନେଇ ତିଆରି ହେଉଥିବା ଫିଲ୍ମର ସଂଖ୍ୟା ବି ହଠାତ୍ ବହୁ ପରିମାଣରେ କମି ଯାଇଛି। କିନ୍ତୁ ସେ ଧାରା ପୁରା ବନ୍ଦ ହୋଇଯାଇନି। ଗତବର୍ଷ ଆରମ୍ଭରେ ରିଲିଜ ହୋଇଥିବା ଫିଲ୍ମ 'ତୁ ଥିଲେ ମୋର ଡର କାହାକୁ'ରେ ଜଗନ୍ନାଥଙ୍କ ମହିମାର ସୁନ୍ଦର ବର୍ଣ୍ଣନା ରହିଥିଲା। ସେହିପରି ଏଇ ରଜରେ ରିଲିଜ ହୋଇଥିବା ନିର୍ଦ୍ଦେଶକ ସଂଜୟ ନାୟକଙ୍କ ନୂଆ ଫିଲ୍ମ 'ବାଇଶି ପାହାଚେ ଖେଳିବ ମୀନ'ର କାହାଣୀ ବି ଜଗନ୍ନାଥଙ୍କୁ ଆମେ ଦର୍ଶନ କରିଛୁ।

ଜଗନ୍ନାଥ ଓଡ଼ିଆର ହୃଦୟର ଠାକୁର। ଓଡ଼ିଆର ନିଶ୍ୱାସ ଓ ବିଶ୍ୱାସରେ ସେ ଅଛନ୍ତି। ତେଣୁ ଜଗନ୍ନାଥଙ୍କୁ ନେଇ ଭଲ ଫିଲ୍ମ ତିଆରି ହେଲେ ଓଡ଼ିଆମାନେ ନିଶ୍ଚୟ ଆକର୍ଷିତ ହୋଇଯିବେ। ଆଜିକାଲି ତ ଐତିହାସିକ ଓ ପୌରାଣିକ ଚରିତ୍ରଙ୍କୁ ନେଇ ବିଗ ବଜେଟ ଫିଲ୍ମ ତିଆରିବା ହଲିଉଡ ଓ ବଲିଉଡରେ ଭାରି ଲୋକପ୍ରିୟ ହେଲାଣି। ସେହି ଶୈଳୀରେ ଶ୍ରୀଜଗନ୍ନାଥଙ୍କ ନେଇ ଗଢ଼ି ଉଠିଥିବା ଚମତ୍କାର କିମ୍ବଦନ୍ତୀ ଗୁଡ଼ିକର ଆଧାରରେ ବିଶସ୍ତରରେ ଚମତ୍କାର ବ୍ୟବସାହିୟକ ଫିଲ୍ମ ତିଆରିବା ଅସମ୍ଭବ ନୁହେଁ। ସେଥିପାଇଁ କିନ୍ତୁ ଲୋଡ଼ା ଇଚ୍ଛାଶକ୍ତି ଓ ନିଷ୍ଠାପର ଉଦ୍ୟମ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର

# ଜଗନ୍ନାଥ ସଂସ୍କୃତିରେ ଆତ୍ମସମର୍ପଣ

**|||||||| ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ||||||||**

ଭାରତୀୟ ଧର୍ମ ଏବଂ ଦର୍ଶନ ଯେଉଁ ଚାରୋଟି ପୁରୁଷାର୍ଥ (ଧର୍ମ, ଅର୍ଥ, କାମ, ମୋକ୍ଷ) କଥା ପ୍ରତିପାଦନ କରନ୍ତି, ତନ୍ମଧ୍ୟରୁ ମୋକ୍ଷ ପୁରୁଷାର୍ଥଟିକୁ ଦାର୍ଶନିକମାନେ ବେଶୀ ଗୁରୁତ୍ୱ ଦେଉଥିବା ବେଳେ ଅନ୍ୟମାନେ ଧର୍ମ ପୁରୁଷାର୍ଥକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ମଣିଷ ନିଜ ଉଦ୍ୟମ ବଳରେ ମୋକ୍ଷ ବା ମୁକ୍ତିଲାଭ କରିପାରେ। ଏହି ପରିପ୍ରେକ୍ଷୀରେ ଏତିକି କୁହାଯାଇପାରେ ଯେ ମୁକ୍ତି କୌଣସି ଗୋଟିଏ ପ୍ରକାର ଫଳ କିମ୍ବା ପଦାର୍ଥ ନୁହେଁ। ଏହା ଗୋଟିଏ ଅବସ୍ଥା। ସେହି ଅବସ୍ଥାକୁ ଆସିବାକୁ ହେଲେ ମଣିଷକୁ ନିଜେ ଉଦ୍ୟମ କରିବାକୁ ହେବ। କାରଣ ମୁକ୍ତ ଲୋକ ନିର୍ଭୀକ, ଜ୍ଞାନୀ ଏବଂ ମାନସିକ ସ୍ତରରେ ଅତ୍ୟନ୍ତ ଧନୀ ତଥା ସମଦର୍ଶୀ। ମୁକ୍ତ ଲୋକର ଆଚରଣରେ କିଛି ଭେଦଭାବ ବାଛ ବିଚାର ନଥାଏ। ମହାପ୍ରଭୁ ଜଗନ୍ନାଥଙ୍କର ଦୁଇଟି ବ୍ୟକ୍ତିତ୍ୱ ଅଛି। ପ୍ରଥମ ବ୍ୟକ୍ତିତ୍ୱଟି ହେଉଛି ନୃସିଂହଙ୍କର ବ୍ୟକ୍ତିତ୍ୱ ଏବଂ ଅନ୍ୟ ବ୍ୟକ୍ତିତ୍ୱଟି ହେଉଛି ଶ୍ରୀକୃଷ୍ଣଙ୍କର ବ୍ୟକ୍ତିତ୍ୱ। ନୃସିଂହଙ୍କର ବ୍ୟକ୍ତିତ୍ୱରେ ଉଭୟ ଭୟ ଏବଂ ଆନନ୍ଦ ମିଶ୍ରିତ ଭାବରେ ବିଦ୍ୟମାନ, କାରଣ ନୃସିଂହଙ୍କର ଆକୃତି ଭୟ ସଂଚାର କରୁଥିବା ସ୍ଥଳେ ତାଙ୍କର କାର୍ଯ୍ୟକଳାପ ଲୋକକଲ୍ୟାଣ ପାଇଁ ଉଦ୍ଦିଷ୍ଟ। ତେଣୁ ତାହା ଆନନ୍ଦର ଦ୍ୟୋତକ। ଭକ୍ତ ପ୍ରହ୍ଲାଦଙ୍କ ଉଦ୍ଦେଶ୍ୟରେ ଭଗବାନ ନୃସିଂହ ଅବତାର ଗ୍ରହଣ କରିଥିଲେ। ତେଣୁ ସେ ନୃସିଂହଙ୍କର ଉପାସକ ସେ ନିଜକୁ ପ୍ରହ୍ଲାଦ ଭାବରେ ଗଢ଼ି ତୋଳିବା ଆବଶ୍ୟକ। ନିଜ ଚରିତ୍ରରେ ପ୍ରହ୍ଲାଦ ଚରିତ୍ରକୁ ପ୍ରତିଫଳିତ କରିବା ଆବଶ୍ୟକ। ଭଗବାନ ସର୍ବତ୍ର ବିଦ୍ୟମାନ - ଏହି ଭାବକୁ ନିଜ ଜୀବନଚର୍ଯ୍ୟାରେ ଅନୁଭବ କରିବା ହେଉଛି ପ୍ରହ୍ଲାଦ ଚରିତ୍ରର ସର୍ବଶ୍ରେଷ୍ଠ ବୈଶିଷ୍ଟ୍ୟ। ଗୋପପୁରରେ ରାଧା ପ୍ରମୁଖ ଗୋପୀ ସକଳ କୃଷ୍ଣଙ୍କୁ ନିଜର ସର୍ବସ୍ୱ କରି ନେଇଥିଲେ। ସେମାନେ ସମସ୍ତେ ସଂସାରୀ। ସମସ୍ତଙ୍କ ଠାରେ ପରିବାର ଥିଲା। ତାଙ୍କର ସ୍ୱାମୀ, ଶାଶୁ, ଶ୍ୱଶୁର, ପୁତ୍ର, ଦୁହିତା ମଧ୍ୟ ସମସ୍ତେ ଥିଲେ। ପାରିବାରିକ ଜୀବନରେ ସମସ୍ତେ ପରିବାରରର ମୁଖ୍ୟଙ୍କ ନିୟନ୍ତ୍ରଣାଧୀନ ଥିଲେ ମଧ୍ୟ ସେମାନଙ୍କୁ ପଛକୁ ପକାଇ ଗୋପୀମାନେ କୃଷ୍ଣଙ୍କ ନିମନ୍ତ୍ରଣକୁ ଚାଲିଯାଇଥିଲେ। କୃଷ୍ଣଙ୍କୁ ଆତ୍ମସମର୍ପଣ କରି ସେମାନେ କୃଷ୍ଣାଧୀନ ହୋଇଯାଇଥିଲେ।

ମଣିଷର ପାଞ୍ଚଟି ଜ୍ଞାନେନ୍ଦ୍ରିୟ, ପାଞ୍ଚଟି କର୍ମେନ୍ଦ୍ରିୟ। ପ୍ରତ୍ୟେକ ଇନ୍ଦ୍ରିୟ ସାଂସାରିକ ବିଷୟବାସନା ଭୋଗ କରିବା ପାଇଁ ମଣିଷକୁ ସାହାଯ୍ୟ କରିଥାଏ। ତେଣୁ ଶ୍ରବଣେନ୍ଦ୍ରିୟ ଦ୍ୱାରା ଯଦି ଶୁଣିବା ସୁଖ ମିଳିଥାଏ, ତେବେ କୃଷ୍ଣକଥା ଶ୍ରବଣ ଦ୍ୱାରା କୃଷ୍ଣଙ୍କର ପ୍ରୀତିଜାତ ହୁଏ ବୋଲି ଅବଧାରଣା କରିବାକୁ ହେବ। ସେହିପରି ଚକ୍ଷୁ ଇନ୍ଦ୍ରିୟ ଦ୍ୱାରା ଯଦି ରୂପ ଦର୍ଶନ କରି ସୁଖ ଅନୁଭବ କରାଯାଏ, ତେବେ କୃଷ୍ଣଙ୍କ ରୂପକୁ ବରଂ ଦର୍ଶନ କରିବାକୁ ହେବ। ଏହିପରି ସବୁ ଇନ୍ଦ୍ରିୟର ସୁଖ ସହିତ ମନକୁ କୃଷ୍ଣଙ୍କୁ ସମର୍ପିତ କରିଦେବାକୁ ପଡ଼ିଥାଏ। କାରଣ ମନର ସବୁଠାରୁ ବଡ଼ କାମ ହେଲା ଇଚ୍ଛା। ତେଣୁ କୃଷ୍ଣଙ୍କୁ ଆତ୍ମସମର୍ପଣ କରିଦେବା ପରେ ଭକ୍ତ ଆଉ ଆପଣା ଇଚ୍ଛାରେ କିଛି କରିପାରେ ନାହିଁ। ସେ ସବୁ କୃଷ୍ଣଙ୍କ ଇଚ୍ଛାରେ କରେ। ଏହିପରି ଭାବରେ ଆପଣାର ସମସ୍ତ ସୁଖ, ପ୍ରୀତି, ଆନନ୍ଦ କୃଷ୍ଣଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଦେବା ଦ୍ୱାରା ଗୋଟିଏ ପଦାର୍ଥ କିପରି କୃଷ୍ଣଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇପାରିବ ତାହା ବିଚାରକୁ ଆସେ। ପ୍ର ଭୁ ଶ୍ରୀଜଗନ୍ନାଥଙ୍କୁ କୃଷ୍ଣ ଭାବରେ ଉପାସନା କରିବାକୁ ଯାଇ ଆତ୍ମ ସମର୍ପଣ କରିବାକୁ ହେଲେ ନିଜକୁ ଗୋପୀଭାବେ ବା ରାଧା ଭାବରେ ଅନ୍ୱିତ ହୋଇଥାଏ। ନବଧା ଭକ୍ତିରେ ପ୍ରଭୁ ଦାସ ସମ୍ବନ୍ଧ ରଖି ଜଗନ୍ନାଥଙ୍କୁ ପ୍ରଭୁ ଭାବରେ ମାନି ନିଜକୁ ଦାସ ଭାବରେ ସଜ୍ଜିତ କରାଯାଇଥାଏ। ଏହାଦ୍ୱାରା ଦାସ୍ୟଭକ୍ତି ପ୍ରକାଶିତ ହୋଇଥାଏ। ଯେଉଁମାନେ ସଖ୍ୟ ଭକ୍ତି ପ୍ରକାଶ କରନ୍ତି, ସେମାନେ ଜଗନ୍ନାଥଙ୍କୁ ସାଙ୍ଗସାଥୀ ଭାବରେ ମଣନ୍ତି। ଶ୍ରୀମନ୍ଦିରରେ ଦେବଦାସୀର ନୃତ୍ୟ ବ୍ୟବସ୍ଥା ଏତାଦୃଶ ଆତ୍ମସମର୍ପଣର ସଫଳ ଅନୁଷ୍ଠାନ। ମୋଟ ଉପରେ କହିବାକୁ ଗଲେ ଜଗନ୍ନାଥଙ୍କୁ କେନ୍ଦ୍ରକରି ଯେଉଁ ସଂସ୍କୃତିଟି ଗଢ଼ି ଉଠିଛି, ସବୁଥିରେ ଆତ୍ମସମର୍ପଣର ଏହି ଚିତ୍ର ପ୍ରତିଫଳିତ। ଉଲ୍ଲେଖଯୋଗ୍ୟ ଯେ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କ ଧର୍ମପତ୍ନୀ। ଲକ୍ଷ୍ମୀ ଓ ଜଗନ୍ନାଥଙ୍କର ବା ଲକ୍ଷ୍ମୀ ନାରାୟଣଙ୍କର ଉପସନା ଜଗନ୍ନାଥ ସଂସ୍କୃତିରେ ବୈଧୀଭକ୍ତି କୈନ୍ଦ୍ରିକ ଆତ୍ମସମର୍ପଣ। କିନ୍ତୁ ରାଧାକୃଷ୍ଣ ରାଗାନୁଗାଭକ୍ତିକୈନ୍ଦ୍ରିକ ଆତ୍ମସମର୍ପଣ। ବୈଧୀଭକ୍ତିରେ ବର୍ଣ୍ଣାଶ୍ରମ ବ୍ୟବସ୍ଥା ବେଳେ ରାଗାନୁଗାଭକ୍ତିରେ ସାର୍ବଜନୀନ ବ୍ୟବସ୍ଥା ପ୍ରକଟିତ। ଏହି ପରିପ୍ରେକ୍ଷୀରେ ବିମଳାଙ୍କ ସହିତ ଜଗନ୍ନାଥଙ୍କ ସଂପର୍କ ଏହି ତତ୍ତ୍ୱକୁ କିଞ୍ଚିତ ଆଶ୍ରୟ କରିଥାଏ। ସେଥିପାଇଁ ସବୁ ବର୍ଗର ଲୋକଙ୍କ ଜଗନ୍ନାଥଙ୍କ ସେବାପୂଜାରେ ଯେ କେବଳ ଅଧିକାର ଥାଏ, ତାହା ନୁହେଁ, ଜଗନ୍ନାଥଙ୍କୁ ସାର୍ବଜନୀନ ତଥା ଜଗତର ନାଥ ଭାବରେ ପ୍ରତିପାଦନ କରିବା ପାଇଁ ଅନୁରାଗ-କେନ୍ଦ୍ରିକ ଆତ୍ମସମର୍ପଣର ଏତାଦୃଶ ଭୂମିକା ପ୍ରଣିଧାନଯୋଗ୍ୟ। ବିଶ୍ୱବାସୀ ଯେ ଯେଉଁଠି ଥାଆନ୍ତୁ ନା କାହିଁକି, ଯାହାର ଏହି ଭାବନା ଆସେ, ଏହି ମର୍ମରେ ଯେ ଅନୁପ୍ରାଣୀତ ହୁଅନ୍ତି, ସେମାନେ ସମସ୍ତେ ଜଗନ୍ନାଥ ସଂସ୍କୃତିର ଦାୟାଦ ପାଲଟି ଯାଆନ୍ତି।

ସହପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ସମାନ ଢଙ୍ଗରେ ବାରମ୍ବାର ଲୁଟ୍: ଟେର ପାଉନି ପୋଲିସ

ହାଟଡିହି, ୩୦/୦୫(ମହାଭାରତ): ଗତ କିଛି ଦିନ ପୂର୍ବରୁ ଆରମ୍ଭ ହୋଇ ଥିବା ସୁନା ଚୋରି ଟ୍ରେଣ୍ଡ ର ଟେର ପାଉନି କେନ୍ଦୁଝର ପୋଲିସ। ପୂର୍ବ ଭଳି ସମାନ ଢଙ୍ଗ ରେ ବାରମ୍ବାର ଝରକା ତାଡି ଚୋରି କରୁଛନ୍ତି ଚୋର। ଚୋର ର ପତା ପାଉନି ପୋଲିସ। ଚୋରି ହେଉଥିବା ଘଟଣା ସି ସି ଟିଭି ରେ କଏଦ ହୋଇଥିବା ବେଳେ ଚୋର ପୁରା ସତର୍କତାର ସହ ବାହାରେ ବୁଲି ସମସ୍ତ ଙ୍କୁ ନଜର ରଖି ଥିବା ବେଳେ। ପାଖା ପାଖି ୫ ଲକ୍ଷ୍ୟ ଟଙ୍କା ରୁ ଉର୍ଦ୍ଧ୍ୱ ଟଙ୍କା ର ସୁନା ଗହଣା ନେଇ ଯାଇଥିବା ସୂଚନା ମିଳିଛି। ଏହା ଛଡା ଘର ଖର୍ଚ୍ଚ ପାଇଁ ଥିବା ଟଙ୍କା ମଧ ନେଇଥିବା ନେଇଯାଇଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ବଂଚୋ ଛକ ନିକଟସ୍ଥ ମାର୍କଣ୍ଡ ଓଝା ଙ୍କ ବାସଭବନ ରୁ।ଏପରି ସ୍ଥଳେ ପୋଲିସ ଡାଳେ ଡାଳେ ଗଲେ ଚୋର ପତ୍ରେ ଯାଉଛି ବୋଲି କୁହା ଯାଉଛି। ସେଥିପାଇଁ ଚୋର କୁ ଧରିବାରେ ପୋଲିସ ଅସକ୍ଷମ ହେଉଛି । ବାରମ୍ବାର ବିଫଳତା ପରେ ଏବେ କେନ୍ଦୁଝର ଜିଲ୍ଲାର ଏସପି ନୀତିଶ କୁଷଲ କର ନିଜେ ଘଟଣା କୁ ଗୁରୁତ୍ୱ ରଖି ଅତିରିକ୍ତ ପୋଲିସ ଅଧିକାରି ମନୋଜ କୁମାର ରାଉତ ଙ୍କୁ ଦାୟିତ୍ୱ ଭାର ପ୍ରଦାନ କରି ଅତ୍ୟାଧୁନିକ କୌଶଳ ଧରିବାକୁ ଚେଷ୍ଟା ଜାରି ରଖିଛନ୍ତି। ଏହି ଘଟଣା ର ତଦନ୍ତ ପାଇଁ ସନ୍ଧନୀ କୁକୁର, ସହ କେମିକାଲ ଦ୍ୱାରା ପରୀକ୍ଷା କରାଯାଇଥିଲା । ଏଭଳି ବାରମ୍ବାର ଚୋରି ହେବା ଦ୍ୱାରା ଲୋକଙ୍କ ମନରେ ଭୟ ଅଧିକ ରୁ ଅଧିକ ହେଉଛି। ପୋଲିସ ନିଜର ସମସ୍ତ ଜ୍ଞାନ କୌଶଳ ଦ୍ୱାରା ଚୋର ଧରିବାକୁ ଚେଷ୍ଟା ଜାରି ରଖିଛି। ଅପେକ୍ଷା କେବେ କେନ୍ଦୁଝର ପୋଲିସ କୁ ମିଳୁଛି ସଫଳତା। ଏହି ତଦନ୍ତ ସମୟ ରେ ଅତିରିକ୍ତ ପୋଲିସ ଅଧିକାରୀ ମନୋଜ କୁମାର ରାଉତ, ଏସଡିପିଓ ପ୍ରଶାନ୍ତ କୁମାର ବେହେରା, ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର ପ୍ରମୁଖ ତଦନ୍ତ ସହଯୋଗ କରିଥିଲେ।

## ଓଡ଼ିଶା ସୀମାନ୍ତରେ ଚାଲିଛି ମାଫିଆଙ୍କ ରାଜ୍

ଯୋଡା, ୩୦/୦୫(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଟାଙ୍କୁରା ସଂରକ୍ଷିତ ଜଙ୍ଗଲ ରେ ଖଣିଜ ଚୋରି କାରବାର କୁ ନେଇ ବଡ଼ ପ୍ରନ୍ନ ଯୋଡ଼ା ବଡ଼ବିଲ ରୁ ଲମ୍ବିଛି ଚେର ଭାଇଜାକ ପର୍ଯ୍ୟନ୍ତ ଓ ଝାଡ଼ଖଣ୍ଡ ର ଖଣିଜ ଚୋର ମାନଙ୍କ ସାଙ୍ଗରେ ଯୋଡ଼ା, ବଡ଼ବିଲ,ଜୁରୁଡି, ଓ ବାମେବାରି କିଛି ମିଶିକି ଏହି ଚୋରା ଚାଲାଣ ରେ ଜୋଡିତ ଅଛନ୍ତି। ଏହା ଦ୍ୱାରା ବ୍ୟାପକ ଭାବେ ଚୋରି କରାଯାଉଥିବା ଜଣାପଡିଛି । ଏଠାରୁ ଚୋରି କରୁଥିବା ଖଣିଜ ଟା ଙ୍କୁର। ରୁ ଉତ୍ତୋଳନ କରାଯାଇ ଅଳ୍ପ ଦୂରରେ ଥିବା ଝାଡ଼ଖଣ୍ଡ ସୀମାନ୍ତ କୁ ଚୋରା ଚାଲାଣ କରାଯାଉଛି । ଏହି ଘଟଣା ସଂପର୍କରେ ଖବର ପାଇବା ପରେ ଗତ ତା ୦୮/୦୫/୨୦୨୫ ରିଖରେ ଯୋଡା ଖଣି ଉପ ନିର୍ଦ୍ଦେଶାଳୟ ର କନିଷ୍ଠ ଖଣି ଅଧିକାରୀ ସଦଳବଳେ ବିଭାଗୀୟ ଅଧିକାରୀ ମାନେ ଠାକୁରାଣୀ ରିଜର୍ଭ ଜଙ୍ଗଲ ର ଟାଙ୍କୁର। ଅଞ୍ଚଳ କୁ ଯାଇଥିଲେ ।ତେବେ ସେଠାରେ କୌଣସି ଚୋରା ଲୁହାପଥର ପାଇ ନ ଥିଲେ ।ଖଣି ବିଭାଗ ସୂତ୍ରରୁ ଜଣାପଡିଛି ଯେ,ଷ୍ଟେଟ ଫରେଷ୍ଟ ବାଉଣ୍ଡରୀ ବା ଠାକୁରାଣୀ ରିଜର୍ଭ ଜଙ୍ଗଲ ଅଞ୍ଚଳରେ କିନ୍ତୁ ଓଡ଼ିଶା ସୀମା ର ସଂଲଗ୍ନ ରେ ପି.କେ ଜୈନ ନାମକ ଏକ ଖଣି ରହିଛି ।ତେଣେ ଟାଙ୍କୁର। ଅଞ୍ଚଳରେ କିଛି ଲୋକ କହିଛନ୍ତି ଯେ,ବିଳମ୍ବିତ ରାତିରେ ଚୋର ମାନେ ଲୁହାପଥର ଚୋରୀ କରି ଟାଙ୍କୁର। ବନ୍ ।ଞ୍ଚଳ ରୁ ଝାଡ଼ଖଣ୍ଡ ଅଞ୍ଚଳ କୁ ବୋହି ନେଉଛନ୍ତି ଏବଂ ସେଠାରୁ ବଡ ବଡ ଟ୍ରକ୍ ଲଗାଇ ଓଡ଼ିଶା ସୀମାନ୍ତ ନାଳଦ। ଗେଟ୍ ଆଡୁଆଳରେ ଅନ୍ୟ ଏକ ଜଙ୍ଗଲ ରାସ୍ତା ଦେଇ ଝାଡ଼ଖଣ୍ଡ ର ଜ ।ମଦ। ଅଞ୍ଚଳ କୁ ଚୋରାରେ ପରିବହନ କରୁଛନ୍ତି । ଏ ନେଇ ଯୋଡା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଯାଞ୍ଚ କରାଯାଉଥିଲେ ମଧ ବନ ।ଞ୍ଚଳ ରେ ହେଉଥିବା ଚୋରି କୁ ରୋକିବାରେ ବନ ବିଭାଗ ବିଫଳ ହେଉଥିବା ପରିଲକ୍ଷିତ ହେଉଛି । ଏ ନେଇ ବଡ଼ବିଲ ରେଞ୍ଜ ଅଧିକାରୀ ସଞ୍ଜୀବ କୁମାର ରାଉତ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ,ଗତ ଦୁଇ ମାସ ଧରି ନିୟମିତ ବନ ବିଭାଗ ପକ୍ଷରୁ ପେଟ୍ରୋଲିଂ କରାଯାଉଛି । ଏହା ସହିତ ଅତୀତରେ ଚୋରା ଚାଲାଣ ହେଉଥିବା ରାସ୍ତା କୁ ଗାତ କରି ଖୋଳି ଦିଆ ଯାଇଛି। ଜିଲ୍ଲା ବନ ଅଧିକାରୀ ମଧ ଏ ଅଞ୍ଚଳ କୁ ଗସ୍ତ କରି ପଦକ୍ଷେପ ର ସମୀକ୍ଷା କରିଛନ୍ତି । ତେବେ ଝାଡ଼ଖଣ୍ଡ ରାଜ୍ୟ ର ଖଣିଜ ଚୋର ମାନେ ଏହି ଅଞ୍ଚଳରେ ତାଙ୍କର ଗତିବିଧି କୁ ବଢାଇ ଦେଇଥିବା ଲୋକ ମାନେ କହିଛନ୍ତି ।

## ଦଶପଲ୍ଲା ବାଇପାସ ରାସ୍ତା କେବେ ସରିବ ତାହା ପ୍ରଶ୍ନବାଚୀ

ଦଶପଲ୍ଲା, ୩୦/୦୫(ମହାଭାରତ): ନୟାଗଡ ଜିଲ୍ଲା ଦଶପଲ୍ଲା ସହର ଓ ଗ୍ରାମାଞ୍ଚଳ ମଧ୍ୟରେ ଦିନକୁ ଦିନ ଗାଡ଼ିମଟର ଦ୍ରୁତ ଗତିରେ ବଢ଼ି ଚାଲିଛି। ଭୁବନେଶ୍ୱର, ବୌଦ୍ଧ, ଫୁଲବାଣୀ, ବଲାଙ୍ଗୀର, ଭଞ୍ଜନଗର, ବ୍ରହ୍ମପୁର, ସମ୍ବଲପୁର, କୋରାପୁଟ ଆଦି ଅନେକ ସ୍ଥାନକୁ ବସ ଟ୍ରକ ଓ ଅନ୍ୟ ଚାରି ଚକିଆ ଗାଡି ଦିନ ରାତି ତମାମ ଯିବା ଆସିବା କରୁଛି। ତେବେ ଦଶପଲ୍ଲା ସହର ମଧ ଦେଇ ଗାଡି ଗୁଡିକ ଯିବାଆସିବା ସମୟରେ ରାସ୍ତା ଅନେକ ସମୟରେ ଜାମ ରହୁଛି। ଯଦ୍ୱାରା ବ୍ୟବସାୟ ପ୍ରତିଷ୍ଠାନ ତଥା ଜନସାଧାରଣ ନାହିଁ ନ ଥିବା ଅସୁବିଧା ରେ ସମ୍ମୁଖୀନ ହେଉଛନ୍ତି। ତେବେ ଏହି ସମସ୍ୟା ର ସମାଧାନ ପାଇଁ ବିଗତ ଦିନରେ ଦଶପଲ୍ଲା ବିଧାୟକ ରମେଶ ବେହେରା ଙ୍କ ପ୍ରଚେଷ୍ଟା ରେ ବାଇପାସ ରାସ୍ତା ର ପରିକଳ୍ପନା କରାଯାଇ ଏଥିପ୍ରତି ବିଲ ମଧ ପାରିତ ହୋଇଥିଲା। ତେବେ କାର୍ଯ୍ୟ ର ଶୁଭ ଦିଆଯାଇ ଆରମ୍ଭ ହେଲା। ମାତ୍ର ସରକାରୀ ସ୍ତରରେ କିମ୍ବା ରାଜନୈତିକ ଛକା ପଞ୍ଝା ମଧ୍ୟରେ କାର୍ଯ୍ୟ ରେ ଶିଥିଳତା ଦେଖିବାକୁ ମିଳୁଛି। ଜମି ଅଧିଗ୍ରହଣ ଟଙ୍କା ମଧ କିଛି ଜମି ମାଲିକ ପାଇନାହାନ୍ତି ବୋଲି ଶୁଣାଯାଉଛି ଓ ପରିବେଶ ବିଭାଗ ମଞ୍ଜୁରୀ ମିଳି ନ ଥିବା ଯୋଗୁଁ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ମଧ ଶୁଣାଯାଉଛି। ଏଣୁ ରାଜନୈତିକ ଆକ୍ରୋଶ ମଧ ରୁ ବାହାରି ଦଶପଲ୍ଲା ର ସର୍ବାଙ୍ଗୀନ ବିକାଶ ପାଇଁ ସବୁ ବର୍ଗ ଧ୍ୟାନ ଦେବା ଦରକାର ବୋଲି ମଧ ଆଲୋଚନା ହେଉଛି। ତେବେ ବିଜେଡ଼ି ଶାସନ ରେ ଥିବା ସମୟରେ ଦଶପଲ୍ଲା ବିଧାୟକ ଙ୍କ ଯେତିକି ମନୋଭାବ ଦଶପଲ୍ଲା ପାଇଁ ଥିଲା ତାହା ଏବେ ନଥିବା ଭଳି ମନେ ହେଉଛି। ଏଣୁ ନୂତନ ସରକାର ଓ ଦଶପଲ୍ଲା ବିଜେପି ର ବରିଷ୍ଠ ନେତୃବୃନ୍ଦ ଏଥିପ୍ରତି ଗୁରୁତ୍ୱ ଦେବା ଦରକାର ବୋଲି ଆଲୋଚନା ଜୋର ଧରିଛି।

## ସେବା ଉତ୍ସବ ପାଇଁ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତି ବୈଠକ

ଦଶପଲ୍ଲା, ୩୦/୦୫(ମହାଭାରତ): ଆଜି ଦିନ ୧୨ ଘଟିକାରେ ଦଶପଲ୍ଲା ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ' ତରଫରୁ ପ୍ରିୟବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଟାକରା ସ୍ଥିତ ବାବା ସିଦ୍ଧେଶ୍ୱର ମନ୍ଦିର ଆନୁକୂଲ୍ୟରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ଉତ୍ସର୍ଗ ଫାଉଣ୍ଡେସନର ସମ୍ପାଦକ ନିହାର ରଞ୍ଜନ ମହାନ୍ତି, ମାନସ କୁମାର ପରିଡ଼ା, ସନ୍ତୋଷ କୁମାର ସାହୁ,ନାରାୟଣ ସାହୁ, କୁନା ବେହେରା, ରବି ନାରାୟଣ ସାହୁ, ମନ୍ମଥ କୁମାର ସାହୁ, ଚିତ୍ତ ରଞ୍ଜନ ମିଶ୍ର, କୁନା ବେହେରା, ଆଲୋକ ବେହେରା, କୃଷ୍ଣଚନ୍ଦ୍ର ରଣା, ସମ୍ବିତ କୁମାର ଭଞ୍ଜ, ଚନ୍ଦ୍ର ଶେଖର ନାଏକ, ଚନ୍ଦନେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ସ୍ଥାନୀୟ ବରିଷ୍ଠ ନାଗରିକ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପ୍ରମୋଦ କୁମାର ସାହୁ ଯୋଗଦେଇଥିଲେ। ଖୁବଶୀଘ୍ର ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଟାକରା ଠାରେ ଏକ ସେବା ଉତ୍ସବର ଆୟୋଜନ ନିମନ୍ତେ ଟ୍ରଷ୍ଟର କିଛି ସଭ୍ୟ ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ସମର୍ଥନ ଜଣାଇ ଚଳିତ ବର୍ଷର ଜୋନ ମାସ ଶେଷ ସପ୍ତାହ ମଧ୍ୟରେ ଏଭଳି ଏକ ସୁନ୍ଦର କାର୍ଯ୍ୟକ୍ରମ କରିବା ପାଇଁ ଉପସ୍ଥିତ ସଭ୍ୟ ମତବ୍ୟକ୍ତ କରିବା ସହ ଖାଲି ସେବା ଉତ୍ସବ ନୁହେଁ ବରଂ ସେହିଦିନ ବୃକ୍ଷରୋପଣ, ମସାଲ ଶୋଭାଯାତ୍ରା ଭଳି କାର୍ଯ୍ୟକ୍ରମ କରିବାକୁ କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଭାବରେ ଆୟୋଜନ କରିବା ପାଇଁ ସ୍ଥାନୀୟ ଯୁବ ସମାଜସେବୀ ତଥା ଉତ୍ସର୍ଗ ଫାଉଣ୍ଡେସନର ସଭ୍ୟ ସନ୍ତୋଷ କୁମାର ସାହୁ ଓ ସମ୍ବିତ ଭଞ୍ଜଙ୍କୁ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟର ସଭ୍ୟମାନେ ମନୋନୀତ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଦଶପଲ୍ଲା ପଶ୍ଚିମାଅଂଚଳର ଟାକରା ଭଳି ଏକ ସ୍ଥାନରେ ଏଭଳି ଏକ ନିଆରା କାର୍ଯ୍ୟକ୍ରମ ହେବା ନେଇ ଶୁଣିବା ପରେ ସ୍ଥାନୀୟ ଲୋକ ମଧ ବହୁ ଖୁସି ଥିବା ଜଣାପଡ଼ିଥିଲା। ଶେଷରେ ନିହାର ରଞ୍ଜନ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେବା ସହ କହିଥିଲେ ଖାଲି କାର୍ଯ୍ୟକ୍ରମ ନୁହେଁ ବରଂ ଆଗାମୀ ଦିନରେ ଆମେ କିଭଳି ଲୋକ ମାନଙ୍କ ପାଖରେ ପହଞ୍ଚିବା ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ସହିତ ତାଙ୍କ ସମସ୍ୟା କୁ ପ୍ରଶାସନିକ ସ୍ତରରେ ପହଞ୍ଚାଇବା ସେ ଦିଗରେ ମଧ ବିଶେଷ ଧ୍ୟାନ ଦେବା ପାଇଁ ସମସ୍ତଙ୍କୁ କହିଥିଲେ।

# ବାଲି ପରିବହନ ପାଇଁ ରାସ୍ତାରେ ଯାଇପାରୁ ନାହାନ୍ତି ଗ୍ରାମବାସୀ

ହାଟଡିହି, ୩୦/୦୫(ମହାଭାରତ): ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଥିଲା ହାଟଡିହି ବ୍ଲକର ବନ୍ୟା ଅଞ୍ଚଳ କୁହାଯାଉଥିବା ଡଅଁର, ସାଳନିଆ, ଗେଡମା, ଆଇତିପୂର୍ ହାବଳେଶ୍ୱର ପଞ୍ଚାୟତ ର ନିତିଦିନିଆ ଜୀବନ ରାସ୍ତା କୁହାଯାଉଥିବା ସାଳନିଆ - ବଳିପରୁ ମୁଖ୍ୟ ରାସ୍ତାରେ। ଗାଁ ଲୋକ ଙ୍କ କହିବା କଥା ସରକାର ବାଲି ଘାଟ ଦେଲେ ନିଲାମ ହେଲେ ରାସ୍ତାରେ କାମ କରିବାକୁ କହିଲେ ମାଡ ମାରିବା ପାଇଁ ଗୁଣ୍ଡା ଆସୁଛନ୍ତି। ମନ ଇଚ୍ଛା ବାଲି ବୋହି ରାସ୍ତା କୁ ଆଣ୍ଠୁଏ ଲେଖାଏଁ ଗାଡ଼ କରି ଦେଉଛନ୍ତି। କେବଳ ବଡ ହାଇଓ୍ୱା ଛଡା ଚାଲି। ଯିବା ଅସମ୍ଭବ। ଆଉ କହିବା ପରେ। ସେହି ଗାଡ଼ ରେ ବାଲି ପୁରାଇ ଭର୍ତ୍ତି କରିଛନ୍ତି। ଏଭଳି ରାସ୍ତା କୁ



ଅଧିକାରୀ ଆସୁ ନାହାନ୍ତି କି ଦେଖୁବି ନାହାନ୍ତି ।ରାସ୍ତା ଅସୁବିଧା କଥା କହିଲେ ସେପଟେ ମୋଟା ଅଙ୍କର ନେଇ ହେଉଛନ୍ତି ଶସ୍ତା ହୋଇଯାଉଛନ୍ତି। ଏଭଳି କିଛି କଥା କହି ପ୍ରଶାସନ କୁ ଦୋଷୀ କରିଥିବା ବେଳେ କାହିଁକି ଗ୍ରାମାଞ୍ଚଳ ରାସ୍ତାର କ୍ଷମତା ଠାରୁ ଅଧିକ ଓଜନ ର ବାଲି ପରିବହନ ହେଉଛି ଏହି ରାସ୍ତା ରେ କେତେ କ୍ଷମତା ରହିଛି ତାକୁ କେହି ଦେଖୁ ନାହାନ୍ତି। ଏପରି ବେୟାଇନି ବାଲି ପରିବହନ ରୋକ ଲାଗୁନି। ଏଗ୍ରିମେଣ୍ଟ ରେ ନିୟମ ଗୋଟାଏ ବାଲି ନେଲା ବେଳେ ନିୟମ ଗୋଟାଏ। ସତ କେବଳ କାଗଜ ରେ, ମିଛ ବାଲି ଘାଟ ରେ, ସରକାରୀ ଭାବେ ପ୍ରତିଦିନ ଦୁଇଖଣ୍ଡ ଟ୍ରକ ବାସ୍ତବିକ ରେ ଶହ ରୁ ଅଧିକ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏଭଳି ଲୁଟ ପାଇଁ ନେଲେ ପଦକ୍ଷେପ, କିନ୍ତୁ ତାହା ରହିଗଲା ଚୁପଚାପ। ଏଭଳି ସ୍ଥିତି ରେ ରାସ୍ତାରେ ଚାରି ଫୁଟ ଲେଖାଏଁ ଗାଡ଼ ହୋଇ ଯାଉଥିବାରୁ ଝିଅ ବାହା ଦେଇ ଆସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ପରିବାର ଲୋକେ।

## ବାଆଦି ଠାକୁରଙ୍କ ତେଲ ହଳଦୀ ଯାତ୍ରା ପ୍ରସ୍ତୁତି ବୈଠକ




କୋକସରା, ୩୦/୦୫(ମହାଭାରତ): କୋକସରା ବ୍ଲକ ବଡପୋଡାଗୁଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡା ବାଆଦି ଠାକୁରଙ୍କ ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ରବିବାର ଦିନ ହେବାକୁ ଥିବା ବାଆଦି ଠାକୁରଙ୍କ ତେଲ ହଳଦୀ ଯାତ୍ରା କୁ ନେଇ ଦାବ୍ରିଗୁଡା ଓ ସର୍ଗିଗୁଡା ଉଭୟ ଗ୍ରାମ ମଧ୍ୟରେ ସାଧାରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଦେବା ଦେବୀଙ୍କ ସ୍ଥାନ ବିଶେଷ ଭାବରେ ସ୍ୱତନ୍ତ୍ରତା ରହିଥିବାବେଳେ ପୁର୍ବ ପୁରୁଷା ଧରି ଏହି ଯାତ୍ରା କୁ ପ୍ରତ୍ୟେକ ବର୍ଷ ଅଞ୍ଚଳବାସୀ ବିଭିନ୍ନ ଅଭାବ ଅନାଟନରେ ମଧ୍ୟ ଧୁମଧାମ ସହ ପୂଜା କାର୍ଯ୍ୟ ବଜାଇ ରଖିଛନ୍ତି ।ଅଞ୍ଚଳର ଲୋକମାନଙ୍କ କହିବା ଅନୁସାରେ ପୂର୍ବରୁ ବୈଶାଖ ମାସ ତୃତୀୟା ଆରମ୍ଭ ଠାରୁ ୧୨ଟି ରବିବାର ଗଲାପରେ ଏହି ତେଲ ହଳଦି ଯାତ୍ରା ସମ୍ପାପନ କରାଯାଉଥିଲା। କାଳକ୍ରମେ ଏହା ବୈଶାଖ ମାସ ତୃତୀୟା ଠାରୁ ସପ୍ତମ ରବିବାରରେ ଏହି ତେଲ ହଳଦି ଯାତ୍ରା ସମ୍ପାପନ କରାଯାଉଛି। ଏହି ଯାତ୍ରା ପାଳନ କଲେ ଚାଷ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଭଲ ବର୍ଷା ହେବା ସହିତ ଆଗାମୀ ଋତୁରେ ଭଲ ଚାଷ ଓ ଅଞ୍ଚଳର ସମସ୍ତେ ସୁଖ ଶାନ୍ତିରେ ରୁହନ୍ତି ବୋଲି ବିଶ୍ୱାସ ରହିଛି। ଉକ୍ତ ବୈଠକ ଟି ଗ୍ରାମର ଉଦ୍ଧବ ନାଏକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି ବୈଠକରେ ଉଭୟ ଗ୍ରାମର ଲୋକେ ବାଆଦି ଠାକୁରଙ୍କ ତେଲ ହଳଦୀ ଯାତ୍ରା ପୂଜାବିଧି ଏବଂ ଜାଗର ବାବଦରେ ପୂଙ୍ଖା ନୁ ପୁଙ୍ଖା ଭାବରେ ଆଲୋଚନା ହୋଇଥିଲା । ବାଆଦି ଠାକୁରଙ୍କ ନୂତନ ପୂଜା କମିଟି ଗଠନ କରାଯାଇଥିଲା ପୂଜା କମିଟି ସଭାପତି ଧନବଳ ମାଝୀ, ଉପ ସଭାପତି ପରୀକ୍ଷିତ ବେଶ୍ରା, ସମ୍ପାଦକ ଭୁଜବଳ ବାଗ,ନିରନ ଦିଶାରୀ, କୃତ୍ତି ବାସ ମାଝୀ,ଶିବମାଝୀ,ରତନ ଦିଶାରୀ,ଭୋଦେବ ବାଣୁଆ ପରିଶେଷରେ ଋଷି ମଣି ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ତିନି ମାସ ମଧ୍ୟରେ ଓଡ଼ଗାଁ ଏନ୍ଏସି ନିର୍ବାଚନ

ଓଡ଼ଗାଁ, ୩୦/୦୫(ମହାଭାରତ): ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଆସନ୍ତା ତିନି ମାସ ମଧ୍ୟରେ ଓଡ଼ଗାଁ ଏନ୍ଏସି ନିର୍ବାଚନ କରିବାକୁ ବାଟ ଫିଟିଛି। ଏନେଇ ଆସନ୍ତା ସପ୍ତାହରେ ଆଚରଣବିଧି ଲାଗିପାରେ ବୋଲି ଏନ୍ଏସି ପକ୍ଷରୁ କୁହାଯାଇଛି। ଓଡ଼ଗାଁ ଏନ୍ଏସି ଘୋଷଣାକୁ ଆଠ ବର୍ଷ ବିତିବାକୁ ବସିଥିବା ବେଳେ ନିର୍ବାଚନରେ ଅଙ୍କୁଶ ଲାଗିଥିଲା। ଓ୍ୱାର୍ଡ଼ ପରିବର୍ଦ୍ଧିତକୁ ନେଇ ଓଡ଼ଗାଁ ଏନ୍ଏସିର ନବ କିଶୋର ପାଣିଗ୍ରାହୀ ହାଇକୋର୍ଟରେ ଏକ ପିଟିସନ ଦାଖଲ କରିଥିଲେ। ଚାହୁଁ ଚାହୁଁ ଆଠ ବର୍ଷ ବିତି ଯାଇଥିଲେ ମଧ ଏଥିରେ କେହି ହସ୍ତକ୍ଷେପ କରିନଥିଲେ। ହାଇକୋର୍ଟରୁ ମାମଲା ଉଠିବା ପରେ ଏନ୍ଏସି ନିର୍ବାଚନ କରିବାକୁ ସ୍ଥିର ହୋଇଛି। ଓଡ଼ଗାଁର ୧୫ଟି ଓ୍ୱାର୍ଡର ପାଖାପାଖି ୧୦ ହଜାରରୁ ଉର୍ଦ୍ଧ୍ୱ ଭୋଟର ଏହି ନିର୍ବାଚନରେ ଭାଗ ନେବେ। ଏଥିପାଇଁ ସବୁ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଥର ଏନ୍ଏସି ନିର୍ବାଚନ ପାଇଁ ଜନ ପ୍ରତିନିଧି ମାନେ ନିଜ ନିଜ ଭିତରେ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଗତ ଆଠ ବର୍ଷ ମଧ୍ୟରେ ଓଡ଼ଗାଁ ଏନ୍ଏସି ର ବିକାଶ ଘଟିଛି ସତ କିନ୍ତୁ ଲୋକ ପ୍ରତିନିଧି ନଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିଲା। କୌଣସି ସମସ୍ୟା ନେଇ ଏନ୍ଏସିକୁ ଗଲେ ତାହା ସମାଧାନ ହେଉନଥିବାରୁ ଲୋକ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିଲା। ଏହାକୁ ନେଇ ବାରମ୍ବାର ଏନ୍ ?ଏସି ନିର୍ବାଚନ ପାଇଁ ଦାବି ଉଠିଥିଲା। ଏହି ଖବର ବାରମ୍ବାର ବିଭିନ୍ନ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ନିର୍ବାଚନ କମିସନର ଘଟଣାରେ ହସ୍ତକ୍ଷେପ କରି ନିର୍ବାଚନ କରିବାକୁ ତତ୍ପରତା ପ୍ରକାଶ କରିଛନ୍ତି। ଏହାପରେ ଜିଲ୍ଲାପାଳ ସମସ୍ତ ୧୫ଟି ଓ୍ୱାର୍ଡର ତାଲିକା ପସ୍ତୁତ କରିଛନ୍ତି। କିଏ କେଉଁ ଓ୍ୱାର୍ଡ ରୁ ପ୍ରତିଦ୍ୱନ୍ଦିତା କରିବେ ତାକୁ ନେଇ ନେତାଙ୍କ ମଧ୍ୟରେ ମାନସମନ୍ଥନ ଆରମ୍ଭହୋଇଛି। ଆସନ୍ତା ମାସରେ ଭୋଟର ତାଲିକା ପ୍ରକାଶ ପାଇବାକୁ ଯାଉଥିବା ଓ ତିନି ମାସ ଭିତରେ ନିର୍ବାଚନ ହୋଇପାରେ ବୋଲି ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ କହିଛନ୍ତି।

## ମାଳିଯୁବାଙ୍ଗ ପଞ୍ଚାୟତ ଏଡିଇଓ ମନରେଗା ଓ ବିଭିନ୍ନ କାର୍ଯ୍ୟରେ ଟଙ୍କା ଆଦାୟକୁ ନେଇ ପଞ୍ଚାୟତବାସୀ ବିଡ଼ିଓଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ

ଲାଞ୍ଜିଗଡ, ୩୦/୦୫(ମହାଭାରତ): ମନରେଗା ଯୋଜନା ନାଁ ରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଦୁର୍ଗମ ଅଞ୍ଚଳରେ ଏହି ଯୋଜନାରେ ଆସୁଥିବା ଲକ୍ଷ ଲକ୍ଷ ଅନୁଦାନ ରାଶିକୁ ଚତୁରତାର ସହ ହେରଫେର କରାଯାଉଛି । କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧୁଷିତ ଲାଞ୍ଜିଗଡ ବ୍ଲକରେ ୨୬ ଗୋଟି ପଞ୍ଚାୟତର ବିଭିନ୍ନ ଗାଁ ମାନଙ୍କରେ ମନରେଗା ଯୋଜନାରେ ବିଭିନ୍ନ ପ୍ରକାରର କାମ ଚାଲିଛି ।ହେଲେ ଏହି କାମରେ ଲୋକଙ୍କ ସରଳତା ଦେଖି ପଞ୍ଚାୟତ ଦାଇତ୍ୱରେ ଥିବା ଏଡିଇଓ ଓ ଗାଁ ଦାଇତ୍ୱରେ ଥିବା ଗାଁ ସାଥି ମିଳିମିଶି ମିଥ୍ୟା ବିଲ୍ ଦର୍ଶାୟୀ ଅତି ଚତୁରତା ସହିତ ଲକ୍ଷାଧିକ ଟଙ୍କା ହରିଲୁଟ କରୁଥିବା ଦୃଶ୍ୟମାନ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି ।ଏଭଳି ଏକ ସଙ୍ଗୀନ ଅଭିଯୋଗ ନେଇ ଲାଞ୍ଜିଗଡ ବ୍ଲକ ମାଳିଯୁବାଙ୍ଗ ପଞ୍ଚାୟତବାସୀ ପଞ୍ଚାୟତର ଏଡିଇଓ ଗିରିଧାରୀ କାଣ୍ଡଙ୍କ ବିରୁଦ୍ଧରେ କାର୍ଯ୍ୟରେ ଅବହେଳା, ମନମାନି ଓ ବିଶୃଙ୍ଖଳା ସୃଷ୍ଟି କରୁଥିବା ନେଇ ବିଡ଼ିଓ ଶଶାଙ୍କ ପାତ୍ରଙ୍କ ଜରିଆରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।ଅଭିଯୋଗ ଅନୁସାରେ ଏଡ଼ିଇଓ ଶ୍ରୀ କାଣ୍ଡ ମନରେଗା ଓ ଅନ୍ୟାନ୍ୟ କାର୍ଯ୍ୟର ଅନିୟମିତତା ଖର୍ଚ୍ଚ ଓ କାର୍ଯ୍ୟ ଠିକ୍ ରୂପରେ ତୁଲାଉ ନ ଥିବା ସହିତ ଦୈନିକ ମଜୁରୀ ଦେବାର ହଇରାଣ କରିବା ସହ ଗ୍ରାମପଞ୍ଚାତରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ।ସରପଞ୍ଚଙ୍କ ଅଜାଣତରେ କାମ ହୋଇନଥିବା ସ୍ଥାନର ମାଷ୍ଟରରୋଲ ଅନଲାଇନରେ କରିବା ସହିତ ଗାଁ ସାଥି (ମେଟ୍)ଙ୍କ ସହିତ ଯୋଗାଯୋଗ ନକରି ଡିମାଣ୍ଡ ର ଅବହେଳା ଓ ପେମେଣ୍ଟର ଅବହେଳା କରୁଛନ୍ତି ।ଏହି ବ୍ୟତୀତ ଡିମାଣ୍ଡ ଓ ପେମେଣ୍ଟ ସମୟରେ ମେଟ୍ ମାନଙ୍କୁ ଲାଞ୍ଚ ମାଗିବା ସହ ମେଟ ବିରୋଧ କଲେ ଡିମାଣ୍ଡ କିମ୍ବା ପେମେଣ୍ଟ କରୁନାହାଁନ୍ତି ।ସେହିପରି କାର୍ଯ୍ୟର ଜିଓଟେଗ୍, କେସ୍ ରେକର୍ଡ ଖୋଲିବା କାର୍ଯ୍ୟ ଏଲାଓ କରିବା, ଇଏମ୍ବି ଏଣ୍ଟ୍ରି କରିବା ପାଇଁ ବ୍ଲକର ଏପିଓ ଓ ଏଇଇ ସାର ପଇସା ମାଗୁଥିବା କହି ସମସ୍ତ ମେଟ୍ ମାନଙ୍କୁ ପଇସା ମାଗୁଛନ୍ତି। ଯାହା ଫଳରେ ମେଟ୍ ମାନେ ନିଜ ଫୋନ ପେ ମାଧ୍ୟମରେ ଏଡ଼ିଇଓଙ୍କୁ ପଇସା ପଠେଇ ଥିବା ଅଭିଯୋଗ ଆଣିଛନ୍ତି ।କାର୍ଯ୍ୟ ହୋଇ ନ ଥିବା କାର୍ଯ୍ୟର ମେଟେରିଆଲ୍ ଟଙ୍କା ବିଭିନ୍ନ କାର୍ଯ୍ୟର ନିଜ ସମ୍ପର୍କୀୟ ଭେଣ୍ଡରରେ ଅନ୍ ଲାଇନ୍ କରି ନେବା ସହ ଓ୍ୱାର୍କ କୋଡ଼ ନଂ.- ୧୦୬୨୦୧୩୮ କାର୍ଯ୍ୟର ନାମ- ସିସି କେନାଲ ନିର୍ମାଣ ସୁନାଖଡ଼ିକା ଓ ଦୁର୍ଲାବଣ୍ଡେଲ୍ ଠାରୁ ସାକେଶ କୁଣ୍ଡୁରୁ ରାସ୍ତା ନିର୍ମାଣ- ଓ୍ୱାର୍କ କୋଡ଼ ନଂ.- ୧୦୬୦୨୯୯୦୮ ଏହାର ପ୍ରମାଣ ରହିଛି ବୋଲି ଅଭିଯୋଗ ହୋଇଛି। ଏହା ବ୍ୟତୀତ ପିଏମ୍ ଜନମନ ଗୃହର ମାହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନାରେ ୯୫ ମେଣ୍ଡେଜ୍ ଡିମାଣ୍ଡ କରିବା ପାଇଁ ପ୍ରତ୍ୟେକ ହିତାଧିକାରୀଙ୍କ ଠାରୁ ୩,୦୦୦ ଟଙ୍କା ଲେଖାଏଁ ମାଗୁଛନ୍ତି । ଯଦି ନ ଦିଅନ୍ତି ତେବେ ଡିମାଣ୍ଡ କରିବି ନାହିଁ କହୁଛନ୍ତି ବୋଲି ମଧ ଅଭିଯୋଗ ହୋଇଛି। ସେ ଗ୍ରାମପଞ୍ଚାୟତକୁ ଠିକ୍ ସମୟରେ ଆସୁନଥିବା ବେଳେ ଗ୍ରାମପଞ୍ଚାୟତର ସମସ୍ତ ମେଟେରିଆଲ୍ କାର୍ଯ୍ୟ ମୁଁ ନିଜେ ଠିକାଦାର ହୋଇ କରିବି ବୋଲି ଏଡିଇଓ କହୁଥିବା ଅଭିଯୋଗ ଆଣିବା ସହ ମାଳିଯୁବାଙ୍ଗ ପଞ୍ଚାୟତ ସରପଞ୍ଚ ମମତା ମାଝୀଙ୍କ ନେତୃତ୍ୱରେ ପଞ୍ଚାୟତବାସୀ ଗତ ମଙ୍ଗଳବାର ଦିନ ଏଡିଇଓ ଶ୍ରୀ କାଣ୍ଡ ମନରେଗା ଓ ବିଭିନ୍ନ କାର୍ଯ୍ୟରେ ମନମାନି ଓ ଟଙ୍କା ଆଦାୟକୁ ନେଇ ତାଙ୍କ ବଦଳି ପାଇଁ ବିଡ଼ିଓ ଶ୍ରୀ ପାତ୍ରଙ୍କ ଜରିଆରେ କଳାହାଣ୍ଡି ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ କଳାହାଣ୍ଡି, ଲାଞ୍ଜିଗଡ ବିଧାୟକ ଓ କଳାହାଣ୍ଡି ସାଂସଦଙ୍କୁ ଲିଖିତ ଅଭିଯୋଗ କରିଛନ୍ତି ।ଏନେଇ ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ମାଳିଯୁବାଙ୍କ ସରପଞ୍ଚ ସମେତ ପଞ୍ଚାୟତବାସୀ ମୋତେ ଏନେଇ ଅଭିଯୋଗ କରିଥିଲେ ।ମୁଁ ବ୍ଲକ ଦାଇତ୍ୱ ରେ ଥିବା ଏପିଓ ସଞ୍ଜିତ ପରିଡା ଓ ଏଇଇ କ୍ଷୀରୋଦ ନାୟକଙ୍କୁ ତୁରନ୍ତ ଏହି ଘଟଣାର ତଦନ୍ତ କରିବାକୁ କହିଥିଲି ।କିନ୍ତୁ ଏପର୍ଯ୍ୟନ୍ତ ଏପିଓ କି ଏଇଇ ମୋତେ କୌଣସି ରିପୋର୍ଟ ଦେଇନାହାନ୍ତି। ରିପୋର୍ଟ ଆସିବା ପରେ ସତ୍ୟତା ଜଣା ପଡ଼ିବ ବୋଲି ପ୍ରକାଶ କରିଥିଲେ।

# କଳିଙ୍ଗନଗରରେ ଛାଇଗଲେଣି ବାଂଲାଦେଶୀ ରୋହୀଙ୍ଗିୟା ମୁସଲିମ, ଆଗକୁ ବିପଦ

ଦାନଗଦୀ, ୩୦/୦୫(ମହାଭାରତ): ଦିନକୁ ଦିନ ବାଂଲାଦେଶୀ ରୋହିଙ୍ଗିୟା ମୁସିଲିମ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଛାଇ ହୋଇ ଗଲେଣି, ଶିଳ୍ପାଞ୍ଚଳର କାମ କରିବା ସହ ପାର୍ଶ୍ୱବର୍ତ୍ତୀ ଗାଁ ଗୁଡିକରେ ନିଜର ବେପାର ବଢାଇବାରେ ଲାଗିଗଲେଣୀ ଏହି ଅନୁପ୍ରବେଶକାରୀ ମାନେ, ବାଂଲାଦେଶରେ ଏବେ ପରିସ୍ଥିତି ଭୟଙ୍କର ହିନ୍ଦୁ ମାନଙ୍କ ଉପରେ ଏକଥନୀୟ ଅତ୍ୟାଚାର ଧନ ଜୀବନ ନଷ୍ଟ କରୁଛନ୍ତି ଏହି ମୁସଲମାନମାନେ ମାନେ, ଓଡିଶାରେ ଦୀର୍ଘ ଦିନ ହେବ ଭୋଟ ବ୍ୟାଙ୍କ ବୃଦ୍ଧି କରିବା ଲୋଭରେ ନେତା ମାନଙ୍କର ଭୂଲ ପାଇଁ ଆଜି ସବୁଆଡେ ଭର୍ତି ହେଲାଣି ଏହି ମୁସଲମାନମାନେ, ଯାଜପୁର ଜିଲ୍ଲାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ ହେଲା କଳିଙ୍ଗନଗର ଶିଳ୍ପାଞ୍ଚଳ, ଦିନକୁ ଦିନ ବାହାରୁ ଆସୁଥିବା ଲୋକଙ୍କ ସଂଖ୍ୟା ଆଶାତିତ ଭାବେ ବୃଦ୍ଧି ପାଇବାରେ ଲାଗିଛି, କିନ୍ତୁ ଏହି ଅଞ୍ଚଳରେ ବାଂଲାଦେଶୀ ରୋହିଙ୍ଗା ଏତେ ସଂଖ୍ୟାରେ ବଢ଼ି ଗଲେଣି ଏସବୁ ଦେଖିଲେ ମନରେ ସ୍ୱତଃ ଆଶଙ୍କା ସୃଷ୍ଟି ହେଉଛି, ଗାଁ ଗଣ୍ଡା ରେ ଫେରିବାଲା ମାନେ ବାଇକ ପଛରେ ବିଭିନ୍ନ ପ୍ରକାର ଫେରି ଜିନିଷ ଧରି ବେପାର କରୁଛନ୍ତି, ବିଭିନ୍ନ ପ୍ରକାର ଡ୍ରେସ, ହରେକ ମାଲ, ବାସନକୁସନ, ପ୍ରସାଧାନ ସାମଗ୍ରୀ, ମୁଣ୍ଡ କେଶ, ପ୍ଲାଷ୍ଟିକ ଜିନିଷ, ଭଙ୍ଗାଲୁହା ସବୁ ବେପାରୀ ଏମାନେ, କଳିଙ୍ଗନଗର ରେ ଏମାନଙ୍କ ଅନୁପ୍ରବେଶ ପରେ ସ୍ଥାନୀୟ ବେପାରୀ ଚିନ୍ତାରେ, ସେମାନଙ୍କ ବେପାର କମିଗଲାଣି, କାରଣ ଏହି ରୋହିଙ୍ଗୀୟ ମାନେ ଗାଁ ର ଗଳିକନ୍ଦୀ ରେ ପଶି ଘରେ ଘରେ ବୁଲି ଜିନିଷ ବିକିଲେଣି, ପ୍ରଥମେ ସ୍ଥାନୀୟ ବେପାରୀ ଗୁରୁତ୍ୱ ଦେଉ ନ ଥିଲେ ଏବେ ଏହି ବାଂ ଲାଦେଶୀଙ୍କ ବେପାରୀଙ୍କ ସଂଖ୍ୟା ଏତେ ବଢ଼ି ଗଲାଣି ଯେ ସମସ୍ତେ ମୁଣ୍ଡରେ ହାତ ଦେଲେଣି, କଳିଙ୍ଗନଗର ଦିନକୁ ଦିନ ଏମାନଙ୍କ ସଂଖ୍ୟା ବଢୁଛି କାହିଁକି, କିଛି ଦିନ ରହିଲା ପରେ ସରକାରୀ ଜାଗା କିଣି ଘର ଏମାନେ କଲେଣି, ଆଉ କିଛି ଜାଗାରେ ଏମାନେ ଏକାଠି ହୋଇ ବସ୍ତି ତିଆରି କଲେଣି, ନେତା ମାନେ ଭୋଟ ଲୋଭରେ ଏମାନଂକୁ ସୁରକ୍ଷା ଦେବା ସହ ଏମାନଂକ ଆଧାର ଭୋଟର କରିଦେଉଛନ୍ତି, ସ୍ଥାନୀୟ ବ୍ୟବସାୟୀଙ୍କ ବେପାର କମାଇ ପଙ୍ଗୁ କରାଇବା ପାଇଁ ଏମାନଙ୍କର ଏକ ଜଘନ୍ୟ ଷଡଯନ୍ତ୍ର କଲେଣି, ଏକାଠି ହୋଇ ଧୀରେ ଧୀରେ ପ୍ରେସର କୁକର, ଗ୍ୟାସଚୁଲା, ଇଣ୍ଡକ୍ସନ ଚୁଲା ସହ ସହ କଳିଙ୍ଗନଗରରେ ଥିବା ସମସ୍ତ ଛକ ବଜାରରେ ଦୋକାନ କଲେଣି, କେବଳ ସେତିକି ନୁହେଁ କଳିଙ୍ଗନଗରରେ ଯେତିକି ଗୃହ ନିର୍ମାଣ ସହିତ ଅଟୋମୋବାଇଲ ବ୍ୟବସାୟରେ ପଶିଗଲେଣି ଏହି ବାଂଲାଦେଶୀ ମୁସଲମାନମାନେ, ସମସ୍ତେ ବଙ୍ଗଳାରେ କଥା ହେବା ସହ ଓଡ଼ିଆ ବୁଝିଲେଣି ଧୀରେ ଧୀରେ ଓଡ଼ିଆ କହିଲେଣି ମିଛ ଗ୍ୟାରେଣ୍ଟି ଦେଇ ଧୁମ ଲୁଟୁଛନ୍ତି ଓଡ଼ିଆଲୋକଙ୍କୁ, ସେମାନଙ୍କ ମୁଖ୍ୟ ଟାର୍ଗେଟ ଗାଁ ଗହଳିର ସରଳ ନିରହୀ ଲୋକଙ୍କ ଉପରେ, କାହା ଛତ୍ରଛାୟା ତଳେ କାହା ସାହାରେ ଏମାନେ କଳିଙ୍ଗନଗରକୁ କବ୍ଜା କରିବାକୁ ବସିଛନ୍ତି, କିଏ ଏମାନଙ୍କର ରିଙ୍ଗ ମାଷ୍ଟର, ଯାହା ଆଶଙ୍କା ହେଲାଣି ଯଦି ଜିଲ୍ଲା ପ୍ରଶାସନ ଏମାନଙ୍କ ଉପରେ ଅଙ୍କୁଶ ନ ଲଗାଏ କିସ୍ଥାନୀୟ ଲୋକ ସଚେତନ ନ ହୁଅନ୍ତି ତାହାଲେ ଆଉ କିଛି ବର୍ଷ ପରେ ଏମାନେ ଏକ ମିନି ବାଂଲାଦେଶ କରିଦେବେ କଳିଙ୍ଗନଗରକୁ,ଯଦି ବେଳ ଥାଉଁ ଥାଉଁ ଏହି ରୋହିଙ୍ଗା ମାନେ ସ୍ଥାୟୀ ବାସିନ୍ଦା ହେବା ପାଇଁ ଯେଉଁ ଯୋଜନା କରି ଚକର ଆରମ୍ଭ କରିଦେଇଛନ୍ତି ଏହାକୁ ରୋକା ନ ଯାଏ ତେବେ ନେଡି ଗୁଡ କହୁଣୀ କୁ ବୋହିଯିବ,କଳିଙ୍ଗନଗର ରେ ଯେପରି ସରକାରୀ ଜାଗା କୁ ଜବର ଦଖଲ କରାଯାଉଛି ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏଥିପ୍ରତି ସତର୍କ ଦୃଷ୍ଟି ଦେଉ ନାହାଁନ୍ତି, ତେଣୁ ଏହି ବାହାର ମୁସଲମାନ ମାନେ କଳିଙ୍ଗନଗର ରେ କିଛି ଜାଗାରେ ଚୋରା କବାଡି ବେପାର ଆରମ୍ଭ କରିବା ସହ ଗଞ୍ଜେଇ ବେପାର ମଧ୍ୟ କଲେଣି, ବାଂଲାଦେଶରେ ଯାହା ସବୁ ଘଟୁଛି ତାହା ଦେଖିବା ପରେ ସରକାର, ପ୍ରଶାସନ ଯଦି ଚୁପ ରୁହେ, ନିଦ ଏବେଠୁ ନ ଭାଙ୍ଗେ ତେବେ କଳିଙ୍ଗନଗରରେ ଆଗକୁ ଭୟଙ୍କର ପରିସ୍ଥିତି ଉପୁଜିବା ଆଶଙ୍କାକୁ କଦାପି ଏଡାଇ ଦିଆ ଯାଇ ନ ପାରେ

## ଓଡ଼ିଶା ଚାଷୀ ଆନ୍ଧ୍ର ବିହନ ପ୍ରତି ଆକୃଷ୍ଟ

ଗଜପତି, ୩୦/୦୫(ମହାଭାରତ): ଗଜପତି ଜିଲ୍ଲା ର ଚାଷୀ ଆନ୍ଧ୍ର ବିହନ ପ୍ରତି ଆକୃଷ୍ଟ ହୋଇଥିବାର ଦେଖିବାକୁ ମିଳିଛି। ଚାଷୀ ପୁଣି ଚଡା ଦରରେ କ୍ରୟ କରିଥାନ୍ତି। ବର୍ତ୍ତମାନ୍ ଖରିଫ ଋତୁ ରେ ଧାନ ଚାଷ କରିବା ସକାଶେ ଚାଷୀ ବିହନ ଆବଶ୍ୟକ ହୋଇଥିବାରୁ ଚାଷୀ ଆନ୍ଧ୍ର ବିହନ କ୍ରୟ କରୁ ଥିବାର ଦେଖିବାକୁ ମିଳିଛି। ଚାଷୀ ପୁଣି ଅଧିକ। ଦାମ ରେ କ୍ରୟ କରୁଛନ୍ତି । ସେମାନେ କହିବା କଥା ହେଲା ଏହି ବିହନ ଉତ୍କୃଷ୍ଟ ସଫା କେଳି, ବାଲୁଙ୍ଗା ନ ଥାଏ। ଓ ସବୁ ଧାନ ସତ ପ୍ରତିଶତ ଉଠି ଥାଏ। ଭ ଲ ଅମ୍ ଳ ହୋଇଥାଏ। ବୋଲି ପ୍ରକାଶ କରୁଛନ୍ତି ଚାଷୀ। ଓର୍ଡ଼ି ଶା ଚାଷୀ ସକାଶେ ରାଜ୍ୟ ସରକାର ରିହାତି ଦରରେ ଧାନ ବିହନ ଯୋଗାଇ ଦିଆ ଯାଉଛି ସମବାୟ ସମିତି, ଡିଲେର , ମାଧ୍ୟମରେ କିନ୍ତୁ ଚାଷୀ ଆନ୍ଧ୍ର ବିହନ ପ୍ରତି ଆକୃଷ୍ଟ କରୁଛନ୍ତି। ସରକାର ଚାଷୀ ଙ୍କ ପ୍ରତି ଚଳିତ ବର୍ଷ ଅଧିକ ଆଠ ସହ ଟଙ୍କ। ସହାୟତା ପ୍ରଦାନ କରାଗଲା ହେଲେ ମଧ ଚାଷୀ ଅନ୍ଦ୍ର ବିହନ ପ୍ରୀତି ରହୁଛି। ସହର ରେ ଡିଲର ମାନେ ଓ ପେସ୍ଟି ଶା ଇ ଡ ଦୋକାନ ମାନେ ମଧ ବିକ୍ରି ବଟା କରୁଛନ୍ତି । ଉପନ୍ତ ଅଞ୍ଚଳ ହୋଇଥିବାରୁ ଏହି ଭଳି ସମସ୍ୟା ସୃଷ୍ଟି ହଉ ଥିବାର କହୁ ଥିବା ବେଳେ ସରକାରୀ ବିହନ ରେ କେଳି, ବାଲୁଙ୍ଗା ନାଇସ। ରହୁଛି ବୋଲି ଚାଷୀ କୁଳ ଅଭି ଯୋଗ ହଉଛି। ସରକାର ଏଥି ପ୍ରତି ଦୃଷ୍ଟି ଦେଲେ ଚାଷୀ କୁଳ ଉପକୃତ ହେବେ ବୋଲି ଆଶା କର। ଯାଉଛି



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ଗୋଛପଡ଼ାରେ ମା ବରାଳ ଦେବୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ



କନ୍ଧମାଳ: (ମହାଭାରତ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡ଼ା ଠାରେ ମା ବାରାଳଦେବୀ ଙ୍କ ବାର୍ଷିକ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଛି। ପ୍ରଚଳିତ ପ୍ରଥା ଅନୁଯାୟୀ ଏହି ପୂଜାରେ ପାଟୋ ବୋଦା ଏକ ଗୋଟି ବଳୀ ଦେବାର ପରମ୍ପରା ରହିଛି। ଜେହେନୀଙ୍ଗିଆ ଓ ପେଟିଙ୍ଗିଆ ମୁଠାର ଗୁରୁତ୍ୱ ବହନ କରୁଥିବା ଏହି ପୂଜାରେ ପ୍ରାୟ ପାଞ୍ଚ ହଜାର ରୁ ଉର୍ଦ୍ଧ୍ବ ଭକ୍ତ ଓ ଶ୍ରଦ୍ଧାଳୁମାନେ ଆସି ଥାଆନ୍ତି। ଜନ ପ୍ରବାଦ ଅନୁସାରେ ବୌଦ୍ ରାଜା ଗନ୍ଧମାର୍ଦ୍ଦନ ଖେମୁଣ୍ଡି ରାଜ୍ୟ ଜୟ କରିବା ପାଇଁ କନ୍ଧମାଳ ର ପଚଶ ମୁଠାର ଲୋକ ମାନଙ୍କୁ ନେଇ ଯୁଦ୍ଧ କରି ବାକୁ ଯାଇ ଥିଲେ। ବାର ବର୍ଷ ପରଯ୍ୟନ୍ତ ଯୁଦ୍ଧ ରେ ଜୟ ନ କରି ବାରୁ ଗୁଟୁ, ମେଟୁ, ପେଟୁ ଓ ଜେନା ନାମକ କନ୍ଧ ଅଧିଆ ପଡିଥିଲେ ଓ ଦେବୀ ଏମାନଙ୍କୁ ପ୍ରସନ୍ତ ହୋଇ ବର ପ୍ରଦାନ କରି ଥିଲେ। ବୌଦ୍ଧ ରାଜା ଖେମୂଣ୍ଡି ରାଜ୍ୟ ଜୟ କରି ଦେବୀ ଙ୍କୁ ଆଣି ପ୍ରଥମ ଦିନ ରେ ବନ୍ଧଗଡ ରେ ରାତ୍ରୀ ଯାପନ କରିଥିଲେ। ସେହଦିନଠାରୁ ଜେହେନିଙ୍ଗିଆ ଓ ପେଟି ଙ୍ଗିଆ ମୁଠା ର ଲୋକେ ମା ବରାଳ ଦେବୀ ଓ ବାଉତି ଦେବୀ ଙ୍କୁ ପୂଜା କରି ଆସୁଛନ୍ତି।

## ସମସ୍ୟା ଘେରରେ ଜିଲ୍ଲା ମୁଖ୍ୟ କୃଷିଅଧିକାରୀ କାର୍ଯ୍ୟାଳୟ

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ଟି ସମସ୍ୟା ଘେରରେ ରହିଥିବା ଦେଖିବାକୁ ମିଳିଛି। ଏଠାରେ ସ୍ଥାୟୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନାହାନ୍ତି ଯଦି ପୋଷ୍ଟିଙ୍ଗ ହୁଏ ଦୁଇ ମାସ ନହେଲେ ଦୁଇ ଚରି ଦିନ ସକାଶେ ଜିଲ୍ଲାରେ ବିକାଶ କିପରି ହୋଇ ପାରିବ କେବଳ କାଗଜ କଲମରେ ଦାୟିତ୍ବ ଗ୍ରହଣରେ ସମୟ ଅତିବାହିତ ହୋଇଯାଇ ଥାଏ ଓ ସେମାନଙ୍କର ପେନସନ କାଗଚ ପତ୍ର କାମରେ କର୍ମ ଚରିଙ୍କ କାମ ତୟ ସାଙ୍ଗକୁ ଅଫିସ କାମ ଏହିଭଳି ସମୟ ଅତିବାହିତ ହୁଏ ।ଜିଲ୍ଲାରେ ଦୀର୍ଘ ବର୍ଷ ହେବ ସ୍ଥାୟୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ନିଯୁଚକ୍ତି ଦିଆ ଯାଉ ନାହିଁ ଯାହା ଫଳରେ ଜିଲ୍ଲାର ବିକାଶ କିପରି ହେବ ସହଜରେ ଅନୁମେୟ ବିଭାଗରରେ କିଛି କର୍ମଚରୀ ଦୀର୍ଘ ବର୍ଷ ହେଲା ବଦଳି ହେଉନାହିଁ। ପ୍ରୋମସନ ହେଲେ ମଧ ପୁଣି ଏଠାରେ କାର୍ଯ୍ୟରତ ହୋଇଥାନ୍ତି। ଯାହା ଫଳରେ ଜିଲ୍ଲାରେ ବିକାଶରେ ବାଧକ ହେଉ ଥିବାର ଅଭିଯୋଗ ହେଉଛି ।ସରକାର ନୂତନ ଭାବେ ଆସିଥିବା ବେଳେ ଚଷୀଙ୍କ ଉତ୍ତତି ସକାଶେ ସ୍ଥାୟୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସାଙ୍ଗକୁ ବହୁ ବର୍ଷ ହେବ କାର୍ଯ୍ୟ ରତ ଥିବା କର୍ମ ଚରୀଙ୍କୁ ବଦଳି କରି ନୂତନ କର୍ମଚରୀ ଅବସ୍ଥାପନ କରିଲେ ଚଷୀ କୁଳ ଉପକୃତ ହୋଇ ପାରିବେ।

## ତିଳିଚପଦର ଗାଁ ରେ ଫୁଟୁଛି ବ୍ଲାଷ୍ଟିଂ.. ପ୍ରଶାସନ ର ଦୃଷ୍ଟି ପାଇଁ ଦାବି



ବୌଦ୍ଧ (ମହାଭାରତ) ବୌଦ୍ଧ ଜିଲ୍ଲା ହରଭଙ୍ଗା ତହସିଲ ବାଇଶି ପଡା, ତିଳିଚପଦର ଗ୍ରାମରେ ଫୁଟୁଛି ବ୍ଲାଷ୍ଟି । ବ୍ଲାଷ୍ଟିଙ୍ଗ ରେ ଥରୁଛି ଗାଁ । ଫାଟୁଛି ଘରକାନ୍ଥ ଓ ଆଜବେଷ୍ଟ । ବ୍ଲାଷ୍ଟିଂ କୁ ନେଇ ଗ୍ରାମବାସୀ ଭୟଭୀତ ଥିବା ଜଣାପଡ଼ିଛି । ସୂଚନା ମତେ ତିଲିଚ ପଦର ଗ୍ରାମ ନିକଟରେ ଥିବା ପାହାଡ଼ ରୁ ଦୈନିକ ବେଆଇନ ବ୍ଲାଷ୍ଟି ହେବା ଯୋଗୁଁ ଛୋଟ ଛୋଟ ପଥର ଖଣ୍ଡ ଛିଟିକି ଗାଁ ମୁହାଁ ହେବା, ଏପରିକି ଅତ୍ୟଧିକ ଶବ୍ଦ ଯୋଗୁଁ ମୃଦୁ ଭୁକମ୍ପ ସୃଷ୍ଟି ହେବା ସହ ପକ୍କା ଘର କାନ୍ଥ ଫାଟିବା, ପଥର ଖଣ୍ଡ ଆସି ଘର ଉପରେ ପଡିବା ଯୋଗୁଁ ସ୍ଥାନୀୟ ଲୋକେ ଭୟଭୀତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଦୁଇଦିନ ତଳେ ବ୍ଲାଷ୍ଟି ଯୋଗୁଁ ଗ୍ରାମରେ ସନ୍ତୋଷ ମେହେର ଙ୍କ ଘର ଅଗଣା ରେ ବ୍ଲାଷ୍ଟି ପଥର ଖଣ୍ଡ ଗୁଡିକ ଆସି ପଡିବା ଏପରିକି ବାରମ୍ବାର ବ୍ଲାଷ୍ଟି ଯୋଗୁଁ ଘର କାନ୍ଥ ଫାଟି ଦୁର୍ବଳ ହେଉଥିବା ଖୋଦ ନିଜେ ଅଭିଯୋଗ ଆଣିଛନ୍ତି ସନ୍ତୋଷ । ଏନେଇ ସ୍ଥାନୀୟ ତହସିଲ ପ୍ରଶାସନ ହେଉ କି ମାଇନିଙ୍ଗ ବିଭାଗ ନିରବ ଦ୍ରଷ୍ଟା ସାଜିଥିବାରୁ ଦିନକୁ ଦିନକୁ ଦିନ ଅଞ୍ଚଳ ରେ କୁଆରିମାଲିକ ଙ୍କ ପାଦୁର୍ଭାବ ବଢୁଥିବା ବେଳେ ବିଭାଗୀୟ କତୃପକ୍ଷ ଓ ପଥର ମାଆଫି ଙ୍କ ମଧୁ ଚନ୍ଦ୍ରିକା ଯୋଗୁଁ ଏଭଳି ବେଆଇନ କାର୍ଯ୍ୟ ସକ୍ରିୟ ହେଉଥିବା ସାଧାରଣ ରେ ଅଭିଯୋଗ ହେଉଛି । ଏନେଇ ବିଭାଗୀୟ କତୃପକ୍ଷ ତଥା ଜିଲ୍ଲା ମାଇନିଙ୍ଗ ଅଧିକାରୀ ମନହୋର ମହନ୍ତ ଙ୍କୁ ପଚରିବାରୁ ଆମେ ଘଟଣା ଉପରେ ତଦନ୍ତ କରିବୁ ଯଦି କୌଣସି ବ୍ୟତିକ୍ରମ ଅନୁମାନ ହୁଏ ସମ୍ପୃକ୍ତ ପଥର କୁଆରି କୁ ବନ୍ଦ କରାଯିବ ବୋଲି କହିଥିଲେ ।

## ରଜ ମହୋତ୍ସବ ୨୦୨୫ ପାଇଁ ସାମ୍ବାଦିକ ସମ୍ମିଳନୀ

ବାଲିଅନ୍ତା : ( ମହାଭାରତ ) ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇବ୍ରହ୍ମପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ପ୍ରସିଧ ତନ୍ତ୍ରପୀଠ ହୀରାପୁର ଚଉଷଠି ଯୋଗିନୀ ମନ୍ଦିର ନିକଟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ୪ର୍ଥ ରଜ ମହୋତ୍ସବ ଜୁନ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଏନେଇ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ପରିଚଳନା ଟ୍ରଷ୍ଟି ଦୀନବନ୍ଧୁ ଭୋଇ ଅଧକ୍ଷତାରେ ବାଳକାଟି ସ୍ଥିତ ଶ୍ରୀ କନଭେକସନ କଲ୍ୟାଣ ମଣ୍ଡପରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ପ୍ରଦାନ କରିଛନ୍ତି । ଜୟଦେବ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ପରିବେଶ ଭିତ୍ତିକ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ଆନୁକୁଲ୍ୟରେ ଅନୁଷ୍ଠିତ ଉତ୍ସବର ଲକ୍ଷ୍ୟ ଚଷୀ ଭାଇ ତଥା ଓଡ଼ିଶାର ଗଣ ପର୍ବ, ଐତିହ୍ୟ , ପରମ୍ପରା , ଅସ୍ମିତା , କଳା , ସଂସ୍କୃତି , ପରିଚୟକୁ ଉଜ୍ଜୀବିତ ରଖିବା ସହିତ ଅଞ୍ଚଳରେ ଭାଇ ଚରା ସୃଷ୍ଟି କରିବା ଏବଂ, ଆମୋଦ ପ୍ରମୋଦ ଭିତରେ ପରିବେଶ ସଚେତନତାର ବାର୍ତ୍ତା ବାଣ୍ଟିବା ରାଜ୍ୟର ଅନେକ ବିଶିଷ୍ଟ ଖ୍ୟାତି ସଂପନ୍ତ ବ୍ୟକ୍ତିବିଶେଷମାନେ ଏହି ମହୋତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ତଦ୍ ସହିତ ରଙ୍ଗାରଙ୍ଗ ଉତ୍ସବର ପ୍ରଥମ ଦିବସରେ ବିଭିନ୍ତ ପ୍ରକାର ପ୍ରତିଯୋଗିତା କରାଯିବ । ଦିତୀୟ ଦିବସରେ ଓଡ଼ିଶୀ , ସମ୍ବଲପୁରୀ, ନୃତ୍ୟ ଦ୍ୱାରା ଦର୍ଶକଙ୍କ ମନ ମୋହିବେ ନେଇ ବ୍ୟବସ୍ଥା, ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଶ୍ରେଷ୍ଟ ସ୍ଥାନ ପାଇ ଥିବା ପ୍ରତିଯୋଗୀଙ୍କୁ ରଜର ରାଣୀ ଘୋଷଣା ସହିତ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯିବ । ଏହା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନୀତ କରାଯିବ ।

## ସରକାରୀ ଯୋଜନାରୁ ବଞ୍ଚିତ କୁଡୁମପଦର ଗ୍ରାମ

କୁନ୍ଦୁରା(ମହାଭାରତ) କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ କୁନ୍ଦୁରା ପଞ୍ଚାୟତ ର ଏକ ଅବିଚ୍ଛିଣ ଅଙ୍ଗ କୁଡୁମପଦର ଗ୍ରାମ ଯାହା କୁନ୍ଦୁରା ପଞ୍ଚାୟତ ର ୧୬ ନମ୍ବର ଓ୍ୱାର୍ଡ ରେ ଅନ୍ତର୍ଭୁକ୍ତ ଅଟେ। ଏହି ଗ୍ରାମ କୁ କୁନ୍ଦୁରା ବ୍ଲକ ତଥା କୁନ୍ଦୁରା ପଞ୍ଚାୟତ ଦ୍ୱାରା ସାବତ ପୁଅ ଭଳି ବ୍ୟବହାର କରାଯାଉଥିବା ନେଇ କୁଡୁମପଦର ଗ୍ରାମବାସୀ ଙ୍କୁ ନେଇ ୧୬ ନମ୍ବର ଓ୍ୱାର୍ଡ ର ଓ୍ୱାର୍ଡ ମେମ୍ବର ଘାସି ପରଜା ୨୯/୦୫ ଗୁରୁବାର ଅପରାହ୍ନ ସମୟରେ ଏକ ବୈଠକ କରିଥିଲେ। ବୈଠକ ରେ କୁଡୁମପଦର ଗ୍ରାମ ତଥା କୁନ୍ଦୁରା ବ୍ଲକ ରେ ପ୍ରତିଷ୍ଠିତ କିଛି ବ୍ୟକ୍ତି ଦୈତାରୀ ମଳିକ, ଭଗବାନ ମଳିକ,ପ୍ରକାଶ ମଳିକ, ରାଜେଶ ଗୁରୁ,ତୁଳାରାମ ବିଶୋଇ, ଲୁଲୁ ହରିଜନ, ସନ୍ତୁ ଦଳେଇ ଓ ଶିବ ପ୍ରସାଦ ନାୟକ ପ୍ରମୁଖ ବୈଠକ ରେ ଯୋଗ ଦେଇ ଆଲୋଚନା କରିଥିଲେ ।ଆଲୋଚନା ଶେଷରେ ଏକ ଦାବିପତ୍ର ଲେଖାଗଲା ଯେଉଁଥିରେ ଉଲ୍ଲେଖ କରାଯାଇଛି ଯେ - ତତ୍କାଳୀନ ବିଜେଡି ସରକାର ରହିଥିବା ସମୟରେ ଆମ ଓଡିଶା ନବୀନ ଓଡିଶା





ଯୋଜନରେ ପ୍ରତ୍ୟେକ ପଞ୍ଚାୟତ ପ୍ରତ୍ୟେକ ଗାଁ କୁ ବିଭିନ୍ନ ଉନ୍ନୟନ ମୁଳକ ଯୋଜନା ରେ ସାମିଲ କରାଯାଇଥିବା ବେଳେ କୁଡୁମପଦର ଗ୍ରାମକୁ ଦୀର୍ଘ ୧୦ ବର୍ଷ ହେବ ସମ୍ପୂର୍ଣ ଅଣଦେଖା କରାଯାଇଥିଲା । ବର୍ତ୍ତମାନ ବିଜେପି ସରକାର ଆସିଲା, ବିଜେପି ସରକାର ଙ୍କ ବିକଶିତ ଗାଁ ବିକଶିତ ଓଡିଶା ଯଜନା ରେ ପୂର୍ବ ସରକାର ଭଳି ପ୍ରତେକ ଗାଁ ଗାଁ କୁ ବିଭିନ୍ତ ଉନ୍ନୟନ ମୁଳକ କାର୍ଯ୍ୟ ବଣ୍ଟନ କରାଯାଉଛି କିନ୍ତୁ ପରୀତାପ ର ବିଷୟ କୁଡୁମପଦର ଗ୍ରାମ କୁ ସେସବୁ ରୁ ବାଦ ଦିଆଯାଉଛି । ଭାଗବତ ଟୁଙ୍ଗି ଓ ରାସ୍ତା ଫେବରବ୍ଲକ ପାଇଁ ଗ୍ରାମ ସଭା ଦ୍ୱାରା ସରପ□ ସମିତି ସଭ୍ୟ ଙ୍କ ସହ କୁନ୍ଦୁରା ବିଡ଼ିଓ ଙ୍କୁ ଲିଖିତ ଦାବୀ ଜଣାଇଥିଲୁ । ସବୁ ଗାଁ କୁ ବଣ୍ଟା ଗଲା କିନ୍ତୁ କୁଡୁମପଦର ଗ୍ରାମ ର ଭାଗରେ କିଛି ନାହିଁ । ଏଥି ପାଇଁ କୁନ୍ଦୁରା ବ୍ଲକ ପ୍ରଶାସନ ସହ ବିଜେପି କାର୍ଯ୍ୟକର୍ତ୍ତା ଙ୍କ କିଛିନା କିଛି ପାତର ଅନ୍ତର ନୀତି ସ୍ପଷ୍ଟ ବାରିହେଉଛି । ଆମେ ବାରମ୍ବାର ହାଇମେକ୍ସ ଲାଇଟ କୁଡୁମପଦର ଗ୍ରାମ କୁ ଦେବା ପାଇଁ ବର୍ତ୍ତମାନ ର ବିଧାୟକ ଙ୍କୁ ଅନୁରୋଧ କରିଥିଲୁ କିନ୍ତୁ ତାହା ବି ମିଳିଲା ନାହିଁ । ବର୍ତ୍ତମାନ ର ନିଷ୍ପତି ଅନୁସାରେ କୁନ୍ଦୁରା ବ୍ଲକ ପ୍ରଶାସନ କୁ ଏକ ଦାବିପତ୍ର ଦେବେ, କିଛିଦିନ ଏହାକୁ ସୁଧାରିବାକୁ ସମୟ ଦେବେ, ଯଦି କିଛି ସୁଫଳ ନମିଳେ ତେବେ କୁଡୁମପଦର ଗ୍ରାମର ପିଲା ବୁଢା ମହିଳା ଯୁବକ ସମସ୍ତେ ମିଶି ବ୍ଲକ ଘେରାଉ କରିବା ଏବଂ ଆନ୍ଦୋଳନ କରବା ପାଇଁ ଅଣ୍ଟା ଭିଡୁଥିବା ଉକ୍ତ ଦାବିପତ୍ର ରେ ଉଲ୍ଲେଖ କରାଯାଇଛି ।ବର୍ତ୍ତମାନ ଦେଖିବାକୁ ରହିଲା କୁଡୁମପଦର ଗ୍ରାମ ବାସୀ ନିଜର ମୌଳିକ ଅଧିକାର ପାଇଁ ଲଢେଇ ଜାରି ରଖିବେ ଏବଂ ଏହି ମୌଳିକ ଅଧିକାର କୁଡୁମପଦର ଗ୍ରାମବାସୀ କେବେ ପାଇବେ ।

## ବରଗାଁ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ କର୍ମଶାଳା ଅନୁଷ୍ଠିତ

ଆସିକା(ମହାଭାରତ)କୃଷି ଓ କୃଷକ ର ଉତ୍ତତି ଲାଗି ସରକାର ଙ୍କ ପକ୍ଷରୁ ଆରମ୍ଭ ହୋଇଛି ବିକଶିତ କୃଷି ସଂକଳ୍ପ ଅଭିଯାନ ଯୋଜନା । ଜଳବାୟୁ,ମାଟି,ପାଣି ଅନୁଯାୟୀ ଚଷୀ କେହୁଁ ଚଷ କଲେ ଲାଭବାନ ହେବେ ଏବଂ ଦୁଇପଇସା ଅଧିକ ଲାଭବା ପାଇବେ ତାହାକୁ ନେଇ ଏହି ରେ ଦିଆଯାଇଛି ଗୁରୁତ୍ୱ । ତେଣୁ ସରକାର ଙ୍କ ପକ୍ଷରୁ ଚଷ ବିଶେଷଜ୍ଞ ଏବଂ ବୈଜ୍ଞାନିକ ମାନଙ୍କୁ ନେଇ ଗ୍ରାମାଞ୍ଚଳ ମାନଙ୍କ ରେ କର୍ମଶାଳା ଆୟୋଜନ କରାଯାଇ ଚଷୀ ଙ୍କୁ ଲାଭ ଦାୟକ ଚଷ ଉପରେ ସଚେତନତା କରାଯାଉଛି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ବରଗାଁ ରାଧାକୃଷ୍ଣ କଲ୍ୟାଣ ମଣ୍ଡପ ଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଇଂଣ୍ଡିଆନ ଇଷ୍ଟିଚ୍ୟୁଟ ଅଫ ଓ୍ୱାଟର ମେନେଜମେ□ ର ବୈଜ୍ଞାନିକ ଡକ୍ଟର. ଭବାନୀ ଶତପଥୀ, ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ର ପ୍ରୋଗ୍ରାମ କୋଡିନେଟର ଡକ୍ଟର ସୁଶାନ୍ତ ଶତପଥୀ,ବୈଜ୍ଞାନିକ ଡକ୍ଟର ସନ୍ତୋଷ ସାମନ୍ତରାୟ, ଆସିକା ଏଡିଓ ପ୍ରମୋଦ ମହାପାତ୍ର, ଆସିକା ଉଦ୍ୟାନ କୃଷି ସହକାରୀ ଅଧିକାରୀ ଗୀତାଞ୍ଜଳି ସାହୁ, ଆସିକା କୃଷି





ଅଧିକାରୀ ବାସୁଦେବ ସାହୁ, ସହକାରୀ କୃଷି ଅଧିକାରୀ ସୁବ୍ରତ ମିଶ୍ର, ମତ୍ସ ବିଭାଗ ସହକାରୀ ଅଧିକାରୀ ଦୁର୍ଗା ମାଧବ ପ୍ରଧାନ, ଆତ୍ମା ଅଧକ୍ଷ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଚଷୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ, ବାପ କୁ ତୀର ମାଡ ଘଟଣା ରେ ଅଭିଯୁକ୍ତ କୋର୍ଟ ଚଲାଣ

କରଞ୍ଜିଆ, (ମହାଭାରତ)ନାବାଳିକା କୁ ଦୁଷ୍କର୍ମ ଉଦ୍ୟମ, ବାପ କୁ ତୀର ମାଡ ଘଟଣା ରେ ଅଭିଯୁକ୍ତ କୋର୍ଟ ଚଲାଣ ।ସମ୍ପର୍କୀୟ ମାମୁଁ ର ତୀର ମାଡରେ ଗତ ସୋମବାର ସନ୍ଧ୍ୟାରେ ଆହତ ହୋଇଥିବା ଭଣଜା ଘଟଣାରେ ଠାକୁରମୁଣ୍ଡା ଥାନା ପୋଲିସ ଅଭିଯୁକ୍ତକୁ ଗିରଫ କରି ଗୁରୁବାର କୋର୍ଟ ଚଲାଣ କରିଛି ।ଗିରଫ ଅଭିଯୁକ୍ତ ସମ୍ପର୍କୀୟ ମାମୁଁ ହେଲେ ହାତୀଗୋଡ଼ା ଗ୍ରାମର ରାଧାଶ୍ୟାମ ବାନ୍ଧିଆ ବୋଲି ଜଣାପଡ଼ିଛି ।ଆହତ ଯୁବକ ଜଣକ ହେଉଛନ୍ତି ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସେହି ଗ୍ରାମର ବିଶ୍ରା ବଦ୍ରା(୩୨) ।ଗତ ସୋମବାର ସନ୍ଧ୍ୟାରେ ତୀର ମାଡ ଘଟଣା ଘଟିଥିବା ବେଳେ ହାତରେ ତୀର ବିଦ୍ଧ ଅବସ୍ଥାରେ ମଙ୍ଗଳବାର ସକାଳେ ଯୁବକ ଜଣକୁ ପରିବାର ଲୋକେ ଆଣି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣା ରୁ ପ୍ରକାଶ ଯେ ତୀରମାଡ ରେ ଆହତ ବିଶ୍ରା ଙ୍କ ସମ୍ପର୍କୀୟ ମାମୁଁ



ରାଧାଶ୍ୟାମ ବାନ୍ଧିଆ (୬୪) ସାନ୍ଧ୍ୟ ବେଳେ ବିଶ୍ରା ଙ୍କ ୯ ବର୍ଷ ର ଝିଅ କୁ ଆମ୍ବ ଖାଇବାକୁ ଘରୁ ଡାକି ନେଇଥିଲେ ।ନାବାଳିକା ଙ୍କ ମା ସନ୍ଦେହ କରି ତାଙ୍କ ପଛେ ପଛେ ଯାଇ ଥିଲେ ।ସମ୍ପର୍କୀୟ ମାମୁଁ ତାଙ୍କ ନାବାଳିକା ଝିଅ ଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରୁ ଥିବା ଦେଖି ନା ବାଳିକା ଙ୍କ ମା ସମ୍ପର୍କୀୟ ମାମୁଁ ଙ୍କୁ ଘଟଣାସ୍ଥଳରେ ପିଟି ଥିଲେ ।ପରେ ସେଠାରୁ ନାବାଳିକା ଝିଅ କୁ ନେଇ ଘରକୁ ଫେରିଥିଲେ ।ମାଡ ଖାଇଥିବା ସମ୍ପର୍କୀୟ ମାମୁଁ ରାଧାଶ୍ୟାମ ନିଜ ଘରକୁ ଯାଇ ଧନୁ ଧରି ଆସି ନାବାଳିକା ଙ୍କ ବାପା ଙ୍କୁ ସଂଧାରେ ତୀର ମାରି ଥିଲେ ।ତୀର ଯାଇ ତାଙ୍କ ହାତରେ ବାଜିଥିଲା ।ତୀର ବିଦ୍ଧ ଅବସ୍ଥାରେ ବିଶ୍ରା ଭୟରେ ଘରେ ରାତିରେ ରହି ଥିଲେ ।ସକାଳେ ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ ।ପରେ ନା ବାଳିକା ଙ୍କ ମା ଠାକୁରମୁଣ୍ଡା ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଠାକୁରମୁଣ୍ଡା ଥାନାରେ ଝିଅ କୁ ବଳାତ୍କାର ଉଦ୍ୟମ ଅଭିଯୋଗ କରି ବା ସହ ସ୍ୱାମୀ କୁ ତୀର ମାଡ ର ଅଭିଯୋଗ କରିଥିଲେ। ତୀର ମାଡ କରିଥିବା ସମ୍ପର୍କୀୟ ମାମୁଁ ଫେରାର ହୋଇ ଯାଇଥିଲେ । ତେବେ ଗତକାଲି ସକାଳୁ ସକାଳୁ ଠାକୁରମୁଣ୍ଡା ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ ଅଚନକ ଚଢ଼ାଉ କରି ଅଭିଯୁକ୍ତ କୁ ତାଙ୍କ ଘରୁ ଗିରଫ କରିଥିଲେ। ଠାକୁରମୁଣ୍ଡା ଥାନା ପୋଲିସ କେଶ ନମ୍ବର ୫୦/୨୦୨୫ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚଲାଣ କରିଥିବା ଜଣାପଡିଛି ।

## ପାରାଦୀପ ପୌରାଧ୍ୟକ୍ଷଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହେଲେ +୨ ବିଜ୍ଞାନ ଛାତ୍ରୀ



ପାରାଦୀପ(ମହାଭାରତ): +୨ ବିଜ୍ଞାନ ପରୀକ୍ଷାରେ ୯୫% ନମ୍ବର ରଖିଥିବା ପାରାଦୀପ ଷଣ୍ଡକୁଦ ଅଞ୍ଚଳର ଛାତ୍ରୀ ମିତାଲି ବେହେରା ଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଦିନ ପାରାଦୀପ ପୌର ପ୍ରଶାସନ ଭବନରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ କୃତି ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ସହଯୋଗ ହାତ ବଢେଇବାକୁ ପ୍ରତିଶୃତି ଦେଲେ । ଏହି ଅବସରରେ ଅନ୍ୟମାନଙ୍କ ମଧରେ ପାରିଷଦ ଜଗନ୍ନାଥ ରାଓ ଙ୍କ ସମେତ ଛାତ୍ରୀ ଙ୍କ ଅବିଭାବକ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ତେବେ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ଙ୍କ କୃତି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ ଓ ପ୍ରେରଣା ଦେବା ଉଦ୍ଦେଶ୍ୟ ରେ ଏଭଳି ସମ୍ବର୍ଦ୍ଧନା କୁ ଅଭିଭାବକ ମହଲରେ ଉଚ୍ଚ ପ୍ରଶଂସା କରାଯାଇଛି ।

## ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଦଶପଲ୍ଲା,(ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଟାକରା ଗ୍ରାମପଞ୍ଚାୟତ ବୁଗୁଡା କଲେଜ ସମ୍ମୁଖରେ ଥିବା ବିଶ୍ରାମାଗାର ଗୃହରେ ଜଣେ ଅପରିଚିତ ବୃଦ୍ଧଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଛି ଯ ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମୃତ ବୃଦ୍ଧ ଙ୍କୁ ଦେଖିବା ସହିତ ପୋଲିସ କୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ ଦଶପଲ୍ଲା ପୋଲିସ ପହଞ୍ଚି ଶବକୁ ଜବତ କରିଥିଲେ। ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିବା ପରେ ଶବବ୍ୟବଚ୍ଛେଦ କରାଯାଇ ଥିଲା। ଘଟଣାପ୍ରକାଶ ଥାଉକି ଏହି ବୃଦ୍ଧ ବ୍ୟକ୍ତି ଜଣକ ଗତ କିଛିଦିନ ଧରି ଏହି ଅଂଚଳ ରୁ ମାଗିଯାଚି ଖାଇ ବିଶ୍ରାମାଗାର ଗୃହରେ ରହୁଥିଲେ।

## କନ୍ତାମିଲା ପଞ୍ଚାୟତରେ ଆମ ପୋଲିସ୍ ସମିତି କାର୍ଯ୍ୟକ୍ରମ



ହିନ୍ଦୋଳ(ମହାଭାରତ)ସାଧାରଣ ଲୋକ ପୋଲିସ ଥାନାକୁ ଯିବାକୁ ଭୟ କରୁଥିବା ,ବିଭିନ୍ନ ମାମଲା ନେଇ ସଚେତନ ନ ଥିବାବେଳେ ଉପଯୁକ୍ତ ନ୍ୟାୟ ପାଇବାରେ ବ୍ୟାଘାତ ସୃଷ୍ଟି ହୋଇ ଆସୁଥିବା ବେଳେ ସାଧାରଣ କିଭଳି ସଚେତନ ହେବେ ସେ ନେଇ ଆମ ପୋଲିସ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।ଏହି ପରିପ୍ରେକ୍ଷୀରେ ଆଜି ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅନ୍ତର୍ଗତ କନ୍ତାମିଲା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ଥାନା ଅଧିକାରିଣୀ ଚରୁଲତା ବେହେରାଙ୍କ ତତ୍ତ୍ୱାବଧାନରେ ଆମ ପୋଲିସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଲୋକେ ଭୟ ନ କରି ବିଭିନ୍ତ ହିଂସାର ଶିକାର, ଘରୋଇ ଉତ୍ପୀଡନ,ବିଭିନ୍ତ ପ୍ରକାର ବେଆଇନ୍ କାର୍ଯ୍ୟ ନେଇ ହଇରାଣ,ହରକତର ଶିକାର, ଅସାମାଜିକ କାର୍ଯ୍ୟ କଳାପ ର ଦମନ କରିବା ନିମନ୍ତେ ସାଧାରଣ ଓ ପୋଲିସ ମଧ୍ୟରେ ଉପଯୁକ୍ତ ସୁ ସମ୍ପର୍କ କିଭଳି କିଭଳି ରହିବ ଏବଂ ସାଧାରଣ ଲୋକ ମାନଙ୍କୁ କିଭଳି ଭାବରେ ଏହି ସୁରକ୍ଷା ଯୋଗାଇ ଦିଆଯିବ ଏହା ଉପରେ ଆଲୋଚନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ହିନ୍ଦୋଳ ଥାନା ଉପନିରିକ୍ଷକ ପ୍ରଦୀପ କୁମାର୍ ଶତପଥୀ , ସହକାରୀ ଉପ ନିରୀକ୍ଷକ ଯଶୋବନ୍ତ ପ୍ରଧାନ,ସରପଞ୍ଚ ସୁନନ୍ଦା ଅମାନ୍ତ,ଓ୍ୱାର୍ଡ ମେମ୍ବର ଚରଣ କୁମାର୍ ପ୍ରଧାନ,ମଙ୍ଗରାଜ ସାହୁଙ୍କ ସମେତ ଅନେକ ଗ୍ରାମବାସୀ ଯୋଗ ଦେଇଥିଲେ।

## ଗଜପତି ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ



ଗଜପତି(ମହାଭାରତ): ଗଜପତି ଜିଲ୍ଲାସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଆଧାର କାର୍ଡ ସମସ୍ତ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ ଜରୁରୀ ଅଟେ ।ଏହାକୁ ପ୍ରତ୍ୟେକ ୧୦ ବର୍ଷ ମଧରେ ଆଧାର ଅପଡେଟ୍ ହେବା ଆବଶ୍ୟକ , ତେଣୁ ଗଜପତି ଜିଲ୍ଲାରେ ବ୍ୟାପକ ସଚେତନତା ମାଧମରେ ଏହାକୁ ସଫଳ କରିବାକୁ ଜିଲ୍ଲାପାଳ କହିଥିଲେ। ଆଧାର କାର୍ଡ ବ୍ୟାଙ୍କ୍ ଆକାଉ□ ଖୋଲିବା, ରାସନ କାର୍ଡ, ଛାତ୍ର ବୃତ୍ତି ପାଇବା ଭଳି ବିଭିନ୍ନ ଗୁରୁତ୍ୱପୁର୍ଣ୍ଣ କାର୍ଯ୍ୟରେ ସହାୟକ ହେଉଛି । ତେଣୁ ସଚେତନତା ମାଧ୍ୟମରେ ଲୋକମାନଙ୍କୁ ଅବଗତ କରାଇବାକୁ ପରାମର୍ଶ ଦିଆଯାଇଛି। ଆଧାର କାର୍ଡ ପ୍ରାୟ ସମସ୍ତ ସରକାରୀ ଯୋଜନାର ଲାଭ ଉଟାଇପାରିବେ,ଗୋଟାଏ ରାଷ୍ଟ୍ର ଗୋଟିଏ ରାସନ୍ କାର୍ଡର ସୁବିଧା, ଋଣ ଆବେଦନ ବ୍ୟାଙ୍କ ଦ୍ୱାରା ଶୀଘ୍ର ପ୍ରକ୍ରିୟା କରଣ, ଇନକମ ଟ୍ୟାକ୍ସ ରିଟର୍ନିଙ୍ଗ ସହାୟତା ପାଇଁ ଆଧାର କାର୍ଡ ଅପଡେସନ ସହ ମୋବାଇଲ ସଂଯୋଗର ଆବଶ୍ୟକତା ରହିଛି ବୋଲି ସୂଚନା ଦିଆଯାଇଛି। ଅନଲାଇନ୍ ମାଧମରେ ବିନା ଶୁଳ୍କ ରେ ପୋର୍ଟାଲ ମାଧମରେ ଡକ୍ୟୁମେ□ ଅପଡେସନ୍ କରାଯାଇ ପାରିବ । ସେହିପରି ଜିଲ୍ଲାରେ ସମସ୍ତ ବ୍ଲକ୍ ଅଫିସ, ସିଡ଼ି ପିଓ ଅଫିସ , ବ୍ଲକ୍ ଅଫିସ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ୨୯ ଗୋଟି ଆଧାର ସେଣ୍ଟର୍ ସହାୟତାରେ ଜନସାଧାରଣ ନିଜର ଆଧାର କାର୍ଡ ଅପଡେସନ୍, ସଂଶୋଧନ ଇତ୍ୟାଦି କରିପାରିବେ ।ସେହିପରି ପୋଷ୍ଟ ଅଫିସ, ବିଭିଓ ବ୍ୟାଙ୍କ୍,ବ୍ଲକ ଅଫିସ୍ ମଧ ଆଧାର ଅପଡେସନ୍ କରାଯାଉଅଛ । ଜିଲ୍ଲାରେ ୦-୫ ବର୍ଷ ଶିଶୁ ମାନଙ୍କ ଆଧାର ଜେନେରେସନ କୁ ବୃଦ୍ଧି କରିବା ସହିତ ୫ରୁ ବର୍ଷ ଉର୍ଦ୍ଧ ବୟସ ବର୍ଗଙ୍କ ପାଇଁ ମଧ ଆଧାର ଅପଡେସନ୍ ଆବଶ୍ୟକତା ଅଛି ବୋଲି ବୈଠକରେ ସୂଚନା ଦିଆଯାଇଛି। ଆଧାର ତାଲିକା ଭୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକ୍, ଗ୍ରାମ ପଞ୍ଚାୟତ ସ୍ତରରେ କ୍ୟାମ୍ପ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। ଦଶ ବର୍ଷ ପୂର୍ବେ କରିଥିବା ଆଧାର କାର୍ଡ ଅପଡେଟ୍ କରିବା ଓ ମୋବାଇଲ୍ ନମ୍ବର ସଂଯୋଗ, ବାଇଓମେଟ୍ରିକ୍ ଡକ୍ୟୁମେଣ୍ଟ ଅପଡେଟ୍ ଆଦି ସମସ୍ତ ପ୍ରକ୍ରିୟା ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରାକ ଅଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ନାୟକ,ଲିଡ୍ ବ୍ୟାଙ୍କ ମ୍ୟାନେଜର ଶ୍ରୀ ମହେଶ୍ୱର ମଣ୍ଡଳ , ଜିଲ୍ଲା ଇ- ଗଭର୍ଣାନ୍ସ ପରିଚଳକ,ଶ୍ରୀ ଚିରେଞ୍ଜିବି ଦୋରା ଏବଂ ଆସିଷ୍ଟା□ ମ୍ୟାନେଜର,ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତ ଆଗରେ କାନ୍ଦିଲାଣି ପାକିସ୍ତାନ

ଇସଲାମବାଦ,୩୦।୫: ପାକିସ୍ତାନ ବିରୋଧରେ ଭାରତ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ କ୍ରୋଧିତ ଅଛନ୍ତି। ତାଜିକିସ୍ତାନରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେବା ସମୟରେ ଶେହବାଜ ସରିଫ ସିନ୍ଧୁ ଜଳ ଚୁକ୍ତିକୁ ଗାଜା ସଙ୍କଟ ସହିତ ତୁଳନା କରିଥିଲେ। ସେ କହିଥିଲେ ଯେ ଗାଜାରେ ଅସ୍ତ୍ର ବ୍ୟବହାର ଦ୍ୱାରା ହେଉଥିବା କ୍ଷତକୁ ବିଶ୍ୱ ଦେଖୁଛି। ଏହା ଦେଖାଯାଉଛି ଯେପରି ଗୋଟିଏ କ୍ଷତ ଯଥେଷ୍ଟ ନୁହେଁ। ଏବେ ଆମେ ପାଣିକୁ ଅସ୍ତ୍ର ଭାବରେ ବ୍ୟବହାର ହେଉଥିବାର ଦେଖୁଛୁ। ପାକିସ୍ତାନୀ ଖବରକାଗଜ ଡନର ରିପୋର୍ଟ ଅନୁଯାୟୀ, ଶାହବାଜ ସରିଫ କହିଛନ୍ତି ଯେ ଭାରତ ପାଣିକୁ ଅସ୍ତ୍ର ଭାବରେ ବ୍ୟବହାର କରୁଛି, କିନ୍ତୁ ପାକିସ୍ତାନ ଭାରତକୁ ସିନ୍ଧୁ ଜଳ ଚୁକ୍ତିନାମାରେ ରେଖା ଅତିକ୍ରମ କରିବାକୁ ଦେବ ନାହିଁ। ତାଜିକିସ୍ତାନର ରାଜଧାନୀ ଦୁଶାନବେରେ ହିମବାହ ସଂରକ୍ଷଣ ଉପରେ ଆୟୋଜିତ ଏକ ଅନ୍ତର୍ଜାତୀୟ ସମ୍ମିଳନୀରେ ଶାହବାଜ ସରିଫ ଏହି କଥା କହିଛନ୍ତି। ଶାହବାଜ ସରିଫ କହିଛନ୍ତି, "ସିନ୍ଧୁ ନଦୀ ଅବବାହିକାର ଜଳ ବଣ୍ଟନକୁ ନିୟନ୍ତ୍ରଣ କରୁଥିବା ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ ରଖିବା ପାଇଁ ଭାରତର ଏକପାଖିଆ ଏବଂ ବେଆଇନ ନିଷ୍ପତ୍ତି ଚିନ୍ତାଜନକ। ରାଜନୈତିକ ଲାଭ ପାଇଁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ବନ୍ଧକ କରାଯିବା ଉଚିତ୍ ନୁହେଁ। ପାକିସ୍ତାନ ଏହା ହେବାକୁ ଦେବ ନାହିଁ। ଆମେ କେବେ ବି ରେଖା ଅତିକ୍ରମ କରିବାକୁ ଦେବୁ ନାହିଁ।" ପ୍ରଧାନମନ୍ତ୍ରୀ ଶାହବାଜ କହିଛନ୍ତି, "ଆଜି ବିଶ୍ୱ ଗାଜାରେ ପାରମ୍ପରିକ ଅସ୍ତ୍ର ବ୍ୟବହାରର ନୂତନ ଚିହ୍ନ ସାମ୍ନା କରୁଛି, ଯାହା ଗଭୀର କ୍ଷତ ଛାଡିଛି। ଏବେ ପାଣି ବନ୍ଦ କରି ଆଉ ଏକ ବିପଦପୂର୍ଣ୍ଣ ଅସ୍ତ୍ର ବ୍ୟବହାର କରାଯାଉଛି।" ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ସ୍ଥଗିତ କରିବା ସମେତ ଅନେକ କଠୋର ନିଷ୍ପତ୍ତି ନେଇଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ତାଙ୍କ ସମ୍ପୂର୍ଣ୍ଣ ଭାଷଣରେ ଥରେ ମଧ୍ୟ ଉଲ୍ଲେଖ କରିନଥିଲେ ଯେ ଭାରତ ଏହି କଠୋର କାର୍ଯ୍ୟାନୁଷ୍ଠାନ କାହିଁକି ନେଲା। ସିନ୍ଧୁ ଜଳ ଚୁକ୍ତିନାମା ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ଐତିହାସିକ ଚୁକ୍ତିନାମା। ଏହା ୧୯୬୦ ମସିହାରେ ସ୍ୱାକ୍ଷରିତ ହୋଇଥିଲା। ଏଥିରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏବଂ ତତ୍କାଳୀନ ପାକିସ୍ତାନର ରାଷ୍ଟ୍ରପତି ଆୟୁବ ଖାନ ସସ୍ୱାକ୍ଷର କରିଥିଲେ। ଏଥିରେ ବିଶ୍ୱ ବ୍ୟାଙ୍କ ମଧ୍ୟସ୍ଥତାର ଭୂମିକା ଗ୍ରହଣ କରିଥିଲା। ଚୁକ୍ତିନାମାର ଉଦ୍ଦେଶ୍ୟ ଥିଲା ଦୁଇ ଦେଶ ମଧ୍ୟରେ ନଦୀର ଜଳ ବଣ୍ଟନ ପାଇଁ ସର୍ତ୍ତାବଳୀ ସ୍ଥିର କରି ବିବାଦର ଅନ୍ତ କରିବା। ସିନ୍ଧୁ ନଦୀ ପ୍ରଣାଳୀରେ ତିନୋଟି ପୂର୍ବ ନଦୀ ରବି, ବ୍ୟାସ, ସତଲେଜ ଏବଂ ତିନୋଟି ପଶ୍ଚିମ ନଦୀ ସିନ୍ଧୁ, ଝେଲମ, ଚେନାବ ସମେତ ମୋଟ ଛଅଟି ନଦୀ ଅନ୍ତର୍ଭୁକ୍ତ। ଏହି ଚୁକ୍ତିନାମା ଅନୁଯାୟୀ, ଭାରତକୁ ପୂର୍ବ ନଦୀଗୁଡ଼ିକର ନିୟନ୍ତ୍ରଣ ଏବଂ ବ୍ୟବହାର କରିବାର ଅଧିକାର ମିଳିଛି, ଯେତେବେଳେ ପାକିସ୍ତାନକୁ ପଶ୍ଚିମ ନଦୀଗୁଡ଼ିକର ନିୟନ୍ତ୍ରଣ ମିଳିଛି। ପାକିସ୍ତାନର ପ୍ରାୟ ୮୦ ପ୍ରତିଶତ କୃଷି ଜଳସେଚନ ସିନ୍ଧୁ ଜଳ ପ୍ରଣାଳୀ ଉପରେ ନିର୍ଭର କରେ। ଯଦି ଭାରତ ସିନ୍ଧୁ ଜଳ ଚୁକ୍ତିନାମାକୁ ବନ୍ଦ କରିଦିଏ, ତେବେ ପାକିସ୍ତାନରେ ସିନ୍ଧୁ ନଦୀ ପର୍ଯ୍ୟନ୍ତ ପାଣି ପହଞ୍ଚିପାରିବ ନାହିଁ, ଯାହା ଜଳ ସଙ୍କଟ ସୃଷ୍ଟି କରିବ ଏବଂ ଏହାର ସିଧାସଳଖ ପ୍ରଭାବ ସେଠାରେ କୃଷି ଉପରେ ପଡ଼ିବ।

## ବହୁଚର୍ଚ୍ଚିତ ଅଙ୍କିତା ଭଣ୍ଡାରୀ ହତ୍ୟାକାଣ୍ଡ ମାମଲା: ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କଲେ କୋର୍ଟ

ଉତ୍ତରାଖଣ୍ଡ : ଉତ୍ତରାଖଣ୍ଡର ବହୁଚର୍ଚ୍ଚିତ ହତ୍ୟାକାଣ୍ଡରେ ଅଙ୍କିତା ଭଣ୍ଡାରିଙ୍କୁ ମିଳିଲା ନ୍ୟାୟ । ଏହି ମାମଲାରେ କୋର୍ଟ ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ପୁଲକିତ ଆର୍ଯ୍ୟା, ସୌରଭ ଭାସ୍କର ଏବଂ ଅଙ୍କିତ ଗୁପ୍ତା ଘଟଣାରେ ସମ୍ପୃକ୍ତ ଘଟଣାରେ ଗିରଫ କରାଯାଇଥିଲା । ବର୍ତ୍ତମାନ ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି । ଶୁଣାଣି ସମୟରେ ସୁରକ୍ଷା ଦୃଷ୍ଟିରୁ କୋର୍ଟ ପରିସରର ୨ ଶହ ମିଟର ପରିଧିକୁ ସିଲ୍ କରିଥିଲା ପୋଲିସ । କେବଳ ଓକିଲ, ମାମଲା ସହିତ ଜଡିତ ପକ୍ଷ ଏବଂ ଆବଶ୍ୟକୀୟ କର୍ମଚାରୀଙ୍କୁ ଭିତରକୁ ଯିବାକୁ ଅନୁମତି ଦିଆଯାଇଥିଲା । ଅଞ୍ଚଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ପୁଲକିତ ଆର୍ଯ୍ୟଙ୍କ ବିରୁଦ୍ଧରେ ଓଟଓ ଧାରା ୩୦୨ (ହତ୍ୟା), ୨୦୧ (ପ୍ରମାଣ ନଷ୍ଟ), ୩୫୪ଇ (ଉତ୍ପୀଡ଼ନ) ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା । ମାମଲାର ତଦନ୍ତ ପାଇଁ ଏକ ଝଓଞ୍ଚ ଗଠନ କରାଯାଇଥିଲା । ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨୦୨୨ରେ ଋଷିକେଶ ନିକଟସ୍ଥ ବନତାରା ରିସର୍ଟରେ ରିସେପ୍ସନିଷ୍ଟ ଭାବରେ କାମ କରୁଥିବା ୧୯ ବର୍ଷୀୟା ଅଙ୍କିତାଙ୍କୁ ହତ୍ୟା କରାଯାଇଥିଲା । ରିସର୍ଟ ଅପରେଟର ପୁଲକିତ ଆର୍ଯ୍ୟ ତାଙ୍କର ଅନ୍ୟ ଦୁଇ କର୍ମଚାରୀଙ୍କ ସହିତ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ୧୮ ସେପ୍ଟେମ୍ବର ୨୦୨୨ରେ ହଠାତ୍ ନିଖୋଜ ହୋଇଯାଇଥିଲେ ଅଙ୍କିତା । ପାଞ୍ଚ ଦିନ ପରେ ୨୪ ସେପ୍ଟେମ୍ବରରେ, ଅଙ୍କିତାଙ୍କ ମୃତଦେହ ଋଷିକେଶ ନିକଟ ଚିଲ୍ଲା ନାଳରୁ ଉଦ୍ଧାର କରାଯାଇଥିଲା । ଅଙ୍କିତାଙ୍କୁ ରେପ୍ ପରେ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହେବା ପରେ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

# 'ଭାରତକୁ କେହି ଅଟକାଇ ପାରିବେ ନାହିଁ'





ନୂଆଦିଲ୍ଲୀ,୩୦।୫: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର (୩୦ ମେ' ୨୦୨୫) ପାକିସ୍ତାନକୁ ଟାର୍ଗେଟ କରି କହିଥିଲେ ଯେ ଏଥର ଯଦି ପାକିସ୍ତାନ କିଛି ଭୁଲ କରେ, ତେବେ ଆମେ ଆତଙ୍କବାଦ ବିରୁଦ୍ଧରେ ଏପରି ପଦ୍ଧତି ବ୍ୟବହାର କରିବୁ ଯାହା ଶତ୍ରୁ ଦେଶ ଚିନ୍ତା ମଧ୍ୟ କରିପାରିବ ନାହିଁ। ଏଥର ଯଦି ପାକିସ୍ତାନ କିଛି କରେ, ତେବେ ଆମର ନୌସେନା ଏହାର ଶୁଭାରମ୍ଭ କରିବ। ପ୍ରତିରକ୍ଷା ମନ୍ତ୍ରୀ ଗୋଆରେ କହିଥିଲେ, 'ଅପରେଶନ ସିନ୍ଦୂର ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଏହା କେବଳ ଏକ ବିରତି, ଏକ କମା ଏବଂ ଏକ ଚେତାବନୀ। ଯଦି ପାକିସ୍ତାନ ପୁଣି ଥରେ ସମାନ ଭୁଲ କରେ, ତେବେ ଭାରତର ଜବାବ ଆହୁରି କଠୋର ହେବ ଏବଂ ଏଥର ତାକୁ ପୁନର୍ବାର ସୁଧାରିବାର ସୁଯୋଗ ମଧ୍ୟ ମିଳିବ ନାହିଁ। ପାକିସ୍ତାନକୁ ଏହା ମନେ ରଖିବା ଉଚିତ ଯେ ଯଦି ଗୋଟିଏ ପଟେ ଆମର ନୌସେନା ସମୁଦ୍ର ପରି ଶାନ୍ତ, ତେବେ ଅନ୍ୟପଟେ ସମୁଦ୍ର ପରି ସୁନାମୀ ଆଣିବାର କ୍ଷମତା ରଖିଛି।' 'ଏଥର ନୌସେନା ଏହା ଉଦଘାଟନ କରିବ' ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, 'କଳ୍ପନା କରନ୍ତୁ ଯେ ଯେତେବେଳେ ଜଣେ ଦେଶର ସେନାକୁ ଚୁପ ରହି ମଧ୍ୟ 'ବୋତଲରେ ବନ୍ଦ' ରଖିପାରେ, ସେ କଥା କହିବ, ସେତେବେଳେ କ'ଣ ହେବ। ଏଥର ପାକିସ୍ତାନକୁ ଭାରତୀୟ ନୌସେନାର ଅଗ୍ନିଶକ୍ତିର ସାମ୍ନା କରିବାକୁ ପଡ଼ିନଥିଲା, କିନ୍ତୁ ବିଶ୍ୱ ଜାଣେ ଯେ ଯଦି ପାକିସ୍ତାନ ଏଥର କୌଣସି ଘୃଣ୍ୟ କାର୍ଯ୍ୟ କରେ, ତେବେ ସମ୍ଭବତଃ ଏଥର ଉଦଘାଟନ ଆମ ନୌସେନା ହାତରେ ହେବ।' ସେ ଆହୁରି କହିଛନ୍ତି, 'ପାକିସ୍ତାନକୁ ସ୍ପଷ୍ଟ ଭାବରେ ବୁଝିବା ଆବଶ୍ୟକ ଯେ ସ୍ୱାଧୀନତା ପରଠାରୁ ସେ ଖେଳୁଥିବା ଆତଙ୍କବାଦର ବିପଦପୂର୍ଣ୍ଣ ଖେଳର ସମୟ ସୀମା ଏବେ ଶେଷ ହୋଇଯାଇଛି। ଏବେ ଯେତେବେଳେ ପାକିସ୍ତାନ ଭାରତ ବିରୁଦ୍ଧରେ କୌଣସି ଆତଙ୍କବାଦୀ କାର୍ଯ୍ୟକୁ ଉସୁକାଇବ, ତାକୁ କେବଳ ଏହାର କ୍ଷତି ସହିବାକୁ ପଡ଼ିବ ନାହିଁ ବରଂ ପ୍ରତ୍ୟେକ ଥର ପରି, ତାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିବ।' ରାଜନାଥ ସିଂହ କହିଛନ୍ତି, 'ପାକିସ୍ତାନ ମାଟିରୁ ଖୋଲାଖୋଲି ଭାବରେ ଭାରତ ବିରୋଧୀ କାର୍ଯ୍ୟକଳାପ କରାଯାଉଛି। ଭାରତ ସୀମାର ଏହି ପାର୍ଶ୍ୱରେ ଏବଂ ସମୁଦ୍ରର ଅନ୍ୟ ପାର୍ଶ୍ୱରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଯେକୌଣସି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୂର୍ଣ୍ଣ ସ୍ୱାଧୀନ। ଆଜି ସମଗ୍ର ବିଶ୍ୱ ଆତଙ୍କବାଦ ବିରୁଦ୍ଧରେ ଭାରତର ନାଗରିକମାନଙ୍କୁ ସୁରକ୍ଷା ଦେବାର ଅଧିକାର ବିଷୟରେ ଜାଣେ। ଆଜି ବିଶ୍ୱର କୌଣସି ଶକ୍ତି ଭାରତକୁ ଏହି କାର୍ଯ୍ୟ କରିବାରୁ ଅଟକାଇ ପାରିବ ନାହିଁ।'

## ପୁଞ୍ଚରେ ପହଞ୍ଚି ଗୁରୁଦ୍ୱାରରେ ମୁଣ୍ଡିଆ ମାରିଲେ ଅମିତ ଶାହ



ଜମ୍ମୁ କଶ୍ମୀର : ଜମ୍ମୁ-କଶ୍ମୀର ଗସ୍ତରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ପୁଞ୍ଚରେ ପହଞ୍ଚିବା ପରେ ପାକିସ୍ତାନ ଆକ୍ରମଣରେ ପ୍ରଭାବିତ ଲୋକଙ୍କୁ ଭେଟିଛନ୍ତି । ଏଠାରେ ପାକିସ୍ତାନ ଉପରେ ବର୍ଷିଛନ୍ତି ଅମିତ ଶାହ । ସେ କହିଛନ୍ତି ଯେ, ପାକିସ୍ତାନ ନିରୀହ ଲୋକଙ୍କ ଉପରେ ଆକ୍ରମଣ କରିଥିଲା । ସାଧାରଣ ନାଗରିକ ଏବଂ ଧାର୍ମିକ ସ୍ଥାନ ଗୁଡିକୁ ଟାର୍ଗେଟ କରିଥିଲା । ଅପରେସନ ସିନ୍ଦୂର ପାକିସ୍ତାନକୁ ଉଚିତ ଜବାବ ଦେଇଛି । ଏହି ଅବସରରେ ଅମିତ ଶାହ ପୁଞ୍ଚ ସ୍ଥିତ ସିଂହସଭା ଗୁରୁଦ୍ୱାରକୁ ଯାଇ ପ୍ରଣାମ କରିଥିଲେ । ଏହି ଗୁରୁଦ୍ୱାର ପାକିସ୍ତାନ ପକ୍ଷରୁ ହୋଇଥିବା ଗୁଳିମାଡ଼ରେ ବେଶ୍ କ୍ଷତିଗ୍ରସ୍ତ ହୋଇଥିଲା । ଏହାପରେ ଗୀତା ଭବନ ମନ୍ଦିର ଯାଇଥିଲେ । ସେଠାରେ ପୂଜାର୍ଚ୍ଚନା କରିଥିଲେ । ଏହାସହିତ ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ଗୁଳିବର୍ଷାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ନିଯୁକ୍ତି ପତ୍ର ଦେଇଛନ୍ତି ଗୃହମନ୍ତ୍ରୀ । ଜମ୍ମୁ କାଶ୍ମୀର ସରକାର, କେନ୍ଦ୍ର ସରକାର ଏବଂ ଦେଶବାସୀଙ୍କ ଭାବନା ଆପଣଙ୍କ ସହିତ ଜଡିତ ହୋଇ ରହିଛି ବୋଲି ଅମିତ ଶାହ କହିଛନ୍ତି । ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଥିଲା । ଏହି ଅପରେସନ୍ ଅଧୀନରେ ଭାରତୀୟ ବାୟୁସେନା ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀର (ଚକ୍କ)ର ମୋଟ ୯ଟି ସ୍ଥାନରେ ଏୟାର ଷ୍ଟ୍ରାଇକ କରିଥିଲା । ଏହି ସମସ୍ତ ଆଡ୍ଡାଗୁଡ଼ିକ ଜୈଶ-ଏ-ମହମ୍ମଦ, ଲସ୍କର-ଏ-ତଇବା ଏବଂ ହିଜବୁଲ ମୁଜାହିଦ୍ଦିନ ଭଳି ଭାରତ ବିରୋଧୀ ଆତଙ୍କବାଦୀ ସଂଗଠନ ସହିତ ଜଡିତ ଥିଲା । ଏହି ଅପରେସନରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିଲେ ।

## ମଦ ଚୋରା ଚାଲାଣ ବେଳେ ଘୋଡ଼ାକୁ ଧରିଛି ପୋଲିସ୍

ବିହାର: ମଦ ଚୋରା ଚାଲାଣ ଅଭିଯୋଗରେ ଘୋଡା ଗିରଫ । ଥାନା ଆଗରେ ବନ୍ଧା ହୋଇଛି ଘୋଡ଼ା । ମଦ ଚୋରା ଚାଲାଣ ବେଳେ ଘୋଡ଼ାକୁ ଧରିଛି ପୋଲିସ୍ । ବିଚରା ଘୋଡ଼ା ବି ପୋଲିସ ହାବୁଡ଼ରୁ ନିଜକୁ ବଞ୍ଚାଇ ପାରିନି । ପୋଲିସ ହେପାଜତରେ ରହି କେବେ ମୁକୁଳିବ ଅନେଇ ବସିଛି । ଘଟଣାଟା ଅବିଶ୍ୱାସ ଲାଗୁଥିଲେ ବି ପୂରା ସତ । ଘଟଣାଟି ଘଟିଛି ବିହାରର ନୌତନ ଥାନା ଅଞ୍ଚଳରେ । ଏଠାରେ ମଦ ଚୋରା ଚାଲାଣରେ ଏକ ଘୋଡ଼ାକୁ ହେପାଜତରେ ରଖିଛି ପୋଲିସ । ବିହାରରେ ମଦକୁ ବନ୍ଦ କରାଯାଇଛି ସତ କିନ୍ତୁ ମଦ ଚୋରା ଚାଲାଣକୁ ସମ୍ପୂର୍ଣ୍ଣ ରୋକିବା ଏବେ ବି ପୋଲିସ୍ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି । ଚୋରା ଚାଲାଣକାରୀମାନେ ନୂଆ ନୂଆ ଉପାୟ ଆପଣାଇ ପୋଲିସକୁ ଚକମା ଦେଉଛନ୍ତି । କେତେବେଳେ ଟ୍ରକରେ ଲୁଚି ମଦ ନେଉଛନ୍ତି ତ କେତେବେଳେ ନଦୀ ରାସ୍ତାରେ ମଦ ଚୋରା ଚାଲାଣ କରୁଛନ୍ତି । କିଏ ଗ୍ୟାସ ଟାଙ୍କି ଭିତରେ ମଦ ପୁରାଇ ବିକ୍ରି କରୁଛି ତ କିଏ ଦୋକାନରେ ଲୁଚାଛପାରେ ମଦ ବିକୁଛି । କିନ୍ତୁ ଏଥର ମାମଲା ଟିକିଏ ଭିନ୍ନ ରହିଛି । ବିହାର ରାଜ୍ୟର ବେତିଆ ଜିଲ୍ଲା ନୌତାନ ଥାନା ଅଞ୍ଚଳରୁ ଏକ ଅଜବ ମାମଲା ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ୨୭ ତାରିଖର ଘଟଣା । କୌଣସି ସୂତ୍ରରୁ ମଦ ଚୋରା ଚାଲାଣ ହେଉଥିବା ଖବର ପାଇଥିଲା ପୋଲିସ୍ । ଚୋରା ମଦ ବ୍ୟବସାୟୀଙ୍କ ଉପରେ ନୌତନ ପୋଲିସ ଚଢାଉ କରିଥିଲା । କିନ୍ତୁ ପୋଲିସ ମଦ ବେପାରୀଙ୍କୁ ଧରିବ କଣ ଓଲଟା ଘୋଡା ଉପରେ ୫୦ ଲିଟର ଦେଶୀ ମଦ ଲଦା ହୋଇଥିବାରୁ ପୋଲିସ ଘୋଡାକୁ ଅଟକ ରଖିଛି । କାହିଁକି ନା ପୋଲିସକୁ ଚକମା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା ଅଭିଯୁକ୍ତ । ତେଣୁ ପୋଲିସ ଘୋଡାକୁ ଥାନାକୁ ନେଇ ଆସିଛି । ଏବେ ଚୋରା ଚାଲାଣକାରୀକୁ ଧରିବାକୁ ଉଦ୍ୟମ କରୁଛି ପୋଲିସ । ଘୋଡାର ଖାଇବା ପିଇବା ପାଇଁ ଥାନା ପକ୍ଷରୁ ବନ୍ଦୋବସ୍ତ ହୋଇଛି । ଘୋଡାର ଯତ୍ନ ନେବା ପାଇଁ ସଠିକ ବ୍ୟକ୍ତି ନମିଳିବା ଯାଏଁ ଘୋଡା ଥାନାରେ ରହିବ ବୋଲି କହିଛନ୍ତି ନୌତନ ଥାନାଧିକାରୀ ରାଜେଶ କୁମାର । ବର୍ତ୍ତମାନ ଏହି ଘୋଡା ନୌତନ ଥାନାରେ ଠିଆ ହୋଇ ରହିଛି । ଥାନାରେ ଘୋଡାର ଉପସ୍ଥିତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି । ଗୋଟିଏ ପଟେ ପୋଲିସ ଘଟଣାକୁ ନେଇ ଏକ ମାମଲା ଦାୟର କରାଯାଇଥିବା ବେଳେ ଅନ୍ୟପଟେ ସୋସିଆଲ ମିଡିଆରେ ଏହି ଖବର ଭାଇରାଲ ହେବାରେ ଲାଗିଛି । ତେବେ ଏ ଘୋଡା କାହାର ? କିଏ ଏ ଘୋଡ଼ାକୁ ତାଲିମ ଦେଇଥିଲା ଏବଂ ଘୋଡା ସହିତ କିଏ ଥିଲା ସେ ବିଷୟରେ ଗାଁରେ ପଚରାଉଚରା କରୁଛି ପୋଲିସ । ଯଦିଓ ଏପର୍ଯ୍ୟନ୍ତ କୌଣସି ଠୋସ୍ ସୁରାକ୍ ମିଳିନାହିଁ, ତଥାପି ପୋଲିସ ଘଟଣାକୁ ନେଇ ଖୋଳତାଡ଼ ଜାରି ରଖିଛି । ଖୁବଶୀଘ୍ର ଅଭିଯୁକ୍ତ ଧରାଯିବ ବୋଲି ସୂଚନା ଦେଇଛି ପୋଲିସ ।

## ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ହେବ କି ଯୁଦ୍ଧବିରତି !

ନୂଆଦିଲ୍ଲୀ,୩୦।୫: ଇସ୍ରାଏଲ ହମାସ ସହିତ ଏକ ଅସ୍ଥାୟୀ ଯୁଦ୍ଧବିରାମରେ ରାଜି ହୋଇଛି । ଗୁରୁବାର ହ୍ୱାଇଟ୍ ହାଉସ୍ ଏହା ନିଶ୍ଚିତ କରିଛି । ହମାସ ସହିତ ଏକ ଅସ୍ଥାୟୀ ଯୁଦ୍ଧବିରାମ ପାଇଁ ଇସ୍ରାଏଲ ଆମେରିକା ସମର୍ଥିତ ଏକ ନୂଆ ପ୍ରସ୍ତାବରେ ରାଜି ହୋଇଛି ବୋଲି ହ୍ୱାଇଟ୍ ହାଉସ୍ କହିଛି । ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହା ଗାଜାରେ ବନ୍ଧକଙ୍କ ମୁକ୍ତି ପାଇଁ ଏକ ବଡ଼ ପଦକ୍ଷେପ ହୋଇପାରେ । ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲେଭିଟ୍ କହିଛନ୍ତି ଯେ ଇସ୍ରାଏଲ ଯୁଦ୍ଧବିରତି ଯୋଜନାକୁ ସମର୍ଥନ କରିଛି ଏବଂ ଏଥିରେ ସହମତ ହୋଇଛି । ଆପଣଙ୍କୁ ଜଣାଇ ଦେଉଛୁ ଯେ ସମ୍ପ୍ରତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫଙ୍କ ଦ୍ୱାରା ଯୁଦ୍ଧବିରତି ସମ୍ପର୍କରେ ଏହି ଦିଗରେ ବହୁତ ପ୍ରୟାସ କରାଯାଇଥିଲା । ହମାସ କହିଛି ଯେ ଏହି ଢାଞ୍ଚାରେ ଗାଜାକୁ ମାନବିକ ସହାୟତା, ଗାଜାରୁ ଇସ୍ରାଏଲର ସମ୍ପୂର୍ଣ୍ଣ ପ୍ରତ୍ୟାହାର, ହମାସଠାରୁ ପାଲେଷ୍ଟାଇନକୁ ଶାସନ ହସ୍ତାନ୍ତର ଇତ୍ୟାଦି ସାମିଲ୍। ଗାଜା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅନୁଯାୟୀ, ମାର୍ଚ୍ଚ ମାସରେ ଇସ୍ରାଏଲ ପୁଣି ଆକ୍ରମଣ ଆରମ୍ଭ କରିବା ପରଠାରୁ ୫୪,୦୦୦ରୁ ଅଧିକ ପାଲେଷ୍ଟାଇନୀଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଏବଂ ମହିଳା ଥିଲେ । ଆପଣଙ୍କୁ କହିରଖୁଛୁ ଯେ ୭ ଅକ୍ଟୋବର ୨୦୨୩ରେ ହମାସ ଇସ୍ରାଏଲରେ ପ୍ରବେଶ କରି ୧୨୦୦ରୁ ଅଧିକ ଇସ୍ରାଏଲୀ ନାଗରିକଙ୍କୁ ହତ୍ୟା କରିଥିଲା ? ?ଏବଂ ସେମାନଙ୍କୁ ନିର୍ମମ କରିଥିଲା । ହମାସ ୨୫୧ ଜଣଙ୍କୁ ବନ୍ଧକ ମଧ୍ୟ ନେଇଥିଲା, ଯାହା ପରେ ଇସ୍ରାଏଲ ହମାସ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲା । ନୂଆ ଯୁଦ୍ଧବିରାମ ପ୍ରସ୍ତାବରେ କ'ଣ ସହମତି ହୋଇଛି ତାହାର ଡିଟେଲ୍ସ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ । କିନ୍ତୁ ଆଲୋଚନା ସହିତ ପରିଚିତ ସୂତ୍ର ଅନୁସାରେ, ଯୁଦ୍ଧବିରାମ ଅଧୀନରେ ଇସ୍ରାଏଲୀ ସେନା ସେମାନଙ୍କର ମୂଳ ସ୍ଥିତିକୁ ଫେରିଯିବେ। ଏହା ସହିତ, ହମାସ ୧,୧୦୦ରୁ ଅଧିକ ପାଲେଷ୍ଟାଇନୀ କଏଦୀଙ୍କ ବଦଳରେ ୧୦ ଜଣ ଜୀବିତ ବନ୍ଧକଙ୍କୁ ମୁକ୍ତ କରିବ । ହମାସ ହେପାଜତରେ ମୃତ୍ୟୁବରଣ କରିଥିବା ବନ୍ଧକଙ୍କ ମୃତଦେହ ମଧ୍ୟ ହମାସ ଫେରାଇବ। ଆପଣଙ୍କୁ କହି ରଖୁଛୁ ଯେ ଇସ୍ରାଏଲ ଯେଉଁ କଏଦୀମାନଙ୍କୁ ମୁକ୍ତ କରିବ ସେମାନଙ୍କ ମଧ୍ୟରେ ୧୦୦ ଜଣ କଏଦୀ ମଧ୍ୟ ଅଛନ୍ତି । ଯେଉଁମାନେ ଘାତକ ଆକ୍ରମଣରେ ଦୋଷୀ ସାବ୍ୟସ୍ତ ହୋଇ ଦୀର୍ଘ ସଜା କାଟୁଛନ୍ତି । ଏହି ଅସ୍ତ୍ରବିରତିରେ ୬୦ ଦିନ ପାଇଁ ଯୁଦ୍ଧ ବନ୍ଦ କରିବାକୁ କୁହାଯାଇଛି । ଏହି ପ୍ରସ୍ତାବରେ ଏହା ମଧ୍ୟ ନିଶ୍ଚିତ କରାଯାଇଛି ଯେ ବନ୍ଧକମାନଙ୍କୁ ମୁକ୍ତ କରାଯିବା ପରେ ଇସ୍ରାଏଲ ଗାଜା ଷ୍ଟ୍ରିପରେ ପୁଣି ସାମରିକ ଅଭିଯାନ ଆରମ୍ଭ କରିବ ନାହିଁ । ଏହା ବ୍ୟତୀତ, ଟ୍ରକଗୁଡ଼ିକୁ ଗାଜାରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ, ଯାହାର କାମ ଲୋକଙ୍କୁ ସାହାଯ୍ୟ ପହଞ୍ଚାଇବା ହେବ।

# ଲାଲ୍ ସଜିଦରୁ ପ୍ଲାନିଂ; ଆଫଗାନିସ୍ତାନ ସହ ମିଶି ପାକିସ୍ତାନ ଉପରେ ହାମଲା

ଇସଲାମବାଦ,୩୦।୫: ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ର ପୁଞ୍ଚ ଜିଲାର ମୁଖ୍ୟ ସହର ରାୱଲକୋଟର ହୁସେନ କୋଟ ଜଙ୍ଗଲରେ ଏକ ବଡ଼ ଆତଙ୍କବାଦ ବିରୋଧୀ ଅଭିଯାନରେ ଚାରି ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଏନକାଉଣ୍ଟରରେ ଦୁଇ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ଯେତେବେଳେ ଡେପୁଟି ଏସପି ଆକମଲ ସରିଫଙ୍କ ସମେତ ଆଠ ଜଣ ସୁରକ୍ଷା କର୍ମୀ ଆହତ ହୋଇଛନ୍ତି। ଏହି ଅପରେସନ କେବଳ ପାକିସ୍ତାନ ଭିତରେ କାର୍ଯ୍ୟ କରୁଥିବା ଆତଙ୍କୀ ନେଟୱାର୍କକୁ ପର୍ଦ୍ଦାଫାଶ କରିଛି ନାହିଁ, ବରଂ ଇସଲାମାବାଦର କୁଖ୍ୟାତ ଲାଲ ମସଜିଦ ଏବଂ ଆଫଗାନିସ୍ତାନ ନେଟୱାର୍କ ସହିତ ସେମାନଙ୍କର ସମ୍ପର୍କର ସ୍ତର ମଧ୍ୟ ଖୋଲି ଦେଇଛି।

ପୋଲିସ ଅଧିକାରୀଙ୍କ ଅନୁଯାୟୀ, ଗୁଇନ୍ଦା ସୂଚନା ପାଇବା ପରେ, ପୋଲିସ ଏବଂ ସ୍ପେଶାଲ ସର୍ଭିସେସ ଗ୍ରୁପ (ଏସଏସଜି) ହୁସେନ କୋଟର ଜଙ୍ଗଲରେ ଏକ ଅପରେସନ ଆରମ୍ଭ କରିଥିଲେ। ଏଠାରେ ଏକ ଗୁମ୍ଫାରେ ଆତଙ୍କବାଦୀମାନେ ଲୁଚି ରହିଥିବା ସୂଚନା ମିଳିଥିଲା। ଅପରେସନ ସମୟରେ, ଆତଙ୍କବାଦୀମାନେ ଏକ ଗ୍ରେନେଡ ଫିଙ୍ଗିଥିଲେ ଏବଂ ତା'ପରେ ଉଭୟ ପାର୍ଶ୍ୱରୁ ପ୍ରବଳ ଗୁଳିଚାଳନା ଆରମ୍ଭ ହୋଇଥିଲା। ଏହି ସମୟରେ ଆତଙ୍କବାଦୀ ଜର୍ନୁଶ ନସିମ ନିଜକୁ ବିସ୍ଫୋରଣ କରି ଦେଇଥିଲେ। ଏହା ସମଗ୍ର ଅଞ୍ଚଳକୁ ଥରାଇ ଦେଇଥିଲା। ଏହି



ଏନକାଉଣ୍ଟରରେ ବାକି ତିନି ଜଣ ଆତଙ୍କବାଦୀ ଜିବ୍ରାନ ଏବଂ ଅନ୍ୟ ଦୁଇ ଜଣ ମଧ୍ୟ ନିହତ ହୋଇଥିଲେ। ଏହି ଅପରେସନରେ କନଷ୍ଟେବଲ ତାରିକ ଏବଂ ଗୁଲଫ୍ରାଜ ମୃତ୍ୟୁବରଣ କରିଥିଲେ, ଯେତେବେଳେ ଡିଏସ୍ପି ଆକମଲ ସରିଫଙ୍କ ସମେତ ଆଠ ଜଣ ଅଧିକାରୀ ଆହତ ହୋଇଥିଲେ। ଆହତମାନଙ୍କୁ ତୁରନ୍ତ ରାୱଲକୋଟର ଶେଖ ଜାୟେଦ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିଛି ଲୋକଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି। ସ୍ଥାନୀୟ ଲୋକଙ୍କ ଅନୁଯାୟୀ, ବିସ୍ଫୋରଣ ପରେ ମଧ୍ୟ ଅଞ୍ଚଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଳି ଫୁଟିବାର ଶବ୍ଦ ଶୁଣାଯାଉଥିଲା।

ଏସଏସ୍ପି ପୁଞ୍ଚ ରିଆଜ ମୁଗଲ କହିଛନ୍ତି ଯେ ନିହତ ସମସ୍ତ ଆତଙ୍କବାଦୀ ନିଷିଦ୍ଧ ସଂଗଠନ ତେହେରିକ-ଏ-ତାଲିବାନ କାଶ୍ମୀର (ଟିଟିକେ) ସହିତ ଜଡିତ ଥିଲେ ଏବଂ ସେମାନଙ୍କୁ ଆଫଗାନିସ୍ତାନସ୍ଥିତ ଡକ୍ଟର ରୌଫ ଏବଂ କମ୍ପାନୀର ସମର୍ଥନ ମିଳୁଥିଲା। ଏହି ଆତଙ୍କବାଦୀମାନଙ୍କ ଉପରେ ସଜ୍ଜାଦ ରେଶମଙ୍କୁ ହତ୍ୟା କରିବାର ଅଭିଯୋଗ ଥିଲା। ସୂଚନା ଅନୁଯାୟୀ, ଏହି ଗୋଷ୍ଠୀ ଆଜାଦ କଶ୍ମୀରରେ ଅନୁପ୍ରବେଶ କରି ଏକ ପୋଲିସ ଷ୍ଟେସନ କିମ୍ବା ସାମରିକ ଘାଟି ଉପରେ ଆକ୍ରମଣ କରିବାକୁ ଯୋଜନା କରୁଥିଲା। ଏହି ନେଟୱାର୍କ ସହିତ ଜଡିତ ଆଉ ଏକ ବଡ଼ ଖୁଲାସା ମାର୍ଚ୍ଚ ମାସରେ ହୋଇଥିଲା। ଯେତେବେଳେ ଆତଙ୍କବାଦୀ ସାକିବଙ୍କୁ ଆଜାଦ ପଟ୍ଟନ ଅଞ୍ଚଳରୁ ଗିରଫ କରାଯାଇଥିଲା। ସେ ଏକ ଭିଡିଓ ବିବୃତ୍ତିରେ ସସ୍ୱୀକାର କରିଥିଲେ ଯେ ସେ ଏବଂ ତାଙ୍କ ସହଯୋଗୀମାନେ ସାମରିକ ଏବଂ ସାଧାରଣ ନାଗରିକଙ୍କ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିବାକୁ ଯୋଜନା କରୁଥିଲେ। ଏହି କାର୍ଯ୍ୟ ପାଇଁ ସେ ପାଣ୍ଠି ଏବଂ ଅସ୍ତ୍ରଶସ୍ତ୍ର ମଧ୍ୟ ପାଇଥିଲେ। ସାକିବ ଏହା ମଧ୍ୟ କହିଥିଲେ ଯେ ତାଙ୍କର ଇସଲାମାବାଦର କୁଖ୍ୟାତ ଲାଲ ମସଜିଦ ଏବଂ ମୌଲାନା ଅବଦୁଲ ଅଜିଜଙ୍କ ସହିତ ସମ୍ପର୍କ ଥିଲା। ଏହି ନେଟୱାର୍କରେ ସାମିଲ ଥିବା ଗାଜି ଶହଜାଦ ପୂର୍ବରୁ ରାୱଲକୋଟ ଜେଲରୁ ଖସି ପଳାଇଥିଲା। ଏନକାଉଣ୍ଟର ଏବଂ ସୁରକ୍ଷା ବାହିନୀ ଆହତ ହେବା ସୂଚନା ପାଇବା ମାତ୍ରେ ଆଜାଦ କଶ୍ମୀରର ପ୍ରଧାନମନ୍ତ୍ରୀ ଏବଂ ଆଇଜି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଭେଟିଥିଲେ। ପୋଲିସ ଅଧିକାରୀଙ୍କ ଅନୁଯାୟୀ, ଅପରେସନ ପରେ ସମଗ୍ର ଅଞ୍ଚଳକୁ ସଫା କରାଯାଇଛି ଏବଂ ବାକି ଆତଙ୍କବାଦୀ କିମ୍ବା ସାହାଯ୍ୟକାରୀଙ୍କ ସନ୍ଧାନ ଜାରି ରହିଛି। ଏହି କାର୍ଯ୍ୟାନୁଷ୍ଠାନ ପୁଣି ଥରେ ପାକିସ୍ତାନ ଭିତରେ ଲୁଚି ରହିଥିବା ଆତଙ୍କବାଦୀ ନେଟୱାର୍କ ଏବଂ ଧାର୍ମିକ କଠୋରତାର ମୂଳକୁ ପର୍ଦ୍ଦାଫାଶ କରିଛି।

# ଏଲିମିନେଟର ମ୍ୟାଚ୍‌କୁ ଜିତିଲା ମୁମ୍ବାଇ

**ଚଣ୍ଡିଗଡ଼,୩୦।୫(ଏଜେନ୍ସି):** ରୋମାଞ୍ଚକର ଓ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ବାଜି ମାରିଲା ମୁମ୍ବାଇ ଇଣ୍ଡିଆନ୍ସ। ରୋହିତ ଶର୍ମାଙ୍କ ବିସ୍ଫୋରକ ଅର୍ଦ୍ଧଶତକ ପରେ ବୋଲରଙ୍କ ମାପଚୁପ ବୋଲିଂ ବଳରେ ମୁମ୍ବାଇ ଏଲିମିନେଟର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସକୁ ୨୦ ରନରେ ହରାଇଛି।ବିଜୟ ସହ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଦଳ ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍‌କୁ ଉନ୍ନୀତ ହୋଇଛି। ଏବେ ଦ୍ୱିତୀୟ କ୍ୱାଲିଫାୟର ମୁକାବିଲାରେ ମୁହାଁମୁହିଁ ହେବେ ପଞ୍ଜାବ କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ।ଅନ୍ୟପଟେ ପରାଜୟ ସହ ଗୁଜରାଟ ଟାଇଟନ୍ସର ଆଇପିଏଲ୍ ୨୦୨୫ରେ ଅଭିଯାନ ସମାପ୍ତ ହୋଇଛି। ସାଇ ସୁଦର୍ଶନଙ୍କ ୮୦ ରନର ମାରାଥନ ଇନିଂସ ବୃଥା ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ରୋହିତ ଶର୍ମାଙ୍କ ବିସ୍ଫୋରକ ୮୧ ରନ ଓ ଜୋନି ବେୟାରଷ୍ଟୋଙ୍କ ୪୭ ରନ ବଳରେ ୫ ୱିକେଟ୍ ହରାଇ ୨୨୮ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଗୁଜରାଟ ୬ ୱିକେଟ୍ ହରାଇ ୨୦୮ ରନ କରି ପାରିଛି।ସୁଦର୍ଶନଙ୍କ ବ୍ୟତୀତ ୱାଶିଂଟନ ସୁନ୍ଦର ୪୮ ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଯଶପ୍ରୀତ ବୁମରା ୪ ଓଭରରେ ୨୭ ରନ ଦେଇ ଗୋଟିଏ ୱିକେଟ୍ ନେଇଛନ୍ତି ।

୨୨୯ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଗୁଜରାଟକୁ ପ୍ରଥମ ଓଭରରୁ ହିଁ ବଡ଼ ଝଟକା ଲାଗିଥିଲା। ଇନଫର୍ମ ବ୍ୟାଟର ଅଧିନାୟକ ଶୁଭମନ ଗିଲ୍ ୧ ରନ କରି ଆଉଟ୍ ହୋଇଥିଲେ। ତେବେ ସାଇ ସୁଦର୍ଶନ ଓ କୁଶଲ ମେଣ୍ଡିସ ଦମଦାର ବ୍ୟାଟିଂ କରି ଦ୍ୱିତୀୟ ୱିକେଟ୍ ପାଇଁ ୬୪ ରନ ଯୋଡ଼ିଥିଲେ। ୬୭ ରନ ସ୍କୋରରେ କୁଶଲ ମେଣ୍ଡିସ ୨୦ ରନ କରି ଆଉଟ୍ ହୋଇଥିଲେ। ଅନ୍ୟପଟେ ସାଇ ସୁଦର୍ଶନ ଚଳିତ ସିଜିନରେ ନିଜର ଚମତ୍କାର ଫର୍ମ ବଜାୟ ରଖି ଆଉ ଏକ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ



ସେ ଓ ୱାଶିଂଟନ ସୁନ୍ଦର ଦ୍ରୁତ ବ୍ୟାଟିଂ କରି ତୃତୀୟ ୱିକେଟ୍‌ରେ ୮୪ ରନ ଯୋଡ଼ି ଦଳର ବିଜୟ ଆଶା ଉଜ୍ଜୀବୀତ ରଖିଥିଲେ। ୱାଶିଂଟନ ସୁନ୍ଦର ବିସ୍ଫୋରକ ବ୍ୟାଟିଂ କରି ୨୪ ବଲରୁ ୫ ଚୌକା ଓ ୩ ଛକା ସହ ୪୮ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ତେବେ ସାଇ ସୁଦର୍ଶନ ଆଉଟ୍ ହେବା ଗୁଜରାଟକୁ ବଡ଼ ଝଟକା ଲାଗିଥିଲା। ସୁଦର୍ଶନ ୪୯ ବଲରୁ ୧୦ ଚୌକା ଓ ୧ ଛକା ସହ ୮୦ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ସୁଦର୍ଶନଙ୍କ ପରେ ଶେରଫେନ ରଦରଫୋର୍ଡ ୨୪ ରନ କରି ଆଉଟ୍ ହେବା ଗୁଜରାଟର ବିଜୟ ଆଶାକୁ ଆହୁରି ଝଟକା ଲାଗିଥିଲା। ବିଶେଷ କରି ନିମ୍ନ ଓଭରରେ ମୁମ୍ବାଇ ବୋଲର ଶାଣିତ ବୋଲିଂ କରି ଗୁଜରାଟ ବ୍ୟାଟରଙ୍କୁ ବଡ଼ ସଟ୍ ଖେଳିବାକୁ ଦେଇ ନ ଥିଲେ। ରାହୁଲ ତେୱତିଆ ୧୬ ରନ କରି ଅପରାଜିତ ଥିଲେ ହେଁ ଦଳକୁ ଜିତାଇ ପାରି ନ ଥିଲେ ।ଶାହରୁଖ ଖାନ ୧୩ ରନ କରିଥିଲେଶେଷରେ ଗୁଜରାଟ ୬ ୱିକେଟ୍ ହରାଇ ୨୦୮ ରନରେ ସୀମିତ ରହିଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ଓପନର ରୋହିତ ଶର୍ମା ଓ ଜୋନି ବେୟାରଷ୍ଟୋ ଦମଦାର ଆରମ୍ଭ ଦେଇଥିଲେ ରିୟାନ ରିକଲଟରଙ୍କ ସ୍ଥାନରେ ଦଳରେ ସାମିଲ ବେୟାରଷ୍ଟୋ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ଓ ରୋହିତ ପ୍ରଥମ ୱିକେଟ୍ ପାଇଁ ୮୪ ରନ ଯୋଡ଼ିଥିଲେ। ବେୟାରଷ୍ଟୋ ୨ ବଲରୁ ୪ ଚୌକା ଓ ୩ ଛକା ସହ ୪୭ ରନ କରିଥିଲେ ଅନ୍ୟପଟେ ରୋହିତ ମିଳିଥିବା ଦୁଇଟି ଜୀବନ ଦାନର ଭରପୂର ଫାଇଦା ଉଠାଇଥିଲେ ରୋହିତ ଓ ସୂର୍ଯ୍ୟକୁମାର ଦ୍ୱିତୀୟ ୱିକେଟ୍ ପାଇଁ ୫୯ ରନ ଯୋଡ଼ି ଦଳର ସ୍କୋରକୁ ୧୪୩ ରନରେ ପହଞ୍ଚାଇଥିଲେ। ସୂର୍ଯ୍ୟ ୩୩ ରନ କରି ଆଉଟ୍ ହୋଇଥିଲେ। ରୋହିତ ଶର୍ମା ଅର୍ଦ୍ଧଶତକ ହାସଲ କରିବା ସହ ୫୦ ବଲ୍‌ରୁ ୯ ଚୌକା ଓ ୪ ଛକା ସହ ୮୧ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ। ତିଳକ ବର୍ମା ଦ୍ରୁତ ବ୍ୟାଟିଂ କରି ୧୧ ବଲରୁ ୩ ଛକା ସହ ୨୫ ରନ କରିଥିଲେ। ନମନ ଧୀର ୯ ରନ କରି ପାଭିଲିୟନ ଫେରିଥିଲେ। ତେବେ ଶେଷ ଆଡ଼କୁ ମୁମ୍ବାଇର ରନ ଗତି ସାମାନ୍ୟ ମନ୍ଥର ରହିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୯ ବଲରୁ ୨୨ ରନ କରିଥିଲେ। ଶେଷରେ ମୁମ୍ବାଇ ୫ ୱିକେଟ୍ ହରାଇ ୨୨୮ ରନ କରଥିଲା।




ଇଂଲଣ୍ଡ ଲାୟନ୍ସ ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟର ପ୍ରଥମ ଦିନରେ ୧୮୬ ରନ୍ ଅପରାଜିତ ଇଂନିସ ଖେଳିବା ଅବସରରେ କରୁଣ ନାୟାର। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ଏ ୩ ୱିକେଟ ହରାଇ ୪୦୯ ରନ୍ କରିଛି।

# ଏସୀୟ ଦୌଡ଼କୁଦରେ ଭାରତକୁ ଆଉ ୩ ସ୍ୱର୍ଣ୍ଣ

ଗୁମି (ଦକ୍ଷିଣ କୋରିଆ),୩୦।୫: ଚଳିତ ୨୭ତମ ଏସୀୟ ଦୌଡ଼କୁଦ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ଚମତ୍କାର ପ୍ରଦର୍ଶନ କରି ୩ଟି ଅପ୍ରତ୍ୟାଶିତ ସ୍ୱର୍ଣ୍ଣ ପଦକ ଅମଳ କରିଛନ୍ତି। ୩୬ ବର୍ଷର ଅନ୍ତ ଘଟାଇ ପୁରୁଷ ୩୦୦୦ ମିଟର୍ ଷ୍ଟିପଲ୍‌ଚେଜ୍‌ରେ ଅବିନାଶ ସାବ୍‌ଲେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇଥିବା ଅବିନାଶ ସାବ୍‌ଲେ ଶେଷ ୬ ଲ୍ୟାପ୍ ପୂର୍ବରୁ ତୃତୀୟ ସ୍ଥାନରେ ରହିଥିଲେ। ଦୁଇ ଜାପାନୀ ଖେଳାଳିଙ୍କ ଆହ୍ୱାନର ସମ୍ମୁଖୀନ ହୋଇଥିଲେ ମଧ୍ୟ ୨ ଲ୍ୟାପ୍ ପୂର୍ବରୁ ଦ୍ୱିତୀୟ ସ୍ଥାନକୁ ଉଠିଥିଲେ। ଅନ୍ତିମ ଲ୍ୟାପ୍‌ରେ କିନ୍ତୁ ସମସ୍ତଙ୍କୁ ଚକିତ କରି ଅବିନାଶ ଅବିଶ୍ୱସନୀୟ ଗତି ସହ ଜାପାନର ୟୁତାରୋ ନିନାଏଙ୍କୁ ପଛରେ ପକାଇଦେଇଥିଲେ। ୱାଟର୍ ଜମ୍ପ୍ ପରେ ପରେ ସେ ପ୍ରଥମ ସ୍ଥାନରେ ପହଞ୍ଚି ସ୍ୱର୍ଣ୍ଣିମ ସ୍ୱପ୍ନକୁ ସାକାର କରିନେଇଥିଲେ। ନିନାଏ ଜାପାନକୁ ରୌପ୍ୟ ପଦକ ଦେଇଥିବା ବେଳେ କତରର ଜାକାରିଆ। ଇଲାଲାମି କାଂସ୍ୟ ପଦକ ହାସଲ କରିଥିଲେ।

ଭାରତ ପାଇଁ ଆଉ ଏକ ବହୁ ପ୍ରତୀକ୍ଷିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତୀୟ ମହିଳା ରିଲେ ଦଳ ଜିସ୍ନା ମାଥ୍ୟୁ, ରୁପଲ ଚୌଧୁରୀ, ରଜିଆ କୁଞ୍ଜି, ଶୁଭ ଭେଙ୍କଟେଶନଙ୍କୁ ନେଇ ଗଠିତ







ଭାରତୀୟ ୪ ଗୁଣା ୪୦୦ ମିଟର୍ ମହିଳା ରିଲେ ଦଳ ସିଜନ୍ ଶ୍ରେଷ୍ଠ ପ୍ରଦର୍ଶନ (୩:୩୪.୧୮) ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୨ ବର୍ଷ ପରେ ଭାରତକୁ ଏହି ଇଭେଣ୍ଟ୍‌ରୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ଭିଏତ୍ନାମ ଓ ଶ୍ରୀଲଙ୍କା ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ଜିତିଥିଲେ ରୁପଲ ଓ ଶୁଭ କ୍ରମାଗତ ଦ୍ୱିତୀୟ ଦିନ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବୁଧବାର ଏମାନେ ଭାରତୀୟ ମିଶ୍ରିତ ୪୦୦ ମିଟର୍ ରିଲେ ଦଳକୁ ବି ସ୍ୱର୍ଣ୍ଣ ପଦକ ଦେଇଥିଲେ। ଗୁରୁବାର ଭାରତକୁ ତୃତୀୟ ସ୍ୱର୍ଣ୍ଣ ପଦକଟି ଦେଇଥିଲେ। ସ୍ପ୍ରିଣ୍ଟର୍ ଜ୍ୟୋତି ୟାରାଜୀ ୧୦୦ ମିଟର୍ ମହିଳା ବାଧାଦୌଡ଼ରେ ଜ୍ୟୋତି ୧୨.୯୬ ସେକେଣ୍ଡ୍ ସମୟ ସହିତ ଶୀର୍ଷ ସ୍ଥାନ ଦଖଲ କରିଥିଲେ। ୨୦୨୩ରେ ବ୍ୟାଙ୍କକ୍‌ରେ ଅନୁଷ୍ଠିତ ଗତ ସଂସ୍କରଣ ଏସୀୟ ଦୌଡ଼କୁଦରେ ମଧ୍ୟ ଜ୍ୟୋତି ଏହି ଇଭେଣ୍ଟ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭୁବନେଶ୍ୱରସ୍ଥିତ ରିଲାଏନ୍ସ ଫାଉଣ୍ଡେସନ୍‌ରେ ତାଲିମପ୍ରାପ୍ତ ଜ୍ୟୋତିଙ୍କ ପଛକୁ ରହି ଜାପାନର ୟୁମି ତାନାକା ଏବଂ ଚୀନର ୟୁ ୟାନି ଯଥାକ୍ରମେ ରେପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି।

ଗୁରୁବାର ଭାରତ ପାଇଁ ପୁରୁଷ ୪ଗୁଣା ୪୦୦ ମିଟର୍ ରିଲେ ଦଳ ରୌପ୍ୟ ପଦକ ମଧ୍ୟ ହାସଲ କରିଥିଲେ। ଜୟ କୁମାର, ଧରମବୀର ଚେଧୁରୀ, ବିଶାଲ ଥେନାରାଜୁ କାୟାଲଭିଜି ଓ ମନୁ ଥେକିନାଲିଲ ସାଜି ୩:୦୩.୬୭ ଟାଇମିଂ ସହିତ ଦ୍ୱିତୀୟରେ ରହିଥିବା ବେଳେ କତର ଓ ଚୀନ ରିଲେ ଦଳ ଯଥାକ୍ରମେ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ଜିତିଥିଲେ। ସେହିଭଳି ମହିଳା ଲଙ୍ଗ୍‌ଜମ୍ପ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଆନ୍ସି ସୋଜନ୍ ଏବଂ ସାଇଲି ସିଂହ ଯଥାକ୍ରମେ ରେପ୍ୟ ଓ କାଂସ୍ୟ ପଦକ ହାସଲ କରି ଭାରତକୁ ଗୋଟିଏ ଇଭେଣ୍ଟରୁ ୨ ପଦକ ଦେଇଥିଲେ ଇରାନର ରିହାନେ ମୋବିନି ଆରାନି (୬.୪୦ ମିଟର୍) ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଆନସୀ (୬.୩୩) ଓ ସାଇଲି (୬.୩୦) ତାଙ୍କ ପଛକୁ ପଛ ରହିଥିଲେ। ମୋବିନି କିନ୍ତୁ ଇରାନ୍ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଆଣିଥିଲେ ମହିଳା ହେପ୍ଟାଥଲନ୍ ଭାରତ ପାଇଁ ପଦକ ସମ୍ଭାବନା ସୃଷ୍ଟି ହୋଇଛି। ୪ ଇଭେଣ୍ଟ୍ ସୁଦ୍ଧା ଭାରତର ନନ୍ଦିନୀ ଅଗସରା (୩,୬୧୦ ପଏଣ୍ଟ) ଶୀର୍ଷରେ ରହିଛନ୍ତି। ଚୀନର ଲିୟୁ ଜିଙ୍କି (୩,୪୧୨) ଓ ତାଇପେଇର କାଇ ଜୁଆନ୍ ଚେନ୍ (୩,୪୧୦) ପରବର୍ତ୍ତୀ ଦୁଇ ସ୍ଥାନରେ ରହିଛନ୍ତି। ଗୁରୁବାର ଅନୁଷ୍ଠିତ ୨୦୦ ମିଟର୍ ଦୌଡ଼ରେ ବି ନନ୍ଦିନୀ ଶୀର୍ଷରେ ରହିଥିଲେ ଅନ୍ତିମ ୩ ଇଭେଣ୍ଟ୍ ଲଙ୍ଗ୍ ଜମ୍ପ୍, ଜାଭଲିନ୍ ଥ୍ରୋ ଓ ୮୦୦ ମିଟର୍ ଦେସଡ଼ ଶୁକ୍ରବାର ଖେଳାଯିବ ଓଡ଼ିଶାର ଅନିମେଶ କୁଜୁର ମଧ୍ୟ ଶୁକ୍ରବାର ତାଙ୍କ ୨୦୦ ମିଟର୍ ଅଭିଯାନ ଆରମ୍ଭ କରିବେ। ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୫ ସ୍ୱର୍ଣ୍ଣ, ୬ ରୌପ୍ୟ, ୩ କାଂସ୍ୟ ସହ ମୋଟ ୧୪ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହିଛି। ଶୀର୍ଷରେ ଥିବା ଚୀନ ୧୨ ସ୍ୱର୍ଣ୍ଣ, ୬ ରୌପ୍ୟ, ୩ କାଂସ୍ୟ ସହ ୨୧ ପଦକ ଜିତିଛି।

# ମୋଦିଙ୍କ ପାଦ ଛୁଇଁଲେ ବୈଭବ

ପାଟନା,୩୦।୫(ଏଜେନସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଟନା ବିମାନବନ୍ଦରରେ ୧୪ ବର୍ଷୀୟ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ଭେଟିଛନ୍ତି। ବୈଭବ ପ୍ରଧାନମନ୍ତ୍ରୀଙ୍କ ପାଦ ଛୁଇଁ ତାଙ୍କ ଆଶୀର୍ବାଦ ନେଇଥିଲେ। ବୈଭବଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ନିଜେ ତାଙ୍କ ଏକ୍ସ ହ୍ୟାଣ୍ଡେଲରୁ ଏ ବିଷୟରେ ସୂଚନା ଦେଇଛନ୍ତି।ସାକ୍ଷାତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ବୈଭବ ସୂର୍ଯ୍ୟବଂଶୀଙ୍କ କ୍ରିକେଟ ଦକ୍ଷତାର ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ବୈଭବଙ୍କ ସହ ଫଟୋ ଶେୟାର କରି କହିଛନ୍ତି,ବୈଭବ ସମଗ୍ର ଦେଶ ପାଇଁ ପ୍ରେରଣା ତାଙ୍କ ଭବିଷ୍ୟତ ଉଜ୍ଜଳମୟ ହେଉ ବୈଭବଙ୍କ ବ୍ୟତୀତ, ମୋଦି ତାଙ୍କ ମାତାପିତାଙ୍କୁ ମଧ୍ୟ ଭେଟିଥିଲେ ଇଂଲଣ୍ଡ ଗସ୍ତ ପାଇଁ ଭାରତର ୧୯ ବର୍ଷରୁ କମ ଦଳରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ମନୋନୀତ କରାଯାଇଛି।




କମ ବୟସରେ ତାଙ୍କର ଦମଦାର ପ୍ରଦର୍ଶନ ଯୋଗୁ ବୈଭବ ଚର୍ଚ୍ଚାରେ ଆସିଥିଲେ ତାଙ୍କୁ ଇଣ୍ଡିଆନ ପ୍ରିମିୟର ଲିଗ ଦଳ ରାଜସ୍ଥାନ ରୟାଲ୍ସ ମେଗା ନିଲାମରେ କିଣିଥିଲା ବୈଭବ ଆଇପିଏଲ ୨୦୨୫ରେ ଦମଦାର ପ୍ରଦର୍ଶନ କରିଥିଲେ ଏବଂ ମାତ୍ର ୩୫ ବଲ୍‌ରେ ଶତକ ହାସଲ କରିଥିଲେ ସେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଏହି ଇନିଂସ ଖେଳିଥିଲେ।

# ପଞ୍ଜାବର ସଫଳତାର ରାଜ କହିଲେ ପଣ୍ଟିଂ

ନୂଆଦିଲ୍ଲୀ: ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱ ଏବଂ ରିକି ପଣ୍ଟିଂଙ୍କ ପ୍ରଶିକ୍ଷଣରେ, ପଞ୍ଜାବ କିଙ୍ଗସ୍ ଚଳିତ ଆଇପିଏଲରେ ଚମତ୍କାର ପ୍ରଦର୍ଶନ କରିଆସିଛି। ପଞ୍ଜାବ କିଙ୍ଗସ୍ ନିଜର ଦୃଢ଼ ପ୍ରଦର୍ଶନ ସହିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା ତେବେ ଦଳର ପ୍ରଦର୍ଶନ ନେଇ ମୁଖ୍ୟ ପ୍ରଶିକ୍ଷକ ରିକି ପଣ୍ଟିଂ ସଫଳତାର ରହସ୍ୟ ଉନ୍ମୋଚନ କରିଛନ୍ତି ଆପଣଙ୍କୁ ଜଣାଇ ଦେଉଛୁ ଯେ ପଞ୍ଜାବ କିଙ୍ଗସ୍ ୨୦୧୪ ପରେ ପ୍ରଥମ ଥର ପାଇଁ ପ୍ଲେଅଫରେ ସ୍ଥାନ ପାଇଛି।ପଞ୍ଜାବ କିଙ୍ଗସ୍ ରେ ଯୋଗଦେବା ପୂର୍ବରୁ, ରିକି ପଣ୍ଟିଂ ମାଲିକମାନଙ୍କୁ ସ୍ପଷ୍ଟ ଭାବରେ କହିଥିଲେ ଯେ ସେ ଦଳ ପରିଚାଳନାରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଚାହାଁନ୍ତି।

ପଞ୍ଜାବ ପଣ୍ଟିଂଙ୍କୁ ମୁକ୍ତ ହାତ ଦେଇଥିଲା। ଏବେ ଫଳାଫଳ ସମସ୍ତଙ୍କ ସାମ୍ନାରେ ଏକ ସାକ୍ଷାତକାରରେ ପଣ୍ଟିଂ କହିଥିଲେ ଯେ ସେ ଦଳରେ ଯୋଗଦେବା ମାତ୍ରେ ନିଶ୍ଚିତ କରିଥିଲେ ଯେ ଏଥର କିଛି ଭିନ୍ନ ହେବ। ସେ କହିଛନ୍ତି, ଆମେ ନିଲାମରୁ ହିଁ ଆରମ୍ଭ କରିଥିଲୁ, ଯେତେବେଳେ କେବଳ ଦୁଇଜଣ ଅନକ୍ୟାପଡ଼ ଖେଳାଳିଙ୍କୁ ବଜାୟ ରଖାଯାଇଥିଲା, ଆମକୁ ବହୁତ ସମାଲୋଚନା କରାଯାଇଥିଲା।




ଲୋକମାନେ ଭାବୁଥିଲେ ଯେ ଆମେ ଭୁଲ କରିଛୁ, କିନ୍ତୁ ମୁଁ ଦଳକୁ କେଉଁଠାକୁ ନେଇଯିବି ସେ ବିଷୟରେ ବହୁତ ସ୍ପଷ୍ଟ ଥିଲି। ପଣ୍ଟିଂ ଆହୁରି କହିଛନ୍ତି, ସିଜନ ଏପର୍ଯ୍ୟନ୍ତ ଭଲ ରହିଆସିଛି ଏବଂ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଶେଷ ମ୍ୟାଚ୍ ରେ, ଛଅ ଜଣ ଅନକ୍ୟାପଡ଼ ଖେଳାଳି ଦଳରେ ଥିଲେ, ଯେଉଁମାନେ ଚମତ୍କାର ପ୍ରଦର୍ଶନ କରିଥିଲେ ଆମେ ନିଜ ନିଜ ମଧ୍ୟରେ କଥା ହୋଇଥିଲୁ ଯେ ଆମକୁ ଶ୍ରେଷ୍ଠ ଦୁଇରେ ରହିବାକୁ ପଡିବ ।ଭାରତୀୟ କ୍ରିକେଟରଙ୍କ ବିଷୟରେ ସେ କହିଛନ୍ତି ଯେ ପ୍ରଭସିମରନ ସିଂହ ଏବଂ ପ୍ରିୟାଂଶ ଆର୍ଯ୍ୟଙ୍କ ଭଳି ଖେଳାଳିମାନେ ଗୋଟିଏ ଦିନ ଭାରତ ପାଇଁ ଖେଳିବେ ସେ କହିଥିଲେ, ମୁଁ ଭାବୁଛି ଭାରତ ପାଇଁ ୪ ଜଣ ଖେଳିପାରିବେ ନିଲାମକୁ ଯିବା ପୂର୍ବରୁ, ମୁଁ ପ୍ରିୟାଂଶ ଆର୍ଯ୍ୟଙ୍କ ଭିଡିଓ ବହୁତ ଘଣ୍ଟା ଧରି ଦେଖିଥିଲି ଏବଂ ମୁଁ ତାଙ୍କୁ ଯେକୌଣସି ମୂଲ୍ୟରେ ଦଳରେ ରଖିବାକୁ ଚାହୁଁଥିଲି। ପ୍ରଭସିମରନ୍ ମାତ୍ର ୨୪ ବର୍ଷ ବୟସର ଏବଂ ଅଇେପିଏଲ ଇତିହାସରେ ସର୍ବାଧିକ ରନ ସ୍କୋର କରିବାରେ ପ୍ରଥମ ଅନକ୍ୟାପ୍ଡ ଖେଳାଳି ହୋଇଛନ୍ତି। ନେହାଲ ବଢ଼େରା ମଧ୍ୟମ କ୍ରମରେ ମଧ୍ୟ ଭାରତ ପାଇଁ ଖେଳିପାରିବେ। ଶଶାଙ୍କ ସିଂହଙ୍କ ଷ୍ଟ୍ରାଇକ୍ ହାର ଏବଂ ଇନିଂସ ଶେଷରେ ଚୌକା ଏବଂ ଛକା ମାରିବାର ଦକ୍ଷତା ତାଙ୍କୁ ଜଣେ ଉପଯୋଗୀ ଖେଳାଳି କରିଥାଏ।

# ଭାଙ୍ଗିପଡ଼ିଲେ ପ୍ରୀତି

ମୁଲାନପୁର,୩୦।୫(ଏଜେନ୍ସି): ଆଇପିଏଲ କ୍ୱାଲିଫାୟର-୧ରେ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପଞ୍ଜାବ କିଙ୍ଗସକୁ ୮ ୱିକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା ମୁଲାନପୁରରେ ଖେଳାଯାଇଥିବା ଏହି ମ୍ୟାଚରେ ପଞ୍ଜାବର ପ୍ରଦର୍ଶନ ନିରାଶାଜନକ ଥିଲା, ଯାହାକୁ ଦେଖି ଦଳର ସହ-ମାଲିକାଣୀ ପ୍ରୀତି ଜିଣ୍ଟା ବହୁତ ନିରାଶ ହୋଇଥିଲେ। ତାଙ୍କର ପ୍ରତିକ୍ରିୟା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।ଆରସିବି ଅଧିନାୟକ ରଜତ ପଟିଦାର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ମାତ୍ର ୨୪.୧ ଓଭର ଭିତରେ ସରିଯାଇଥିଲା। ଆଇପିଏଲ୍‌ର ପ୍ରଥମ କ୍ୱାଲିଫାୟାର୍ ଗୁରୁବାର ଲିଗ୍ ଟପ୍ପର ପଞ୍ଜାବ କିଙ୍ଗ୍ସକୁ ଏକତରଫା ଭାବେ ୮ ୱିକେଟ୍‌ରେ ହରାଇ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୯ ବର୍ଷ ପରେ ଫାଇନାଲ୍‌ରେ ପ୍ରବେଶ କରିଥିଲା୍ କେବେ ବି ଟ୍ରଫି ଜିତିନଥିବା ଏହି ଦଳ ମୋଟ ଉପରେ କିନ୍ତୁ ଚତୁର୍ଥ ଥର (୨୦୦୯, ୨୦୧୧, ୨୦୧୬, ୨୦୨୫) ଫାଇନାଲ୍ ଖେଳିବ ତେବେ ପଞ୍ଜାବ। କ୍ୱାଲିଫାୟର-୧ରେ ହାରିବା ପରେ ଷ୍ଟାଡିୟମରେ ଉପସ୍ଥିତ ଥିବା ପ୍ରୀତି ଜିଣ୍ଟା କେତେ ନିରାଶ ହୋଇପଡ଼ିଥିଲେ। ତାହା ସମସ୍ତେ ଦେଖିଥିଲେ। ମ୍ୟାଚ୍ ଆରମ୍ଭରୁ ପ୍ରୀତି ବହୁତ ଉତ୍ସାହିତ ଥିବା ଦେଖାଯାଇଥିଲା। ହେଲେ ଗୋଟେ ପରେ ଗୋଟେ ଖେଳାଳି ଆଉଟ୍ ହେବା ପରେ ତାଙ୍କ ମୁହଁର ଖୁସି କୁଆଡେ ଉଭାନ ହୋଇଯାଇଥିଲା, ଯାହା ଭାଇରାଲ ହେଉଥିବା ଫଟୋରେ ସ୍ପଷ୍ଟ ଜଣାପଡୁଛି।



# ଟେଷ୍ଟରୁ ଅବସର କଥା ଚିନ୍ତା କରୁଛନ୍ତି ବୁମରା !

ନୂଆଦିଲ୍ଲୀ,୩୦।୫: ଭାରତୀୟ କ୍ରିକେଟ ଦଳର ତାରକା ଦ୍ରୁତ ବୋଲର ଜସପ୍ରୀତ ବୁମ୍ରା ଇଂଲଣ୍ଡ ବିପକ୍ଷରେ ଆଗାମୀ ପାଞ୍ଚ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ଏକ ଆବେଗପୂର୍ଣ୍ଣ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ କ୍ରିକେଟ ଖେଳ ତାଙ୍କ ପାଇଁ ଏକ ଅବିସ୍ମରଣୀୟ ଯାତ୍ରା ହୋଇଛି, କିନ୍ତୁ ଏହା ସଦାସର୍ବଦା ଚାଲିବ ନାହିଁ। ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ମାଇକେଲ କ୍ଲାର୍କଙ୍କ ସହ ବିୟଣ୍ଡ ୨୩ କ୍ରିକେଟ ପଡ଼କାଷ୍ଟରେ କଥାବାର୍ତ୍ତା ସମୟରେ ବୁମ୍ରା ଏହି ମନ୍ତବ୍ୟ ଦେଇଛନ୍ତି।

୩୧ ବର୍ଷୀୟ ବୁମ୍ରା, ଯିଏ ଭାରତ ପାଇଁ ୪୫ଟି ଟେଷ୍ଟ, ୮୯ଟି ଦିନିକିଆ ଏବଂ ୭୦ଟି ଟି-୨୦ ମ୍ୟାଚ ଖେଳିଛନ୍ତି, ସେ କହିଛନ୍ତି, ଏହା ଏକ ଏପରି ଖେଳ ଯାହାକୁ ମୁଁ ବହୁତ ଭଲ ପାଏ। ମୁଁ ଅଷ୍ଟ୍ରେଲିଆ ଗସ୍ତରେ ଥାଇ ଦେଖିଲି ଯେ ଅନେକ ଯୁବ ଖେଳାଳୀ ମୋ ବୋଲିଂ ଶୈଳୀକୁ ଅନୁକରଣ କରୁଛନ୍ତି। ଏହା ମୋ ପାଇଁ ଅବିଶ୍ୱାସ ଅନୁଭବ ମୁଁ ମଧ୍ୟ କୌଣସି ସମୟରେ ଏପରି କରୁଥିଲି ତେଣୁ, ଏହି ଯାତ୍ରା ସଦାସର୍ବଦା ଚାଲିବ ନାହିଁ, କିନ୍ତୁ ଯେତେବେଳେ ଏହା ଶେଷ ହେବ, ମୁଁ ଏହି ଖେଳକୁ କିଛି ଫେରାଇ ଦେବାକୁ ଚାହେଁ କାରଣ ମୋର ଯାହା କିଛି ଅଛି, ତାହା ଏହି ଖେଳ ମାଧ୍ୟମରେ ହିଁ ମିଳିଛି।

ବୁମ୍ରା ବର୍ତ୍ତମାନ ଆଇପିଏଲ ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଛନ୍ତି ଏହି ଟୁର୍ନାମେଣ୍ଟ ପରେ ସେ ଇଂଲଣ୍ଡ ବିପକ୍ଷ ଟେଷ୍ଟ



ସିରିଜରେ ଭାଗ ନେବେ ତେବେ, ରିପୋର୍ଟ ଅନୁସାରେ, ସେ ସମସ୍ତ ପାଞ୍ଚଟି ଟେଷ୍ଟ ମ୍ୟାଚ ଖେଳିବେ ନାହିଁ ବୁମ୍ରା ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)କୁ ଜଣାଇଛନ୍ତି ଯେ ତାଙ୍କ ଶରୀର ତିନୋଟିରୁ ଅଧିକ ଟେଷ୍ଟ ଖେଳିବାର ଚାପ ନେଇ ପାରିବ ନାହିଁ। ଏହା ସହିତ, ତାଙ୍କ ସାମ୍ପ୍ରତିକ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ପିଠିରେ ଆଘାତ ହେବା ପରେ, ତାଙ୍କ ଖେଳ ସଂଖ୍ୟା ସୀମିତ ହେବାର ସମ୍ଭାବନା ରହିଛି। ଇଂଲଣ୍ଡ ସିରିଜ ଜୁନ ୨୦ରୁ ଲିଡ଼ସରେ ଆରମ୍ଭ ହେବ, ଯେଉଁଠାରେ ବୁମ୍ରା ଡ୍ୟୁକ୍ସ ବଲ ସହିତ ବୋଲିଂ କରିବାକୁ ଉତ୍ସୁକ ସେ କହିଛନ୍ତି, ଇଂଲଣ୍ଡରେ ଖେଳିବା ସଦାସର୍ବଦା ଏକ ଭିନ୍ନ ଚ୍ୟାଲେଞ୍ଜ ମୁଁ ଡ୍ୟୁକ୍ସ ବଲ ସହିତ ବୋଲିଂ କରିବାକୁ ଭଲ ପାଏ, କିନ୍ତୁ ବର୍ତ୍ତମାନ ବଲରେ ନିୟମିତ ପରିବର୍ତ୍ତନ ହେଉଛି ତଥାପି, ସେଠାକାର ପାଗ ଏବଂ ସ୍ୱିଙ୍ଗ ଅବସ୍ଥା ମୋ ପାଇଁ ସବୁବେଳେ ଆକର୍ଷଣୀୟ। ବୁମ୍ରାଙ୍କ ଏହି ବୟାନ ତାଙ୍କ ଅବସର ନେବାର ସମ୍ଭାବନାକୁ ନେଇ ଚର୍ଚ୍ଚା ସୃଷ୍ଟି କରିଛି। ତାଙ୍କ ଅନୁପସ୍ଥିତିରେ ଭାରତୀୟ ଦଳର ବୋଲିଂ ଆକ୍ରମଣ ଉପରେ ଅଧିକ ଦାୟିତ୍ୱ ଆସିପାରେ। ବିଶେଷତଃ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଅବସର ପରେ ଶୁଭମନ ଗିଲଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ସିରିଜରେ ନୂଆ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ।

# ଆଗୁଆ ଇଂଲଣ୍ଡ ଯିବେ ରାହୁଲ

ନୂଆଦିଲ୍ଲୀ,୩୦।୫: ଆସନ୍ତା ୨୦ ତାରିଖରୁ ଆରମ୍ଭ ହେବାକୁ ଥିବା ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ପ୍ରସ୍ତୁତି କରିବା ପାଇଁ ଭାରତୀୟ ବ୍ୟାଟର ଲୋକେଶ ରାହୁଲ ଆଗୁଆ। ଇଂଲଣ୍ଡ ଟୁର କରିବେ। ରାହୁଲଙ୍କୁ ଭାରତୀୟ ଦଳର ଅନ୍ୟ ଖେଳାଳିଙ୍କ ସହ ଜୁନ ୬ ତାରିଖରେ ଟୁର କରିବାର ଥିଲା। ହେଲେ ସେ ଇଂଲଣ୍ଡ ଲାୟନ୍ସ ଓ ଭାରତ ଏ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଖେଳିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ଅନୁରୋଧ କରିଥିଲେ ରାହୁଲଙ୍କୁ ଗୁରୁବାର ରାତିରେ ବିସିସିଆଇ ପକ୍ଷରୁ ଗ୍ରୀନ ସିଗନାଲ ମିଳିଛି। ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ପୂର୍ବରୁ ମଧ୍ୟ ରାହୁଲ ଭାରତ ଏ ଦଳ ସହିତ ଅଷ୍ଟ୍ରେଲିଆ ଯାଇଥିଲେ ଇଂଲଣ୍ଡ ଲାୟନ୍ସ ବିପକ୍ଷ ପ୍ରଥମ ଅନଅଫିସିଆଲ ଟେଷ୍ଟ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ୬ ତାରିଖରୁ ନର୍ଥମ୍ପଟନଠାରେ ଖେଳାଯିବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ